

ଯଷ୍ଟିକାଙ୍କ ଲର୍ଡ୍ସ କୀର୍ତ୍ତିମାନ

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-19 ♦MONDAY ♦13 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୯ ♦ସୋମବାର ♦୧୩ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ମହାପ୍ରଭୁ ସୁସ୍ଥ; ଗଜପତିଙ୍କୁ ଜଣାଇଲେ ଦଇତାପତି

### ସରିଲା ରାଜପ୍ରସାଦ ବିଜେ, ଆଜି ଘଣା ଲାଗି

■ ପୁରୀ, ୧୨।୭ (ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ପବିତ୍ର ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ପରେ ଠାକୁର ଅସୁସ୍ଥ ହୋଇ ଅଣସର ଘରେ ରହିଛନ୍ତି। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି। ଇତିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲ, ଶୁଦ୍ଧସୁଆର ଦେଇଥିବା ଓଷୁଅ ଲାଗି ହେବା ପରେ ଶ୍ରୀବିଗ୍ରହ ଚକା ବିଜେ କରିଛନ୍ତି। ଖଳିଲାଗି ଏକାଦଶୀରେ ଦଶମୂଳ ମୋଦକ ସେବନ କରିବା ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ପତି ମହାପାତ୍ର ଓ ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଦାରୁବିଗ୍ରହଙ୍କ ସୁସ୍ଥ ଖବର ଜଣାଇଛନ୍ତି। ଏଥିସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ସୋମବାର ତ୍ରୟୋଦଶୀ ତିଥିରେ ଘଣା ଲାଗି କରାଯିବ।

ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ପ୍ରଦତ୍ତ ପାଟବସ୍ତ୍ର ପଡ଼ିଥିବା ରୁପା ଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡ଼ିଆରୀ ପକାଇଥିବା ପାହାଡ଼ା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, ▶ପୃଷ୍ଠା-୭

## ତରଳିଗଲା ଅମରନାଥ ବରଫ ଲିଙ୍ଗ ବାବା ବର୍ଫାନୀ

■ ଶ୍ରୀନଗର, ୧୨।୭ (ଏଜେନ୍ସି): ହିମାଳୟ ଅବବାହିକାରେ ଅବସ୍ଥିତ ପବିତ୍ର ଅମରନାଥ ଗୁମ୍ଫାର ପ୍ରାକୃତିକ ବରଫ ଲିଙ୍ଗ (ବାବା ବର୍ଫାନୀ) ଚଳିତ ବର୍ଷ ଅତି ଦ୍ରୁତ ଗତିରେ ତରଳି ଯାଉଥିବା ନେଇ ବୈଜ୍ଞାନିକ ଏବଂ ପରିବେଶବିତ୍‌ମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ୫୭ ଦିନିଆ ଏହି ପବିତ୍ର ଯାତ୍ରା ଆରମ୍ଭ ହେବାର ମାତ୍ର କେଇଟା ଦିନ ମଧ୍ୟରେ ବରଫ ଲିଙ୍ଗର ପ୍ରାୟ ୯୦ ପ୍ରତିଶତରୁ ଅଧିକ ଅଂଶ ତରଳି ସମ୍ପୂର୍ଣ୍ଣ ଗାଏବ ହେବା ସ୍ଥିତିକୁ ଚାଲିଆସିଛି। ୩,୮୮୮ ମିଟର ଉଚ୍ଚତାରେ ଅବସ୍ଥିତ ଏହି



ଗୁମ୍ଫାର ବରଫ ଲିଙ୍ଗ ପୂର୍ବରୁ ପ୍ରାୟ ଏକ ମାସ ଧରି ରହୁଥିବା ବେଳେ ଏଥର ମାତ୍ର ୧୫ ଦିନ ମଧ୍ୟରେ ଏହା ମିଳେଇ ଯାଇଛି।

ପରିବେଶ ବିଜ୍ଞାନୀ ଡକ୍ଟର ଏକଲବ୍ୟ ଶର୍ମା ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଡବ୍ଲ୍ୟୁ. ପାଣ୍ଡେଙ୍କ ଅନୁଯାୟୀ, ଏହାର ମୁଖ୍ୟ କାରଣ ହେଉଛି ବିଶ୍ୱ ତାପାୟନ (ଗ୍ଲୋବାଲ ୱାର୍ମି) ଏବଂ ଜଳବାୟୁ ପରିବର୍ତ୍ତନ। ସମଗ୍ର ହିମାଳୟ ଅଞ୍ଚଳ ବିଶ୍ୱର ହାରାହାରି ତାପମାତ୍ରା ତୁଳନାରେ ଅଧିକ ଦ୍ରୁତ ଗତିରେ ଗରମ ହେଉଛି, ଯାହାଦ୍ୱାରା ବରଫ ସ୍ତର ହ୍ରାସ ପାଉଛି। ▶ପୃଷ୍ଠା-୭

# ପ୍ରତିଶୋଧ ନିଆଁରେ ଜଳୁଛି ମଧ୍ୟପ୍ରାଚ୍ୟ

## ଇରାନ ଉପରେ ଆମେରିକାର ପ୍ରଚଣ୍ଡ ଆକ୍ରମଣ



### ଟାର୍ଗେଟରେ ୧୪୦ଟି ସ୍ଥାନ, ବ୍ୟାପକ କ୍ଷତି

### କୁଏତ, ବାହାରିନ, କତାର, ଜୋର୍ଡାନ ଉପରେ ଇରାନର ଜବାବୀ ହମ୍‌ଲା

### ଆମେରିକା ସାମରିକ ପ୍ରତିଷ୍ଠାନ ଧ୍ୱସ୍ତବିଧ୍ୱସ୍ତ

### ହର୍ମୁଜ ବନ୍ଦ କଲା ଇରାନ

■ ତେହରାନ/ୱାସିଂଟନ, ୧୨।୭ (ଏଜେନ୍ସି): କିଛିଦିନ ଶାନ୍ତ ରହିବା ପରେ ପୁଣି ପ୍ରତିଶୋଧର ନିଆଁରେ ଜଳିବାକୁ ଆରମ୍ଭ କରିଛି ମଧ୍ୟପ୍ରାଚ୍ୟ। ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇଙ୍କ ହତ୍ୟାର ପ୍ରତିଶୋଧ ନେବାଲାଗି ଇରାନ ଘୋଷଣା କରିବା ସହିତ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗ ହର୍ମୁଜକୁ ପୁଣି ବନ୍ଦ କରିଦେଇଛି। ଏହି ପଥ ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ କରିବାରୁ ଏଥିରେ କ୍ଷୁବ୍ଧ ହୋଇ ଆମେରିକା ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଗତରାତି ଓ ଆଜି ଆମେରିକା ପକ୍ଷରୁ ଇରାନର ୧୪୦ଟି ସ୍ଥାନ ଉପରେ କ୍ଷେପଣାସ୍ତ୍ର ଓ ବୋମା ମାଡ଼ କରାଯାଇଛି। ଏହାର ଜବାବରେ ଇରାନ ମଧ୍ୟ କୁଏତ, ବାହାରିନ, କତାର ଓ ଜର୍ଡାନରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ ପ୍ରବଳ କ୍ଷେପଣାସ୍ତ୍ର ଓ ବୋମାମାଡ଼ କରିଛି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ହର୍ମୁଜ ବନ୍ଦ ହୋଇଯାଇଥିବାରୁ ପୁଣି ଅଶୋଧିତ ତୈଳ ଦର ଉପରମୁହାଁ ହୋଇଛି।

ଇରାନ ସେନା ଦ୍ୱାରା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଏବଂ ହର୍ମୁଜ ସାମୁଦ୍ରିକ ପଥକୁ ବନ୍ଦ କରାଯିବା ପରେ ଗତକାଲି ରାତିରେ ଆମେରିକା ପକ୍ଷରୁ ଇରାନର ଅନେକ ସାମରିକ ଘାଟି ଉପରେ ଶକ୍ତିଶାଳୀ ବୋମା ବର୍ଷଣ କରାଯାଇଛି। ହର୍ମୁଜ ଦେଇ ଯାଉଥିବା ସାଇପ୍ରସର ଏକ ମାଲବାହୀ ଜାହାଜ ଉପରେ ଇରାନର ଆକ୍ରମଣ ଯୋଗୁଁ ଜାହାଜଟି ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ଶନିବାର ଭୋର ସମୟରୁ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଥିଲା। ଚଳିତ ସପ୍ତାହ ମଧ୍ୟରେ ଆମେରିକା ପକ୍ଷରୁ ଇରାନ ଉପରେ ଏହା ତୃତୀୟ ବଡ଼ ଆକ୍ରମଣ। ଆମେରିକାର ପ୍ରତିରକ୍ଷା ସଚିବ କହିଛନ୍ତି ଯେ ଇରାନ ଭୁଲ ନିଷ୍ପତ୍ତି ନେଇଛି ଏବଂ ଏବେ ତାକୁ ଏହାର ପରିଣାମ ଭୋଗିବାକୁ ପଡ଼ିବ। ସରକାରୀ ଗଣମାଧ୍ୟମ ଅନୁଯାୟୀ, ବୁସେହର, ଆସାଲୁୟେ ଏବଂ ଚାବାହାର ନିକଟରେ ଶକ୍ତିଶାଳୀ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି।

ଇରାନ ମଧ୍ୟ ଜବାବୀ ହମଲା କରିଛି। ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। କୁଏତ, ବାହରିନ, କାତାର ଏବଂ ଜୋର୍ଡାନରେ ଥିବା ଆମେରିକା ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ବିସ୍ଫୋରଣରେ ଏହି ଅଞ୍ଚଳ ଥରି ଉଠିଛି। ଆକ୍ରମଣରେ ଆମେରିକାର ପ୍ରତିରକ୍ଷା ପ୍ରତିଷ୍ଠାନ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ▶ପୃଷ୍ଠା-୭



### ଆନ୍ଧ୍ରପ୍ରଦେଶରେ ହାଇଆଲର୍ଟ

## ଆଉ ଜଣଙ୍କ ମୁଣ୍ଡ ନେଲା କରୋନା

### ୭ ଦିନରେ ଦ୍ୱିତୀୟ ମୃତ୍ୟୁ

### ଆହୁରି ୮ ରୋଗୀ ଚିହ୍ନଟ

■ କଡ଼ପା, ୧୨।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ୱାଇଏସ୍ଆର୍ କଡ଼ପା ଜିଲ୍ଲାରେ କରୋନାରେ ଆଜି ଆଉ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ରାଜ୍ୟରେ ଗତ ଏକ ସପ୍ତାହ ମଧ୍ୟରେ ଏହା ହେଉଛି ଦ୍ୱିତୀୟ କରୋନା ମୃତ୍ୟୁ। ଏହାସହିତ ଆହୁରି ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ରାଜ୍ୟରେ ଆତଙ୍କଜନିତ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ରାଜ୍ୟ ସରକାର ସମସ୍ତ ଡାକ୍ତରଖାନାକୁ ଆଲର୍ଟ ରହିବାକୁ କହିଛନ୍ତି।

କୋଭିଡ୍-୧୯ ସଂକ୍ରମଣ ଦେଖାଦେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କଡ଼ପାର ରାଜାମ୍ପେଟ ଅଞ୍ଚଳର ଜଣେ ୫୨ ବର୍ଷୀୟ ବ୍ୟକ୍ତି ଏବଂ ଅନ୍ୟ ଜଣେ ୪୩ ବର୍ଷୀୟ ବ୍ୟକ୍ତି ଜ୍ୱର ଓ କାଶରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏହାବ୍ୟତୀତ କଡ଼ପା ମେଡିକାଲ କଲେଜର ଜଣେ ୨୫ ବର୍ଷୀୟ ଛାତ୍ର ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇ ଗୃହ ସଙ୍ଗରୋଧ (ହୋମ୍ ଆଇସୋଲେସନ୍)ରେ ଅଛନ୍ତି। ନୂତନ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୪୦ ଜଣଙ୍କ ନମୁନା ସଂଗ୍ରହ କରିଛନ୍ତି। ଭୂତାଣୁର ପ୍ରକାର ଓ ସଂକ୍ରମଣର ଶୈଳୀ ଜାଣିବା ପାଇଁ ଏହି ନମୁନାଗୁଡ଼ିକୁ ଜିନୋମ ସିକ୍ୱେନ୍ସିଂ ପାଇଁ ପୁଣେ ପଠାଯାଇଛି। ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ସବିତା ଏହି ସ୍ଥିତିର ସମୀକ୍ଷା କରି ଜିଲ୍ଲାପାଳ ସିଏଚ୍ ଶ୍ରୀଧରଙ୍କୁ ସଂକ୍ରମଣ ରୋକିବା ପାଇଁ ତୁରନ୍ତ ▶ପୃଷ୍ଠା-୭

## ଦଳିତ ନାବାଳିକାକୁ ଘରୁ ଉଠାଇନେଇ ଗଣଦୁଷ୍କର୍ମ

### ପ୍ରମାଣ ନଷ୍ଟ ପାଇଁ ତଣ୍ଟି ଚିପି ହତ୍ୟା ଉଦ୍ୟମ; ୨ ଗିରଫ

■ ଭଦ୍ରକ/ତିହିଡ଼ି, ୧୨।୭ (ସମିସ): ଦିନକୁ ଦିନ ରାଜ୍ୟରେ ନାବାଳିକା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ, ପୁଣି ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଞ୍ଚଳରୁ। ଜଣେ ଦଳିତ ନାବାଳିକାକୁ ରାତି ଅଧରେ ଘରୁ ଉଠାଇ ଗଣଦୁଷ୍କର୍ମ କରାଯାଇଛି। ଏହି ଅଭାବନୀୟ କାଣ୍ଡ ଘଟିଛି ତିହିଡ଼ି ଥାନା ଅଧୀନ ନନ୍ଦପୁର ଅଞ୍ଚଳରେ।



ଅଭିଯୋଗ ଅନୁଯାୟୀ, ରାତି ଅଧରେ ଘରୁ ଏକ ନିରୀହ ଦଳିତ ନାବାଳିକାକୁ ଜୋର୍‌ଜବରଦସ୍ତ ଟେକି ନେଇ ଦୁଇ ଜଣ ଯୁବକ ଗଣଦୁଷ୍କର୍ମ କରିଥିଲେ। ଏତିକିରେ ନରରାକ୍ଷସଙ୍କ ମନ ଭରି ନ ଥିଲା। ନାବାଳିକା ଜଣକ ଚିତ୍କାର କରିବାରୁ ପ୍ରମାଣ ନଷ୍ଟ କରିବା ପାଇଁ ତା' ତଣ୍ଟି ଚିପି ହତ୍ୟା କରିବାକୁ ମଧ୍ୟ ଯୋଜନା କରିଥିଲେ। ତେବେ ଠିକ୍ ସେତିକି ବେଳେ ଦେବଦୂତ ସାଜି ପହଞ୍ଚିଥିଲେ ସ୍ଥାନୀୟ କିଛି ଯୁବକ। ଘଟଣାସ୍ଥଳରୁ ଅଭିଯୁକ୍ତ ଦୌଡ଼ି ପଳାଇ ଯାଉଥିବା ଦେଖି ଯୁବକମାନେ ଦୁହିଁଙ୍କୁ କାବୁ କରିନେଇଥିଲେ। ନାବାଳିକାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ ତୁରନ୍ତ ତିହିଡ଼ି ପୁଲିସକୁ ଖବର ଦେଇଥିଲେ। ଏହି ବର୍ବର କାଣ୍ଡ ଘଟାଇଥିବା ଦୁଇ ଅଭିଯୁକ୍ତ ହେଉଛନ୍ତି ଚନ୍ଦନ କୁମାର ରାୟ (୨୧) ଓ ମନୋରଞ୍ଜନ ମଲ୍ଲିକ(୨୨)। ଚନ୍ଦନର ଘର ବିହାରରେ ବୋଲି ଜଣାପଡ଼ିଥିବା ବେଳେ, ଅନ୍ୟ ଜଣେ ଅଭିଯୁକ୍ତ ମନୋରଞ୍ଜନର ▶ପୃଷ୍ଠା-୭

## ନିଷ୍କ୍ରିୟ ହେଉଛି ମୌସୁମୀ

### ବର୍ଷା ପାଇଁ ଆବଶ୍ୟକ ଲଘୁଚାପ

■ ଭୁବନେଶ୍ୱର, ୧୨।୭ (ସମିସ): ରାଜ୍ୟରେ ବର୍ଷାକୁ ନେଇ ପୁଣି ଆଶଙ୍କା ସୃଷ୍ଟି ହୋଇଛି। ଗତ ଲଘୁଚାପ ପ୍ରଭାବରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ଭରଣା ହୋଇ ସ୍ୱାଭାବିକ ତୁଳନାରେ ବର୍ଷା ଅଧିକ ବଢ଼ିଥିଲା। ହେଲେ ଏବେ ରାଜ୍ୟରେ ପୁଣି ମୌସୁମୀ ଦୁର୍ବଳ ହୋଇଥିବା ଯୋଗୁଁ ରବିବାର ସାରା ରାଜ୍ୟରେ ଖରାଟିଆ ପାଗ ସାଙ୍ଗକୁ ଆକାଶ ନିର୍ମଳ ରହିଛି। ଏବେ ମୌସୁମୀ ନିମ୍ନ ଚାପରେଖା ହିମାଳୟ ପାଦଦେଶ ମୁହାଁ ହୋଇଥିବାରୁ ଏହା ମୌସୁମୀ ବ୍ରେକ୍ ସ୍ଥିତିର ଲକ୍ଷଣକୁ ଦର୍ଶାଉଛି। ତେଣୁ ମୌସୁମୀ ସକ୍ରିୟ ହେବାକୁ ହେଲେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ଏପରି ସ୍ଥିତିରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। କାରଣ ପ୍ରଥମେ ୧୪ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ନେଇ ଆକଳନ କରାଯାଉଥିବା ବେଳେ ଏବେ ଧୀରେ ଏହି ସମ୍ଭାବନା କ୍ଷୀଣ ହେଉଛି। ଏବେ କେବଳ ଜିଏଫ୍ଏସ୍ ମଡେଲ୍ ହିଁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ/ଲଘୁଚାପ ସୃଷ୍ଟି ନେଇ ଆକଳନ କରୁଥିବା ବେଳେ ଯଦି ଏହା ହୁଏ ତେବେ ୧୬ ତାରିଖ ବେଳକୁ ଘୂର୍ଣ୍ଣିବଳୟ ହେବା ନେଇ ପୂର୍ବାନୁମାନ କରାଯାଉଛି।

ସାଧାରଣତଃ ମୌସୁମୀ ବ୍ରେକ୍ ସମୟରେ ଖରାଟିଆ ପାଗ ସାଙ୍ଗକୁ ଉପକୂଳରେ ଗୁଳୁଗୁଳି ମଧ୍ୟ ଅନୁଭୂତ ହୋଇଥାଏ। ଏହି ସମୟରେ ପଶ୍ଚିମାଝଡ଼ ସକ୍ରିୟ ହେଲେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ▶ପୃଷ୍ଠା-୭

### ୨୦ରୁ ସଂସଦର ମୌସୁମୀ ଅଧିବେଶନ

## ୧୯ରେ ସର୍ବଦଳୀୟ ବୈଠକ

■ ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଜୁଲାଇ ୨୦ରୁ ଅନୁଷ୍ଠିତ ହେବ ସଂସଦର ମୌସୁମୀ ଅଧିବେଶନ। ଏହାର ଅବ୍ୟବହିତ ପୂର୍ବରୁ ୧୯ ତାରିଖରେ ସର୍ବଦଳୀୟ ବୈଠକ ବସିବ। ସୂଚନା ଅନୁସାରେ ଏହି ଅଧିବେଶନରେ କେନ୍ଦ୍ର ସରକାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାର ସମ୍ଭାବନା ରହିଛି। ଯଦିଓ ସରକାର ଏପର୍ଯ୍ୟନ୍ତ ଅଧିକୃତ ଭାବେ 'ଲିଷ୍ଟ ଅଫ୍ ବିଜନେସ୍' ବା ଚୂଡ଼ାନ୍ତ ବିଧାନଗତ କାର୍ଯ୍ୟସୂଚୀ ପ୍ରକାଶ କରିନାହାନ୍ତି; ତଥାପି ଏହି ଅଧିବେଶନରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ▶ପୃଷ୍ଠା-୭

## ବିଜେଡି ସଂସଦୀୟ ଦଳ ବୈଠକ ଆଜି

■ ଭୁବନେଶ୍ୱର, ୧୨।୭ (ସମିସ): ଜୁଲାଇ ୨୦ରୁ ଆରମ୍ଭ ହେବାକୁଥିବା ମୌସୁମୀ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ବସିବ ବିଜେଡ଼ି ସଂସଦୀୟ ଦଳ ବୈଠକ। ଦଳର ସଂସଦୀୟ ବୋର୍ଡ ଅଧ୍ୟକ୍ଷ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ସନ୍ଧ୍ୟାରେ ନବୀନ ନିବାସରେ ଏହି ବୈଠକ ଅନୁଷ୍ଠିତ ହେବ। ଆସନ୍ତା ମୌସୁମୀ ଅଧିବେଶନରେ ଦଳର ରଣନୀତି ଓ ରାଜ୍ୟ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଦଳୀୟ ସାଂସଦମାନଙ୍କ ସହ ଆଲୋଚନା କରିବେ। ବିଭିନ୍ନ ଯୋଜନାରେ ▶ପୃଷ୍ଠା-୭

### ମର୍ମନ୍ତୁଦ ଦୁର୍ଘଟଣା

## ବାପା ଓ ଦୁଇ ପୁଅ ମୃତ, ମା' ସହ ୨ ଗୁରୁତର

■ ଉମରକୋଟ/ରାଇଘର,୧୨।୭ (ସମିସ): ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ବାପା ଓ ଦୁଇ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଓ ଅନ୍ୟ ଜଣେ ପୁଅ ଗୁରୁତର ହୋଇଛି। ଗୁରୁତର ମା' ଓ ପୁଅକୁ ପ୍ରଥମେ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଟି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେଓଭରଣ୍ଡୀ ଠାରେ ଘଟିଛି।

ସୂଚନା ଅନୁଯାୟୀ, ଏକ ଟ୍ରକ ୪୦ ନମ୍ବର ରାଜ୍ୟ ରାଜପଥରେ ରାଇଘରରୁ କୁନ୍ଦେଇ ଯାଉଥିବା ବେଳେ ବାଇକ୍‌ରେ ଗୋଟିଏ ପରିବାରର ବାପା, ମା' ଓ ତିନି ପୁଅ ଯାଉଥିଲେ। ଏହି ସମୟରେ ଟ୍ରକ୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାପା ବଳରାମ ଗଣ୍ଡ, ପୁଅ ପ୍ରଦୀପ ଗଣ୍ଡ ଓ ତୁଷାର ଗଣ୍ଡଙ୍କ ମୃତ୍ୟୁ ଘଟିଥିଲା। ବାଇକ୍‌ଟି ଟ୍ରକ ଚକାତଳେ ଚାପି ହୋଇ ବହୁ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର୍ ହୋଇଯାଇଛି। କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିବା ବେଳେ ଯାତାୟାତରେ ବାଧା ଉପୁଜିଛି।

## କଣାସ ଅଞ୍ଚଳରେ ଝାଡ଼ାବାନ୍ତି; ଜଣେ ମୃତ

■ କଣାସ, ୧୨।୭ (ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟା ନଦୀର ଜଳ ଭୁବନେଶ୍ୱର ଗଙ୍ଗୁଆ ନାଳର ବିଷାକ୍ତ ଫଳରେ କଣାସ ଅଞ୍ଚଳରେ ଝାଡ଼ାବାନ୍ତି ବର୍ଷସାରା ଲାଗିରହୁଛି। ରବିବାର ଏହି ଝାଡ଼ାବାନ୍ତିରେ ଜଣକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ସିରେଇ ଗ୍ରାମ ପଞ୍ଚାୟତ ସୁଧାଘର ଗ୍ରାମର ସୁମିତ୍ରା ମହାପାତ୍ର।



ପ୍ରକାଶ ଯେ, ସୁମିତ୍ରା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। କିନ୍ତୁ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ସୁମିତ୍ରାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପୁତ୍ର ରମାକାନ୍ତ ମହାପାତ୍ର ଅଭିଯୋଗ କରିଛନ୍ତି। ଫଳରେ କିଛି ସମୟ ଡାକ୍ତରଖାନାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ଦିନ ତଳେ ମଧ୍ୟ ଗୋଲୋରା ଗ୍ରାମର ଜଣେ ମହିଳାଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିଲା। ଗତ ବର୍ଷ ମଧ୍ୟ ୨ମାସ ଧରି ଝାଡ଼ାବାନ୍ତି ଲାଗି ରହିବା ଫଳରେ ୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଯାହାକି ଜିଲ୍ଲା ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଥିଲା। ପାନୀୟ ଜଳ ସମସ୍ୟାକୁ ନେଇ ପ୍ରତ୍ୟେକ ଗ୍ରାମରେ ଝାଡ଼ାବାନ୍ତି ଲାଗି ରହୁଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

# ଋଣ ଯନ୍ତାରେ ଭାରତ

### ବୈଦେଶିକ ଋଣ ଟପିଲା ୭୨ ଲକ୍ଷ କୋଟି

■ ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଭାରତ ପାଞ୍ଚ ଟ୍ରିଲିଅନ ଡଲାର ଅର୍ଥନୀତି ପାଇଁ ପଥ ପ୍ରସ୍ତୁତ କରୁଛି। ଖୁବ୍‌ଶୀଘ୍ର ଏହା ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି ଦାବି କରାଯାଉଛି। ମାତ୍ର ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଭାରତର ଆର୍ଥିକ ସ୍ୱାସ୍ଥ୍ୟ ଯେ ଆଦୌ ସୁସ୍ଥ ନୁହେଁ, ତାହା ପ୍ରମାଣିତ କରିଛି। ସମ୍ପ୍ରତି ଦେଶର ମୋଟ ଋଣ ପରିମାଣ ୨ ଟ୍ରିଲିଅନ ଡଲାର ଅତିକ୍ରମ କରିଛି। ଅନ୍ୟପକ୍ଷରେ ଭାରତର ବୈଦେଶିକ ଋଣ ପରିମାଣ ୭୨ ଲକ୍ଷ କୋଟି ଟଙ୍କା ଟପିଯାଇଛି। ୨୦୧୪ରେ ଭାରତର ବୈଦେଶିକ ଋଣ ପରିମାଣ ୪୪ ଲକ୍ଷ କୋଟି ଟଙ୍କା ଥିବାବେଳେ ଇତିମଧ୍ୟରେ ଏହି ପରିମାଣ ପ୍ରାୟ ୭୦% ବୃଦ୍ଧି ପାଇ ୭୨ ଲକ୍ଷ କୋଟିରେ ପହଞ୍ଚିଛି।

ଭାରତୀୟ ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଦେଶର ମୋଟ ବାହ୍ୟ ଋଣ ୭୬୨.୮ ବିଲିୟନ ଡଲାର (ପ୍ରାୟ ୭୨.୧୫ ଲକ୍ଷ କୋଟି ଟଙ୍କା)ରେ ପହଞ୍ଚିଛି। ଗତ ମାର୍ଚ୍ଚ ଶେଷ ସୁଦ୍ଧା ପୂର୍ବ ବର୍ଷ ତୁଳନାରେ ଭାରତର ବାହ୍ୟ ଋଣ ପରିମାଣରେ ୨୬.୩ ବିଲିୟନ ଡଲାର ବୃଦ୍ଧି ପାଇଛି। ପୂର୍ବବର୍ଷ ଏହି ଋଣ ପରିମାଣ ଦେଶର ଜିଡିପି ତୁଳନାରେ ୧୯.୮% ଥିବାବେଳେ ଗତ ଆର୍ଥିକ ବର୍ଷ ଶେଷ ଅର୍ଥାତ୍ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଏହା ୨୦.୮%ରେ ପହଞ୍ଚିଛି। ଏହି ଋଣ ପରିମାଣ ବୃଦ୍ଧି ପଛରେ ବିଶେଷ ଭାବରେ ଘରୋଇ କ୍ଷେତ୍ରର ଆବଶ୍ୟକତା ଥିବା କୁହାଯାଉଛି। ସେହିପରି ଏକ ବର୍ଷ କିମ୍ବା ତା'ଠାରୁ କମ୍ ସମୟର ପରିପକ୍ୱତା ଥିବା ସ୍ୱଳ୍ପକାଳୀନ ବାହ୍ୟ ଋଣର ଅଂଶ ୧୯.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ୧୮.୩ ପ୍ରତିଶତ ଥିଲା। ଅର୍ଥନୀତିଜ୍ଞମାନଙ୍କ ମତରେ ସ୍ୱଳ୍ପକାଳୀନ ଋଣକୁ ଅଧିକ ସମ୍ବେଦନଶୀଳ ବୋଲି ବିବେଚନା କରାଯାଏ। ଏକ ସଂକ୍ଷିପ୍ତ ସମୟ ମଧ୍ୟରେ ଏହାକୁ ପରିଶୋଧ କରିବାକୁ ପଡୁଥିବାରୁ ଏହା ଦେଶର ଅର୍ଥନୀତି ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଥାଏ। ଯଦି ବିଶ୍ୱ ପରିସ୍ଥିତି ଖରାପ ହୁଏ, କିମ୍ବା ବିଦେଶୀ ପାଣ୍ଠି ମହଙ୍ଗା ହୁଏ, ତେବେ ଏପରି ଋଣର ଚାପ ଦ୍ରୁତ ଗତିରେ ବୃଦ୍ଧି ପାଇପାରେ।

### ୧୨ ବର୍ଷରେ ୭୨% ବୃଦ୍ଧି

ତେବେ ସ୍ୱସ୍ତିକାତର ବିଷୟଟି ହେଉଛି ବର୍ତ୍ତମାନ ଭାରତର ମୋଟ ଅର୍ଥନୀତି ବା ସକଳ ଘରୋଇ ଉତ୍ପାଦ (ଜିଡ଼ିପି) ପ୍ରାୟ ୩୪୬.୩୬ ଲକ୍ଷ କୋଟି ଟଙ୍କା (ପ୍ରାୟ ୩.୬୭ ଟ୍ରିଲିୟନ ଡଲାର)। ତେଣୁ ସାଧାରଣ ଭାବରେ ଦେଖିଲେ ଦେଶର ଜିଡିପି ତୁଳନାରେ ଋଣର ଅନୁପାତ ୫୮% ପ୍ରତିଶତ। ଅର୍ଥନୀତିବିଦ୍‌ମାନଙ୍କ ମତରେ ଏହିସ୍ତରର ଚିନ୍ତାର ବିଷୟ ହେଲେ ମଧ୍ୟ ଏହାକୁ ତୁରନ୍ତ ସଙ୍କଟ ବୋଲି କୁହାଯାଇପାରିବ ନାହିଁ। ମାତ୍ର ଯଦି ଋଣ ବଢ଼ିଚାଲେ ଓ ଅର୍ଥନୈତିକ ଅଭିବୃଦ୍ଧି ମନ୍ଥର ହୁଏ, ତେବେ ପରିସ୍ଥିତି ସଙ୍ଗିନ ହୋଇପାରେ। ବିଶେଷକରି ପଶ୍ଚିମ ଏସିଆରେ ଇରାନ୍ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣ ପରେ ଦେଶର ତୈଳ କ୍ଷେତ୍ର ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ଯୋଗୁଁ ଭାରତ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ।

ଅନ୍ୟପକ୍ଷରେ ଜିଡ଼ିପି ଓ ଋଣ ଅନୁପାତକୁ ନେଇ ସରକାର ଆଦୌ ବ୍ୟସ୍ତ ନ ଥିବା କୁହାଯାଉଛି। ଆମେରିକାର ଋଣ ପରିମାଣ ଜିଡିପିର ୧୨୦%, ଫ୍ରାନ୍ସର ୧୧୦% ଓ ବ୍ରିଟେନ୍‌ର ୧୦୦ ପ୍ରତିଶତ ରହିଛି। ମାତ୍ର ସେହି ଦେଶଗୁଡ଼ିର ଋଣ ପରିମାଣ ଅଧିକ ଥିଲେ ହେଁ ସମ୍ପୃକ୍ତ ଦେଶର ଅଧିବାସୀଙ୍କ ▶ପୃଷ୍ଠା-୭

# ପାହାଡ଼ିଆ ଅଞ୍ଚଳରେ ପ୍ରକୃତିର ତାଣ୍ଡବ

**ଶ୍ରୀନଗର/ଡେହରାଡୁନ,୧୨।୭(ଏଜେନ୍ସି):** ଦେଶର ପାର୍ବତ୍ୟାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ବନ୍ୟା ଏବଂ ଭୂସ୍ଖଳନ ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଜମ୍ମୁ-କାଶ୍ମୀରର ପହଲଗାମଠାରେ ହଠାତ ବାଦଲଫଟା ସୃଷ୍ଟି ହୋଇଛି। ଏହି କାରଣରୁ ପାହାଡ଼ ଉପରୁ ପ୍ରଖର ସ୍ରୋତରେ ପାଣି ମାଡ଼ିଆସି ବହୁ ଚାଷଜମିକୁ ନଷ୍ଟ କରିଦେଇଛି। ଏହାସହ ଅନେକ ପ୍ରମୁଖ ରାସ୍ତା ଧୋଇଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

**କାଶ୍ମୀରରେ ବାଦଲଫଟା ବର୍ଷା, ଉତ୍ତରାଖଣ୍ଡରେ ଭୂସ୍ଖଳନ**
**ପହଲଗାମ ଅଞ୍ଚଳରେ ଜଳ ପ୍ରଳୟ, ରାସ୍ତା ନଷ୍ଟ**
**ଦେଶର ୭୦% ଅଞ୍ଚଳରେ ମୌସୁମୀ ଦୁର୍ବଳ**



ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅପରପକ୍ଷରେ ଉତ୍ତରାଖଣ୍ଡରେ ଭୂସ୍ଖଳନ ଯୋଗୁଁ ଏକ ଜଳବିଦ୍ୟୁତ ପ୍ରକଳ୍ପ ସ୍ଥଳରେ ଅନେକ ଗାଡ଼ି ଓ ଯନ୍ତ୍ରପାତି ପୋତି ହୋଇଯାଇଛି। ଜମ୍ମୁ-କାଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପହଲଗାମରେ ହୋଇଥିବା ବାଦଲଫଟା ବର୍ଷା ଯୋଗୁଁ ପାର୍ବତ୍ୟାଞ୍ଚଳରେ ଜଳପ୍ରଳୟ ପରିସ୍ଥିତି ଉତ୍ତରାଖଣ୍ଡର ବିକାଶନଗର ଅଞ୍ଚଳରେ ଥିବା ଲଖୱାର ଜଳବିଦ୍ୟୁତ ପ୍ରକଳ୍ପ ନିକଟରେ ମଧ୍ୟ ଭୟଙ୍କର ପ୍ରକୃତିର କୋପ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ଯୋଗୁଁ ପାହାଡ଼ର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିବାରୁ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଥିବା ଅନେକ ନିର୍ମାଣ ଯନ୍ତ୍ରପାତି ଏବଂ ଗାଡ଼ି ଗୁଡ଼ିକ ପଥର ଓ ମାଟି ଗଦା ତଳେ ପୋତି ହୋଇଯାଇଛି। ସୌଭାଗ୍ୟବଶତଃ ଏଥିରେ କୌଣସି ପ୍ରାଣହାନିର ସୂଚନା ମିଳିନାହିଁ, ମାତ୍ର ବ୍ୟାପକ ସାମଗ୍ରୀକ କ୍ଷୟକ୍ଷତି ଘଟିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଦେଶର ଅଧିକାଂଶ ଭାଗରେ ମୌସୁମୀ ବାୟୁ ଦୁର୍ବଳ ହେବାରେ ଲାଗିଛି। ବଙ୍ଗୋପସାଗରରେ କୌଣସି ସକ୍ରିୟ ଲଘୁଚାପ ସୃଷ୍ଟି ହୋଇନଥିବାରୁ ପ୍ରାୟ ୭୦% ଅଞ୍ଚଳରୁ ବାଦଲ ସରିବାରେ ଲାଗିଛି। ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ରାଜସ୍ଥାନ, ଦିଲ୍ଲୀ, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ମହାରାଷ୍ଟ୍ରରେ ବିଶେଷ ବର୍ଷାର ସମ୍ଭାବନା ନାହିଁ। ବର୍ଷା କମିବା ଯୋଗୁଁ ଉତ୍ତର ଭାରତର କେତେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି ଏବଂ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟପଟେ, ବର୍ଷା ପରେ ପାର୍ବତ୍ୟ ସହର ଶିମଲା, ଋଷିକେଶ ଏବଂ ଛତିଶଗଡ଼ର ଯଶପୁର ଅଞ୍ଚଳରେ ପ୍ରବଳ କୁହୁଡ଼ି ଦେଖିବାକୁ ମିଳିଛି। କୁହୁଡ଼ି ଯୋଗୁଁ ଦୃଶ୍ୟମାନ ଦୂରତା ବହୁତ କମିଯାଇଥିବାରୁ ଗାଡ଼ି ଚଳାଚଳ ଏବଂ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି।

**ପୂର୍ବତନ ସିଇସିଙ୍କ ପୁସ୍ତକରେ ଚାଞ୍ଚଲ୍ୟକର ତଥ୍ୟ**

## ଆତ୍ମହତ୍ୟା କରିବାକୁ କହିଥିଲେ ମନମୋହନ ସିଂହ



**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଶାନ୍ତ ସ୍ୱଭାବ ଏବଂ ଗମ୍ଭୀର ବ୍ୟକ୍ତିତ୍ୱ ପାଇଁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ଲୋକପ୍ରିୟ। କିନ୍ତୁ ଦେଶର ସାମ୍ବିଧାନିକ ସଂସ୍ଥାର ଗାରିମା ରକ୍ଷା ପାଇଁ ସେ କେତେ ସମ୍ବେଦନଶୀଳ ଥିଲେ, ତାହା ଏବେ ସାମ୍ନାକୁ ଆସିଛି। ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଏସୱାଇ କୁରୈଶିଙ୍କ ପୁସ୍ତକ "ଇଣ୍ଡିଆ ଆଣ୍ଡ ଆଇ: ଏ ହଣ୍ଡରେଡ୍ ମେମୋଏର୍ସ, ନଟ୍ ଏ ମେମୋଏର୍'ରେ ୨୦୧୨ର ଏକ ଚକିତ କଲାଭଳି ଘଟଣା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ୨୦୧୨ରେ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ସମୟରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ମୁସଲମାନମାନଙ୍କ ପାଇଁ ସଂରକ୍ଷଣ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିଜେପିର ଅଭିଯୋଗ ଆଧାରରେ ନିର୍ବାଚନ କମିସନ ଖୁର୍ସିଦଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏନେଇ କିଛି କଂଗ୍ରେସ ନେତା ନିର୍ବାଚନ କମିସନଙ୍କୁ ଅହଂକାରୀ ଏବଂ ସ୍ୱେଚ୍ଛାଚାରୀ ବୋଲି କହି ସମାଲୋଚନା କରିଥିଲେ। ନିର୍ବାଚନ କମିସନଙ୍କ ବିରୋଧରେ ହେଉଥିବା ଏପରି ଟିପ୍ପଣୀରେ କୁରୈଶି ମର୍ମାହତ ହୋଇଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ପ୍ରେସ ସେକ୍ରେଟାରୀ ହରିଶ ଖାରେଙ୍କ ନିକଟରେ ନିଜ ଅସନ୍ତୋଷ ଜାହିର କରିଥିଲେ। ପରଦିନ ହିଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କୁରୈଶିଙ୍କୁ ଫୋନ କରି ସାକ୍ଷାତ କରିବାକୁ କହିଥିଲେ। କୁରୈଶିଙ୍କ କହିବା ଅନୁସାରେ, ସାକ୍ଷାତ ସମୟରେ ଡ. ସିଂହ ଅତ୍ୟନ୍ତ ବ୍ୟଗ୍ର ଥିବାପରି ଜଣାପଡୁଥିଲେ। ସେ କହିଥିଲେ, "ଯଦି ଆପଣ ଏହି ସମାଲୋଚନା ପଛରେ ମୋର ସହମତି ଅଛି ବୋଲି ଭାବୁଛନ୍ତି, ତେବେ ମୁଁ ଆତ୍ମହତ୍ୟା କରିବି'। ପ୍ରଧାନମନ୍ତ୍ରୀଙ୍କ ମୁହଁରୁ ଏପରି କଥା ଶୁଣି କୁରୈଶି ସ୍ତବ୍ଧ ହୋଇଯାଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ତାଙ୍କର ଅସନ୍ତୋଷ କିଛି ମନ୍ତ୍ରୀଙ୍କ ଆଚରଣ ପାଇଁ ଥିଲା, ପ୍ରଧାନମନ୍ତ୍ରୀଙ୍କ ପ୍ରତି ନୁହେଁ। ଏହି ସାକ୍ଷାତକାର ପରେ ନିର୍ବାଚନ କମିସନଙ୍କ ବିରୋଧରେ ସମସ୍ତ ଅପପ୍ରଚାର ଓ ଟିପ୍ପଣୀ ତୁରନ୍ତ ବନ୍ଦ ହୋଇଯାଇଥିଲା।



## ନୂଆ ଭୋଟର ପଞ୍ଜୀକରଣ ପାଇଁ ପିତାମାତାଙ୍କ ଏସ୍ଆଇଆର୍ ଜରୁରୀ

**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ବର୍ତ୍ତମାନଠାରୁ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଆବେଦନକାରୀମାନଙ୍କୁ ସେମାନଙ୍କ ପିତାମାତାଙ୍କର 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' (ଏସ୍ଆଇଆର୍) ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବାକୁ ପଡ଼ିବ। ଅନଲାଇନ୍ ଭୋଟର ପଞ୍ଜୀକରଣ ସମୟରେ ଏହି ଘୋଷଣାନାମାକୁ ନିର୍ବାଚନ କମିଶନ ବାଧ୍ୟତାମୂଳକ କରିଛନ୍ତି। ପ୍ରଥମ ଥର ପାଇଁ ଭୋଟର ପାଇଁ ଆବେଦନ କରୁଥିବା ନାଗରିକମାନେ ଫର୍ମ-୬ରେ ଏହି ଦଲିଲକୁ ଯୋଗ କରିବାକୁ ସର୍ତ୍ତ ରଖାଯାଇଛି। ଅନଲାଇନ୍ ଫର୍ମ-୬ରେ ଏହି ସୂଚନା ନ ଦେଲେ ଆବେଦନକାରୀ ପଞ୍ଜୀକରଣ କରିପାରିବେ ନାହିଁ ବୋଲି ଜଣାପଡ଼ିଛି। ଫର୍ମର ପାର୍ଟ-ଜେ ଏବଂ ପାର୍ଟ-କେ ମଧ୍ୟରେ ଏହି ନୂତନ ବିଭାଗଟି ଅନ୍ତର୍ଭୁକ୍ତ କରାଯାଇଛି। ଅନଲାଇନ୍ ଆବେଦନ ସମୟରେ ନୂତନ ଭୋଟରଙ୍କୁ ୩ଟି ବିକଳ୍ପ ମଧ୍ୟରୁ ଗୋଟିଏ ଚୟନ କରିବାକୁ ହେବ। ଯେପରିକି ପୂର୍ବ ଏସ୍ଆଇଆର୍ ଭୋଟର ତାଲିକାରେ ଆବେଦନକାରୀଙ୍କ ନିଜ ନାମ କିମ୍ବା ପୂର୍ବ ଏସ୍ଆଇଆର୍ ତାଲିକାରେ ପିତାମାତା କିମ୍ବା ଜେଜେବାପା/ମା'ଙ୍କ ନାମ କିମ୍ବା ପୂର୍ବ ତାଲିକାରେ ଆବେଦନକାରୀ କିମ୍ବା ତାଙ୍କ ପିତାମାତାଙ୍କ ନାମର ବିବରଣୀ ଦେବାକୁ କୁହାଯାଇଛି। ଆବେଦନକାରୀ ପ୍ରଥମ ୨ଟି ବିକଳ୍ପ ମଧ୍ୟରୁ କୌଣସିଟିକୁ ବାଛିଲେ, ସେମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ, ମତଦାନ କେନ୍ଦ୍ର (ବୁଥ୍) ନମ୍ବର ଏବଂ ସିରିଏଲ୍ ନମ୍ବର ପ୍ରଦାନ କରିବାକୁ ହେବ। ଏହି ନୂତନ ବ୍ୟବସ୍ଥା ସର୍ବପ୍ରଥମେ ଗତ ବର୍ଷ ଜୁନ୍‌ରେ ବିହାରରେ ପ୍ରଚଳନ କରାଯାଇଥିଲା। ବର୍ତ୍ତମାନ ଏହାକୁ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ କରାଯାଉଛି। ପୂର୍ବରୁ ଫର୍ମ-୬ରେ ପରିବାରର ଅନ୍ୟ ସଦସ୍ୟଙ୍କ ଭୋଟର ନମ୍ବର ମଗାଯାଉଥିଲା। କିନ୍ତୁ ଏବେ ଏସ୍ଆଇଆର୍ ବିବରଣୀକୁ ବାଧ୍ୟତାମୂଳକ କରାଯାଇଛି।

## ଆମରଣ ଅନଶନରେ ୱାଙ୍ଗଚୁକ୍; ବିଗୁଡୁଛି ସ୍ୱାସ୍ଥ୍ୟାବସ୍ଥା



**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଶିକ୍ଷାବିତ୍ ତଥା ଜଳବାୟୁକର୍ମୀ ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ରବିବାର ଅଧିକ ଗୁରୁତର ହୋଇପଡ଼ିଛି। ଜନ୍ତର ମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ପରୀକ୍ଷା ଅନିୟମିତତା ବିରୋଧରେ ଚାଲିଥିବା ଆନ୍ଦୋଳନ ଆଜି ୨୩ ଦିନରେ ପହଞ୍ଚିଛି। ଆନ୍ଦୋଳନକୁ ସମର୍ଥନ କରି ୱାଙ୍ଗଚୁକଙ୍କ ଆମରଣ ଅନଶନ ଆଜି ୧୫ତମ ଦିନରେ ପ୍ରବେଶ କରିଛି। ଡାକ୍ତରୀ ରିପୋର୍ଟ ଅନୁଯାୟୀ, ଅନଶନ ଆରମ୍ଭ କରିବା ଦିନଠାରୁ ୱାଙ୍ଗଚୁକ ପ୍ରାୟ ୭.୮ କିଲୋଗ୍ରାମ ଓଜନ ହରାଇଛନ୍ତି। ତାଙ୍କର ରକ୍ତଚାପ ବହୁ ହ୍ରାସ ପାଇଥିବା ସିଜେପି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରସାରିତ ଏକ ଭିଡିଓରେ ସେ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ଦେଖାଯାଉଛନ୍ତି। ଏହା ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତା ବଢ଼ାଇଛି। ପରୀକ୍ଷା ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ନେଇ ସିଜେପି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଏଥିସହିତ, ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦେବା ପାଇଁ ସଂଗଠନ ଦାବି କରିଛି। ଆସନ୍ତା ଜୁଲାଇ ୨୦ରେ, ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ, ସଂସଦ ଅଭିମୁଖେ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରାଯିବ ବୋଲି ଘୋଷଣା କରାଯାଇଛି। ସୋନମ ୱାଙ୍ଗଚୁକ ନିଜକୁ ''ଆଧୁନିକ ଗାନ୍ଧୀ' ବା ''ନାୟକ' କହିବାକୁ ମନା କରିବା ସହ ଜଣେ ସଚେତନ ନାଗରିକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। 'ଅନ୍ୟମାନଙ୍କ ମଧ୍ୟରେ ନାୟକ ନଖୋଜି ନିଜ ଜୀବନର ନାୟକ ନିଜେ ହୁଅନ୍ତୁ' ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ଜୁଲାଇ ୨୦ର ସଂସଦ ପଦଯାତ୍ରାରେ ସାମିଲ ହୋଇ ସାଂସଦମାନଙ୍କ ଉପରେ ଚାପ ପକାଇବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।



## ହର୍ମୁଜ୍‌ରେ ଜାହାଜ ଉପରେ ପୁଣି ଆକ୍ରମଣ

**୧୦ ଭାରତୀୟ ଉଦ୍ଧାର, ଜଣେ ନିଖୋଜ**

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ଓମାନ ଉପକୂଳ ନିକଟ ହର୍ମୁଜ୍ ପ୍ରଣାଳୀରେ ସାଇପ୍ରସ ପତାକା ବହନ କରୁଥିବା ବାଣିଜ୍ୟିକ ଜାହାଜ ଜିଏସ୍ଏସ୍ ଗାଲାକ୍ସି ଉପରେ ହୋଇଥିବା ଆକ୍ରମଣ ପରେ ଜାହାଜରେ ଥିବା ୧୧ ଜଣ ଭାରତୀୟଙ୍କ ମଧ୍ୟରୁ ୧୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ଏବେ ବି ନିଖୋଜ ଅଛନ୍ତି। ଭାରତ ସରକାର ଏହି ସୂଚନା ଦେଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରୁଛି। ନିଖୋଜ ଭାରତୀୟଙ୍କ ସନ୍ଧାନ ପାଇଁ ଓମାନରେ ଥିବା ଭାରତୀୟ ଦୂତାବାସ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଅଭିଯାନ ଉପରେ ନଜର ରଖିଛି। ରିପୋର୍ଟ ଅନୁଯାୟୀ, ଆକ୍ରମଣରେ ଜାହାଜଟିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା ଏବଂ ଏହା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଏହାପରେ ଜାହାଜର କର୍ମଚାରୀମାନେ ଜୀବନ ବଞ୍ଚାଇବା ପାଇଁ ଜାହାଜ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଘଟଣା ପରେ ଭାରତ ସରକାର ହର୍ମୁଜ୍ ପ୍ରଣାଳୀ ଓ ପଶ୍ଚିମ ଏସିଆରେ ବାଣିଜ୍ୟିକ ଜାହାଜ ଉପରେ ଲଗାତାର ଆକ୍ରମଣକୁ ଗଭୀର ଉଦ୍‌ବେଗଜନକ ବୋଲି ବର୍ଣ୍ଣନା କରିଛନ୍ତି। ଅଞ୍ଚଳରେ ତୁରନ୍ତ ଉତ୍ତେଜନା ହ୍ରାସ କରିବା ସହ କୂଟନୈତିକ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବାକୁ ଭାରତ ଆହ୍ୱାନ ଜଣାଇଛି। ଭାରତ କହିଛି ଯେ ଆନ୍ତର୍ଜାତିକ ଆଇନ ଅନୁଯାୟୀ ବାଣିଜ୍ୟିକ ଜାହାଜ ଓ ସାଧାରଣ ନାଗରିକଙ୍କ ବ୍ୟବହୃତ ଭିତ୍ତିଭୂମିକୁ କୌଣସି ପରିସ୍ଥିତିରେ ଲକ୍ଷ୍ୟ କରାଯିବା ଉଚିତ ନୁହେଁ।

## ନେପାଳରେ ପୁଣି ତେଜିଲାଣି ଜେନ-ଜି ଆନ୍ଦୋଳନ, ତିନି ଦିନରେ ୩ ଆତ୍ମାହୁତି

**କାଠମାଣ୍ଡୁ, ୧୨।୭ (ଏଜେନ୍ସି):** ନେପାଳରେ ବେକାରୀ ସମସ୍ୟା ଓ ମାନ୍ଦା ଅର୍ଥନୀତିକୁ ନେଇ ଯୁବପିଢ଼ିଙ୍କ ଆକ୍ରୋଶ ଚରମ ସୀମାରେ ପହଞ୍ଚିଛି। ବିଗତ ୩ ଦିନ ମଧ୍ୟରେ ୩ ଜଣ ଯୁବକ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଦେଶର ସବୁଠାରୁ କମ୍ ବୟସର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ (ବାଲେନ)ଙ୍କ ଇସ୍ତଫା ଦାବି ଜୋର ଧରିଛି। ରାଜଧାନୀ କାଠମାଣ୍ଡୁର ରାଜପଥରେ 'ଜେନ-ଜି ନେପାଳ' ସଙ୍ଗଠନ ପକ୍ଷରୁ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସରକାର ଜନବିରୋଧୀ ଓ ସ୍ୱେଚ୍ଛାଚାରୀ ଭାବେ କାର୍ଯ୍ୟ କରୁଥିବା ଏବଂ ବଜେଟ୍‌ରେ ଯୁବପିଢ଼ିଙ୍କ ରୋଜଗାର ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ବିରୋଧୀ 'ନେପାଳୀ କଂଗ୍ରେସ' ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛି। ୩୫ ବର୍ଷୀୟ ରାପର୍-ରାଜନେତା ବାଲେନ ଶାହ ଗତ ମାର୍ଚ୍ଚ ମାସରେ ସାଧାରଣ ନିର୍ବାଚନ ଜିତି ପ୍ରଧାନମନ୍ତ୍ରୀ ହୋଇଥିଲେ, ମାତ୍ର ବର୍ତ୍ତମାନ ଯୁବ ଅସନ୍ତୋଷ ତାଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ୨୦୨୩ରେ ମେୟର ଥିବା ସମୟରେ ବାଲେନ ଆତ୍ମାହୁତିକୁ 'ସରକାରଙ୍କ ବିଫଳତା' ବୋଲି କହିଥିଲେ, ହେଲେ ଏବେ ନିଜେ ଶାସନ ଗାଦିରେ ଥାଇ ନୀରବ ରହିଥିବାରୁ ତାଙ୍କୁ କଡ଼ା ସମାଲୋଚନା କରାଯାଉଛି। ବଢୁଥିବା ବେକାରୀ, ମାନସିକ ଚାପ ଏବଂ ସରକାରୀ ନୀତିର ବିଫଳତା ଯୋଗୁଁ ନେପାଳର ଯୁବବର୍ଗ ଉଗ୍ର ରୂପ ଧାରଣ କରିଛନ୍ତି। ସେପ୍ଟେମ୍ବରରେ ହୋଇଥିବା ଆନ୍ଦୋଳନରେ ୭୭ ଜଣଙ୍କ ମୃତ୍ୟୁ ଘଟିଥିଲା।




## ଟରୋଣ୍ଟୋର ସାଂସ୍କୃତିକ ଉତ୍ସବରେ ଗୁଳିକାଣ୍ଡ; ୨ମୃତ

**ଟରୋଣ୍ଟୋ, ୧୨।୭ (ଏଜେନ୍ସି):** କାନାଡାର ଟରୋଣ୍ଟୋରେ ଆୟୋଜିତ ବାର୍ଷିକ 'ସାଲସା ଅନ୍ ସେଣ୍ଟ୍ କ୍ଲେୟାର' ସାଂସ୍କୃତିକ ଉତ୍ସବ ସମୟରେ ଶନିବାର ହଠାତ୍ ଗୁଳିକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ପୁଲିସ ଏହାକୁ ସକ୍ରିୟ ଆକ୍ରମଣକାରୀଙ୍କ ଗୁଳିଚାଳନା ଘଟଣା ବୋଲି କହିଛି। ମିଡ୍‌ଟାଉନ୍ ଟରୋଣ୍ଟୋର ସେଣ୍ଟ୍ କ୍ଲେୟାର ଆଭେନ୍ୟୁ ୱେଷ୍ଟ ଅଞ୍ଚଳରେ ଦୁଇଦିନିଆ ଉତ୍ସବ ଚାଲିଥିବାବେଳେ ହଜାର ହଜାର ଲୋକଙ୍କ ସମାଗମ ମଧ୍ୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଘଟଣା ପରେ ଉତ୍ସବସ୍ଥଳରେ ଅସ୍ଥିର ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ପ୍ରାଣ ବଞ୍ଚାଇବାକୁ ଦୌଡ଼ାଦୌଡ଼ି କରିଥିଲେ। ଟରୋଣ୍ଟୋ ପୁଲିସ ସୂଚନା ଦେଇଛି ଯେ ଗୁଳିବିଦ୍ଧ ୫ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିବାବେଳେ ୨ ଜଣଙ୍କୁ ଘଟଣାସ୍ଥଳରେ ମୃତ ଘୋଷଣା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସାଧାରଣ ଲୋକଙ୍କୁ ଉକ୍ତ ଅଞ୍ଚଳକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ଘଟଣା ପରେ ପୁଲିସ ସମଗ୍ର ଅଞ୍ଚଳକୁ ଘେରାଉ କରିଥିଲେ ମଧ୍ୟ ସନ୍ଦିଗ୍ଧ ବନ୍ଧୁକଧାରୀ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ବ୍ୟାପକ ତଲାସି ଅଭିଯାନ ଚାଲିଛି। ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପରିଚୟ, ଆକ୍ରମଣର ଉଦ୍ଦେଶ୍ୟ କିମ୍ବା କୌଣସି ଗିରଫ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଇନାହିଁ। ଘଟଣାର ତଦନ୍ତ ଚାଲିଥିବାବେଳେ ପୁଲିସ ପ୍ରତ୍ୟକ୍ଷଦର୍ଶୀ ଓ ଘଟଣାସ୍ଥଳର ଫଟୋ କିମ୍ବା ଭିଡିଓ ଥିବା ବ୍ୟକ୍ତିଙ୍କୁ ଆଗକୁ ଆସି ସହଯୋଗ କରିବାକୁ ଅନୁରୋଧ କରିଛି।

## ସ୍ତ୍ରୀ ଛାଡ଼ି ଚାଲିଗଲେ ବୋଲି ୨ ପିଲାଙ୍କୁ ହତ୍ୟା ପରେ ବାପାର ଆତ୍ମହତ୍ୟା

**ତୁତିକୋରିନ୍, ୧୨।୭ (ଏଜେନ୍ସି):** ତାମିଲନାଡୁର ତୁତିକୋରିନ୍ ଜିଲ୍ଲାରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସେଠାରେ ଜଣେ ବ୍ୟକ୍ତି ନିଜର ଦୁଇ ନାବାଳକ ସନ୍ତାନଙ୍କୁ ବିଦ୍ୟୁତ ଆଘାତ (କରେଣ୍ଟ) ଦେଇ ହତ୍ୟା କରିବା ପରେ ନିଜେ ମଧ୍ୟ ସେହି ତାର ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ସ୍ତ୍ରୀ ଛାଡ଼ି ଚାଲିଯିବା ପରେ ସେ ଗଭୀର ମାନସିକ ଅବସାଦରେ ଥିବା ପୁଲିସ ପ୍ରକାଶ କରିଛି। ମୃତକମାନେ ହେଲେ ଟ୍ରକ୍ ଚାଳକ ମେରି ମାଇକେଲ୍ (୪୦), ତାଙ୍କର ୧୪ ବର୍ଷର ନବମ ଶ୍ରେଣୀ ପଢୁଥିବା ଝିଅ ଏବଂ ୧୨ ବର୍ଷର ସପ୍ତମ ଶ୍ରେଣୀ ପଢୁଥିବା ପୁଅ। ପୁଲିସ ସୂଚନା ଅନୁଯାୟୀ, ମାଇକେଲ୍‌ଙ୍କ ସ୍ତ୍ରୀ ପ୍ରାୟ ୬ ମାସ ପୂର୍ବରୁ ଅନ୍ୟ ଜଣେ ଯୁବକଙ୍କ ସହ ଚାଲିଯାଇଥିଲେ, ଯାହାକୁ ନେଇ ସେ ସବୁବେଳେ ଚିନ୍ତିତ ରହୁଥିଲେ ଏବଂ ନିୟମିତ କାମକୁ ମଧ୍ୟ ଯାଉନଥିଲେ। ଗତ ଶୁକ୍ରବାର ରାତିରେ ମାଇକେଲ୍ ପିଲାମାନଙ୍କୁ ଖାଇବାକୁ ଦେଇ ଶୋଇବାକୁ କହିଥିଲେ। ପରେ ପିଲାମାନେ ଶୋଇଥିବା ଅବସ୍ଥାରେ ସେ ସେମାନଙ୍କ ଶରୀରରେ ବିଦ୍ୟୁତ ତାର ବାନ୍ଧି ସେଥିରେ କରେଣ୍ଟ ପ୍ରବାହିତ କରିଥିଲେ ଏବଂ ପରେ ନିଜେ ମଧ୍ୟ ସେହି ତାରକୁ ଧରି ପ୍ରାଣ ହରାଇଥିଲେ। ଶନିବାର ମଧ୍ୟାହ୍ନ ପର୍ଯ୍ୟନ୍ତ କବାଟ ନଖୋଲିବାରୁ ଘରେ ଥିବା ବୃଦ୍ଧ ପିତା ପଡୋଶୀ ଓ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ କବାଟ ଭାଙ୍ଗି ତିନିଜଣଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଆମେରିକାରେ ଭାରତୀୟ ଗୁଗଲ୍ ମହିଳା ଅଧିକାରୀଙ୍କୁ ଗୁଳିକରି ହତ୍ୟାକଲା ସ୍ୱାମୀ

**ୱାଶିଂଟନ,୧୨।୭(ଏଜେନ୍ସି):** ଆମେରିକାର ଜର୍ଜିଆ ପ୍ରଦେଶରୁ ଏକ ସ୍ତବ୍ଧ କଲାଭଳି ପାରିବାରିକ ହିଂସା ମାମଲା ସାମ୍ନାକୁ ଆସିଛି। ସେଠାରେ ଜଣେ ଭାରତୀୟ-ଆମେରିକୀୟ ମହିଳା ତଥା ଗୁଗଲ୍ ସଂସ୍ଥାର ବରିଷ୍ଠ ପ୍ରଦ୍ୟୋଗିକୀ ଅଧିକାରୀ (ଟେକ୍ନୋଲୋଜି ଏକ୍ସିକ୍ୟୁଟିଭ୍)ଙ୍କୁ ତାଙ୍କ ସ୍ୱାମୀ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଦମ୍ପତିଙ୍କ ୨୩ ବର୍ଷୀୟ ପୁଅ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ଜେଲ୍ ପଠାଇଛି। ଘଟଣା ଅନୁଯାୟୀ, ଆଟଲାଣ୍ଟା ନିକଟସ୍ଥ କୋବ୍ କାଉଣ୍ଟିରେ ଥିବା ବାସଭବନରେ ଗତ ମଙ୍ଗଳବାର ରାତିରେ ଏହି ଗୁଳିକାଣ୍ଡ ଘଟିଥିଲା। ମୃତ ମହିଳା ଜଣକ ହେଲେ ୫୭ ବର୍ଷୀୟା ଶୀତଲ୍ ବ୍ରଜେସିନ୍, ଯିଏ ଗୁଗଲ୍‌ରେ ଏକ ବଡ଼ ସାମରିକ ପ୍ରଯୁକ୍ତିବିଦ୍ୟା ନେତୃତ୍ୱ ପଦବୀରେ କାର୍ଯ୍ୟରତ ଥିଲେ। ତାଙ୍କର ୫୬ ବର୍ଷୀୟ ସ୍ୱାମୀ କିର୍କ ବି ବ୍ରଜେସିନ୍ ପାରିବାରିକ କଳହ ଯୋଗୁଁ ସ୍ତ୍ରୀ ଶୀତଲ୍ ଏବଂ ପୁଅ ଜେସନ୍‌ଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳି ବାଜିବା ଯୋଗୁଁ ଶୀତଲ୍‌ଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ପୁଅ ଜେସନ୍‌ଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ପୁଲିସ ଅଭିଯୁକ୍ତ କିର୍କ ବିରୋଧରେ ହତ୍ୟା ଏବଂ ମାରାତ୍ମକ ଆକ୍ରମଣ ଭଳି ସଙ୍ଗୀନ ମାମଲା ରୁଜୁ କରି କୋବ୍ କାଉଣ୍ଟି ଜେଲ୍‌ରେ ଅଟକ ରଖିଛି। ଶୀତଲ୍ ଜଣେ ଅତ୍ୟନ୍ତ ପ୍ରତିଭାଶାଳୀ ମହିଳା ଥିଲେ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ତାଙ୍କର ଦୁଇ ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ଥିଲା। ସେ ଭାରତ, ଇଂଲଣ୍ଡ ଓ ଘାନାରେ ବଢ଼ିବା ପରେ ଆମେରିକାର ପ୍ରସିଦ୍ଧ ଜର୍ଜିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ କମ୍ପ୍ୟୁଟର ସାଇନ୍ସରେ ଶିକ୍ଷା ଗ୍ରହଣ କରିଥିଲେ। ସେ ଦୁଇଟି ସଫ୍ଟୱେର୍ ପେଟେଣ୍ଟର ଅଧିକାରୀ ମଧ୍ୟ ଥିଲେ।



## ବଙ୍ଗୋପସାଗରରେ ୪.୫ ତୀବ୍ରତାର ଭୂକମ୍ପ

**ବିଶାଖାପାଟଣା, ୧୨।୭ (ଏଜେନ୍ସି):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏକ ମୃଦୁ ଭୂକମ୍ପ ଯୋଗୁଁ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ସହର ବିଶାଖାପାଟଣା ଏବଂ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ଭୂକମ୍ପନ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୪.୫ ରେକର୍ଡ କରାଯାଇଛି। ଭାରତୀୟ ଜାତୀୟ ମହାସାଗର ସୂଚନା ସେବା କେନ୍ଦ୍ର ଏବଂ ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ରବିବାର ସକାଳ ପ୍ରାୟ ୫ଟା ୫ ମିନିଟ୍‌ରେ ଏହି ଭୂକମ୍ପ ଘଟିଥିଲା। ଏହାର କେନ୍ଦ୍ରସ୍ଥଳ ବଙ୍ଗୋପସାଗରରେ କାକିନାଡ଼ା ଉପକୂଳରୁ ପ୍ରାୟ ୨୨୫ କିଲୋମିଟର ଦୂରରେ ଏବଂ ଭୂପୃଷ୍ଠରୁ ୧୦ କିଲୋମିଟର ଗଭୀରତାରେ ଥିଲା। ଏହି କମ୍ପନ ଯୋଗୁଁ ବିଶାଖାପାଟଣାର ଗାଜୁୱାକା, ସାଗର ନଗର, ଅରିଲୋଭା, ଏମଭିପି କଲୋନୀ ଭଳି ଅନେକ ସ୍ଥାନ ସମେତ ଆନାକାପାଲ୍ଲୀ, ବିଜୟନଗରମ୍ ଓ କୋନାସୀମା ଜିଲ୍ଲାର କେତେକ ଅଞ୍ଚଳରେ ମୃଦୁ ଝଟକା ଅନୁଭୂତ ହୋଇଥିଲା। ଏହି ଘଟଣାରେ କୌଣସି ଧନଜୀବନ ହାନି କିମ୍ବା ସମ୍ପତ୍ତି ନଷ୍ଟ ହେବାର ସୂଚନା ମିଳିନାହିଁ।




ପତି ମହାପାତ୍ର ଓ ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଦାରୁବିଗ୍ରହଙ୍କ ସୁସ୍ଥତା ଖବର ଜଣାଇଛନ୍ତି (ଫଟୋ-ଅନିଲ)

# ମିଶନ ଶକ୍ତିର ଗୌରବ ଲିଭାଇବାକୁ ସରକାରଙ୍କ ଉଦ୍ୟମ: ବିଜେଡି

## ମିଶନ ଶକ୍ତି ୱେବସାଇଟରୁ ନବୀନଙ୍କ ଫଟୋ ଅପସାରଣ ଉଦ୍ୟମ ଦୁର୍ଭାଗ୍ୟଜନକ

ଭୁବନେଶ୍ୱର,୧୨।୭ (ସମିସ): ମିଶନ ଶକ୍ତି ସମ୍ବନ୍ଧୀୟ ସରକାରୀ ୱେବସାଇଟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଓ ତଥ୍ୟ ହଟାଇବାର ପ୍ରୟାସକୁ କଡ଼ା ସ୍ୱରରେ ସମାଲୋଚନା କରିଛି ବିଜେଡି। ନବୀନ ସରକାରଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବା ମିଶନ ଶକ୍ତିର ଗୌରବମୟ ଇତିହାସକୁ ବିଜେପି ଲିଭାଇବାର ବୃଥା ପ୍ରୟାସ କରୁଛି ଓ ଏହା ବର୍ତ୍ତମାନର ସରକାରଙ୍କ ଅସୁରକ୍ଷିତ ମନୋଭାବକୁ ପ୍ରଦର୍ଶିତ କରିଛି ବୋଲି ବିଜେଡି କହିଛି ।

ରବିବାର ଶଙ୍ଖ ଭବନରେ ବିଧାନସଭାରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ରାଜ୍ୟ ମହିଳା କମିସନର ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ମିଶନଶକ୍ତି ସମ୍ପର୍କରେ ରାଜ୍ୟସରକାରଙ୍କ ହୀନମନ୍ୟତାକୁ କଡ଼ା ସମାଲୋଚନା କରିଛନ୍ତି । ଏହି ନେତ୍ରୀମାନେ କହିଛନ୍ତି ଯେ ଯେଉଁ ସରକାର ଇତିହାସ ସୃଷ୍ଟି କରିବାର କ୍ଷମତା ରଖନ୍ତି, ସେ ଇତିହାସକୁ ସଂରକ୍ଷଣ କରନ୍ତି। ମାତ୍ର ଇତିହାସ ସୃଷ୍ଟି କରିବାରେ ଅକ୍ଷମ ସରକାର ଇତିହାସକୁ ଲିଭାଇବାର କରିଥାଏ। ବର୍ତ୍ତମାନର ସରକାର ଇତିହାସକୁ ଲିଭାଇବାକୁ ଅପଚେଷ୍ଟା କରୁଛନ୍ତି ।



ଇତିହାସ ସୃଷ୍ଟି କରିବାରେ ଅକ୍ଷମ ବ୍ୟକ୍ତି ଇତିହାସକୁ ଲିଭାଇବାର ଉଦ୍ୟମ କରିଥାଏ

ଯେଉଁ ସରକାର ନିଜ କାର୍ଯ୍ୟଦକ୍ଷତା ଓ ସଫଳତାକୁ ଲୋକଙ୍କ ସାମ୍ନାରେ ରଖିବା ପରିବର୍ତ୍ତେ ପୂର୍ବତନ ସରକାରଙ୍କ କାର୍ଯ୍ୟର ଚିହ୍ନଗୁଡ଼ିକୁ ଲିଭାଇବାରେ ବ୍ୟସ୍ତ ରହେ, ସେ ପ୍ରକୃତରେ ନିଜ ବିଫଳତାକୁ ସ୍ୱୀକାର କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ସ୍ପଷ୍ଟ କରୁଛି ଯେ ବର୍ତ୍ତମାନ ସରକାର ପୂର୍ବତନ ସରକାରଙ୍କ ଉତ୍ତରାଧିକାର ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ଅସମର୍ଥ। ମିଶନ ଶକ୍ତି କୌଣସି ଦଳୀୟ ପ୍ରକଳ୍ପ ନୁହେଁ; ଏହା ଓଡ଼ିଶାର ଲକ୍ଷ ଲକ୍ଷ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷେତ୍ରସ୍ତରୀୟ କର୍ମୀଙ୍କ ଦୀର୍ଘ ବର୍ଷର ପରିଶ୍ରମ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ଏକ ଜନ ଆନ୍ଦୋଳନ। ଏହି ଇତିହାସକୁ ଲିଭାଇବାର ଅର୍ଥ ହେଉଛି ଓଡ଼ିଶାର ମହିଳାମାନଙ୍କ ଅବଦାନକୁ ଅସ୍ୱୀକାର କରିବା। ଫଟୋ ହଟାଇଦେଲେ ଲୋକଙ୍କ ସ୍ମୃତି ମଧ୍ୟ ଲିଭିଯିବ ବୋଲି ବିଜେପି ସରକାର ସମ୍ଭବତଃ ମନେ କରୁଛନ୍ତି। କିନ୍ତୁ ଓଡ଼ିଶାର ମହିଳାମାନଙ୍କୁ କିଏ ସଶକ୍ତ କରିଥିଲେ, କିଏ ମିଶନ ଶକ୍ତିକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ, କିଏ ଲକ୍ଷ ଲକ୍ଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରି ସମ୍ମାନ ଓ ସଶକ୍ତ କରିଥିଲେ; ସେ କଥା ରାଜ୍ୟର ମହିଳାମାନେ ଭଲଭାବରେ ଜାଣିଛନ୍ତି । ରାଜ୍ୟର ମହିଳାମାନଙ୍କ ସଫଳତା ଓଡ଼ିଶାର ଇତିହାସରେ ଚିରସ୍ଥାୟୀ ହୋଇ ରହିବ। ସରକାରୀ ବିଭାଗ ଓ ପ୍ଲାଟଫର୍ମ ଗୁଡ଼ିକ କୌଣସି ରାଜନୈତିକ ଦଳର ସମ୍ପତ୍ତି ନୁହେଁ; ସେଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କ ସମ୍ପତ୍ତି। ସେଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସଂସ୍ଥାଗତ ଇତିହାସକୁ ସଂରକ୍ଷଣ କରିବା, ଦଳୀୟ ପ୍ରଚାରର ମାଧ୍ୟମ ହେବା ଆଦୌ ନୁହେଁ। ବର୍ତ୍ତମାନ ସରକାରଙ୍କର ଯଦି ନିଜ କାର୍ଯ୍ୟଦକ୍ଷତା ଉପରେ ବିଶ୍ୱାସ ଅଛି, ତେବେ ସେମାନେ ନିଜ ସଫଳତାକୁ ଲୋକଙ୍କ ସାମ୍ନାରେ ରଖନ୍ତୁ, ଅନ୍ୟମାନଙ୍କ ସଫଳତାକୁ ଲିଭାଇବାର ବୃଥା ଚେଷ୍ଟା କରନ୍ତୁ ନାହିଁ । ତେବେ ମିଶନ ଶକ୍ତିର ଇତିହାସକୁ ଲିଭାଇବାର ଏହି ପ୍ରୟାସ ଅନ୍ୟଏକ ଦିଗକୁ ଇଙ୍ଗିତ କରିଥି। ନବୀନଙ୍କ ଫଟୋକୁ ବି ଶାସକ ବିଜେପି ଭୟକରୁଛି । ତେବେ ଯେଉଁ ମହାନ ବ୍ୟକ୍ତିଙ୍କ ଛବି ରାଜ୍ୟର କୋଟିକୋଟି ମହିଳାଙ୍କ ହୃଦୟରେ ଅଛି, ସେ ଛବି ସରକାର କିପରି ସରକାର ହଟାଇବେ ବୋଲି ବିଜେଡି ନେତ୍ରୀମାନେ କହିଛନ୍ତି।

# ରଥଯାତ୍ରାରେ ନିୟୋଜିତ ହୋମ୍‌ଗାର୍ଡଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୧୨।୭ (ସମିସ): ଚଳିତ ରଥଯାତ୍ରାରେ ମହାପ୍ରଭୁଙ୍କ ସେବା କରିବା ପାଇଁ ସୁଦୂର କେନ୍ଦୁଝର ଜିଲ୍ଲାରୁ ଆସିଥିବା ଜନୈକ ହୋମ୍‌ଗାର୍ଡଙ୍କର ଶନିବାର ବିଳମ୍ବିତ ରାତିରେ ଅକାଳ ମୃତ୍ୟୁ ହୋଇଯାଇଛି। ମୃତ ହୋମ୍‌ଗାର୍ଡ ଜଣକ ହେଲେ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନାରେ କାର୍ଯ୍ୟରତ ପ୍ରଦୀପ କୁମାର ମହନ୍ତ (୪୨)।

ଚଳିତ ରଥଯାତ୍ରାରେ ଡ୍ୟୁଟି ନିମନ୍ତେ କେନ୍ଦୁଝର ଜିଲ୍ଲାର ୫୦ ଜଣ ଗୃହରକ୍ଷୀ ପୁରୀ ଆସିଛନ୍ତି। ଏହି ଗୃହରକ୍ଷୀମାନେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ ପରିସରରେ ରହୁଛନ୍ତି। ଶନିବାର ବିଳମ୍ବିତ ରାତିରେ ପ୍ରଦୀପ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ନାକ ଓ ପାଟିରୁ ଫେଣ ବାହାରୁଥିଲା। ସତ୍ୟବାଦୀ ପୁଲିସ ସହାୟତାରେ ସହକର୍ମୀମାନେ ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟବାଦୀ ପୁଲିସ ପ୍ରଦୀପଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ। ସତ୍ୟବାଦୀ ଥାନାରେ ୧୩/୨୦୨୬ରେ ଏକ ଅପମୃତ୍ୟୁ ମାମଲା



## ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ଓ ପରିବାରର ଜଣକୁ ଚାକିରି ଘୋଷଣା

ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ଆଇଆଇସି ସୌମ୍ୟରଞ୍ଜନ ମହାଳିକ ସୂଚନା ଦେଇଛନ୍ତି। ତେବେ ସର୍ପ ଦଂଶନରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ମାତ୍ର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

ପ୍ରଦୀପଙ୍କ ଅକାଳ ମୃତ୍ୟୁ ସମ୍ପର୍କରେ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହିତ ତାଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ହୋମ୍‌ଗାର୍ଡ ଭାବେ ନିଯୁକ୍ତି ପ୍ରଦାନ କାରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଦୁଃଖଦ ସମୟରେ ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

## ଅପରେସନ ଥିଏଟରରେ ଡାକ୍ତରଙ୍କ କଳି

# ଘରୋଇ ଡାକ୍ତରଖାନା ଗଲେ ଆସନ୍ନପ୍ରସବା

ଗୁଣୁପୁର, ୧୨।୭ (ସମିସ): ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଗର୍ଭବତୀ ମହିଳାଙ୍କ ସିଜେରିଆନ୍ ଅପରେସନକୁ ନେଇ ଦୁଇଜଣ




ପ୍ରସୂତି ବିଶେଷଜ୍ଞଙ୍କ ମଧ୍ୟରେ ବିବାଦ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଗୁଣୁପୁର ନୀଳଚକ୍ର ନଗରର ସରୋଜ କୁମାର ଗୌଡ଼ଙ୍କ ପତ୍ନୀ ମୋନାଲିସା ପ୍ରଧାନଙ୍କୁ ପ୍ରସବ ପାଇଁ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସାଧାରଣ ପ୍ରସବ ସମ୍ଭବ ନହେବାରୁ ଚିକିତ୍ସକମାନେ ସିଜେରିଆନ୍ ଅପରେସନ ପାଇଁ ନିଷ୍ପତ୍ତି ନେଇଥିଲେ। ସମସ୍ତ ପ୍ରସ୍ତୁତି ସରିବା ପରେ ଗର୍ଭବତୀଙ୍କୁ ଅପରେସନ ଥିଏଟରକୁ ନିଆଯାଇଥିଲା। ଅଭିଯୋଗ ଅନୁସାରେ, ସେହି ସମୟରେ ଦୁଇଜଣ ଡାକ୍ତରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଜଣେ ଡାକ୍ତର ଅପରେସନ କରିବାକୁ ପ୍ରସ୍ତୁତ ଥିବାବେଳେ ଅନ୍ୟଜଣ ଅପରେସନ କରିବାକୁ ମନା କରିଥିବା ଅଭିଯୋଗ ହୋଇଛି। ଫଳରେ ଗର୍ଭବତୀ ମହିଳା କିଛି ସମୟ ଅପରେସନ ଥିଏଟରରେ ଅପେକ୍ଷା କରିଥିଲେ। ପ୍ରସୂତିଙ୍କ ସ୍ୱାମୀ ସରୋଜ କୁମାର ଗୌଡ଼ଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଅନୁରୋଧ ସତ୍ତ୍ୱେ ଅପରେସନ ହୋଇନଥିଲା। ପରେ ପରିସ୍ଥିତିକୁ ଦେଖି ଗର୍ଭବତୀଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସଫଳ ସିଜେରିଆନ୍ ଅପରେସନ ପରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମା' ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଲାଗି ରହିଥିବାବେଳେ ସରକାରୀ ସ୍ୱାସ୍ଥ୍ୟସେବାରେ ସମନ୍ୱୟ ଅଭାବକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ଘଟଣା ସମ୍ପର୍କରେ ସେ ଅବଗତ ହୋଇଛନ୍ତି। ଏହାର ତଦନ୍ତ କରାଯାଇ ଯଥାଯଥ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ୧୯୫ ମଞ୍ଜୁର ଆଇପିଏସ୍ ପଦରୁ ୬୩ ଖାଲି

ଭୁବନେଶ୍ୱର,୧୨।୭ (ସମିସ): ଆଉ ପ୍ରାୟ ମାସେ। ଅଗଷ୍ଟ ୧୬ ତାରିଖରେ ଅବସର ନେବେ ଡ଼ିଜି ୱାଇ.ବି.ଖୁରାନିଆ। ତାଙ୍କ ସ୍ଥାନରେ କିଏ ଡ଼ିଜି ହେବେ ତାହା ଭିନ୍ନ କଥା। ଏଥିପାଇଁ ଅନେକ ବରିଷ୍ଠ ଅଧିକାରୀଙ୍କ ନାମ ଚର୍ଚ୍ଚାର ପରିଧିରେ ରହିଛି । ମାତ୍ର ଗତ କିଛିଦିନର ଘଟଣାକ୍ରମକୁ ଦେଖିଲେ ପରବର୍ତ୍ତୀ ଡିଜିଙ୍କ ପାଇଁ କେବଳ ଆଇନଶୃଙ୍ଖଳା ପରିଚାଳନା ନୁହେଁ; 'ଇନ୍‌ସାଇଡ଼ର'-'ଆଉଟସାଇଡ଼ର' ସନ୍ତୁଳନ ସହ ପୁଲିସ ବ୍ୟବସ୍ଥାରେ ମାନବସମ୍ବଳ ଦୂର କରିବା ସବୁଠାରୁ ବଡ଼ ଆହ୍ୱାନ ହେବ ।



- ନିକଟରେ ଡେପୁଟେସନରେ ଯାଇଛନ୍ତି ୨ଜଣ
- ସପ୍ତାହକ ମଧ୍ୟରେ ୨ଜଣ ଦେଇଛନ୍ତି ଇସ୍ତଫା
- ଡେପୁଟେସନ ଯିବାକୁ ଆବେଦନ କରିଛନ୍ତି ୨

ଓଡ଼ିଶାର ଅନୁମୋଦିତ ଆଇପିଏସ୍ କ୍ୟାଡର ପଦ ସଂଖ୍ୟା ୧୯୫; ମାତ୍ର ବର୍ତ୍ତମାନ କାର୍ଯ୍ୟରତ ଅଧିକାରୀଙ୍କ ସଂଖ୍ୟା ମାତ୍ର ୧୩୨। ଏହା ସର୍ବାଧିକ ଆଇପିଏସ୍ ଖାଲି ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ସ୍ଥାନ ଦେଇଛି। ଗତବର୍ଷ ରାଜ୍ୟ ସରକାର କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଓଡ଼ିଶାର ପଦୋନ୍ନତି କୋଟା ୫୯ ଥିବା ଅବଗତ କରିଥିଲେ, ମାତ୍ର ପଦୋନ୍ନତି ପ୍ରାପ୍ତ ଆଇପିଏସ୍ ଅଧିକାରୀଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ଥିବା ସୂଚନା ମିଳିଛି। ଏହି ସ୍ଥିତିରେ ପ୍ରାୟ ଏକ ସପ୍ତାହ ମଧ୍ୟରେ ଓଡ଼ିଶା କ୍ୟାଡ଼ରର ୨ ଆଇପିଏସ୍ ଚାକିରି ଛାଡ଼ିଛନ୍ତି। ତେବେ ସ୍ପର୍ଶକାତର ବିଷୟଟି ହେଉଛି କିଛି ସପ୍ତାହ ତଳେ ୨ ଜଣ ବରିଷ୍ଠ ଆଇପିଏସ୍ କେନ୍ଦ୍ରକୁ ଡ଼େପୁଟେସନରେ ଯାଇଥିବାବେଳେ ଆଉ ୨ ଜଣ ଡ଼େପୁଟେସନରେ ଯିବା ପାଇଁ ଆଗ୍ରହ ଦେଖାଇଛନ୍ତି। ଡ଼େପୁଟେସନରେ ଯିବାକୁ ଅନୁମତି ନ ମିଳିଲେ ଚାକିରି ଛାଡ଼ିବାକୁ ଏମାନଙ୍କ ମଧ୍ୟରୁ ଜଣେ ଏକପ୍ରକାର ମନସ୍ଥିର କରିଥିବା ସୂଚନା ମିଳିଛି ।

ଭୁବନେଶ୍ୱର ଡିସିପି ଜଗମୋହନ ମୀନା ରାଜ୍ୟର ଏକାଧିକ ଜିଲ୍ଲା ଗଞ୍ଜାମ, ମାଲାକାନାଗିରି, କଳାହାଣ୍ଡି, କଟକ ଏବଂ ଭୁବନେଶ୍ୱରରେ କାମ କରିଛନ୍ତି। ମାଲକାନଗିରି ଜିଲ୍ଲାରୁ ବଦଳି ହେବା ସମୟରେ ତାଙ୍କୁ ଜିଲ୍ଲାବାସୀ ଛାଡୁ ନ ଥିଲେ । ମାତ୍ର ଶେଷରେ ଭାବପୂର୍ଣ୍ଣ ଭାବରେ କାନ୍ଧରେ ବସାଇ ଜିଲ୍ଲାବାସୀ ବିଦାୟ ଦେଇଥିଲେ। ମାତ୍ର ଭୁବନେଶ୍ୱରରେ ଆସିବା ପରେ ସେ କେନ୍ଦ୍ରୀୟ ଡ଼େପୁଟେସନରେ ଯିବା ପାଇଁ ଆବେଦନ କରିଥିଲେ। ମାତ୍ର ଡ଼େପୁଟେସନ ନ ମିଳିବାରୁ ଚାକିରି ଛାଡିବାକୁ ବହୁ ଦିନରୁ ଆବେଦନ କରି ବାରମ୍ବାର ଡିଜିପିଙ୍କୁ ଭେଟୁଥିଲେ। ବରିଷ୍ଠ ଅଧିକାରୀ ଓ ସହକର୍ମୀ ଆଇପିଏସ୍ ଅଫିସରମାନେ ବହୁ ବୁଝାସୁଝା କରିଥିଲେ ହେଁ ମନ ମାନିଲା ନାହିଁ। ହେଲେ ଶେଷରେ ସେ ଚାକିରିରୁ ଇସ୍ତଫା ଦେଇଛନ୍ତି। ଅନ୍ୟଜଣେ ଆଇପିଏସ୍ ସି.ଏ ରାମଦାସ ହାଇଦ୍ରାବାଦରେ ପ୍ରେବେସନର ଭାବେ ପଶିକ୍ଷଣ ନେଉଥିଲେ।ତାଙ୍କୁ ଓଡ଼ିଶା କାଡ଼ର ମିଳିଥିଲା। ଓଡ଼ିଶା କ୍ୟାଡ଼ର ମିଳିବା ପରେ ସେ ଇସ୍ତଫାପତ୍ର ପଠାଇଦେଲେ।

ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ରାଜ୍ୟ ପୁଲିସ ଏକ ଅଦୃଶ୍ୟ ଚାପର ସମ୍ମୁଖୀନ ହୋଇଛି। ଅଧିକାଂଶ ଅଫିସର ବିଭିନ୍ନ ଗୋଷ୍ଠୀ ଓ ଉପଗୋଷ୍ଠୀରେ ବିଭାଜିତ। ବାହ୍ୟ ଏବଂ ଆଭ୍ୟନ୍ତରୀଣ ଚାପରେ ପୁଲିସ ଏକ ପ୍ରକାର ଚେପା । ପରିସ୍ଥିତି ଏଭଳି ହୋଇଛି ଯେ କାମ କଲେ ଦୋଷ, ନ କଲେ ବି ଦୋଷ। ତେଣୁ ଏପରି ସ୍ଥିତିରେ ଯିଏ ସାଲିସ କରି ଚାଲି ପାରିବ, ସେ ହିଁ କେବଳ ଏଠାରେ ତିଷ୍ଠି ରହିବ।



# କର୍କଟ ରୋଗୀଙ୍କୁ ୩ ଲକ୍ଷ ଟଙ୍କା ସହାୟତା

**ତାଳଚେର,୧୨।୭ (ସମିସ):** ତାଳଚେର ପୌରପରିଷଦର ବନମାଳୀ ମହାରଣା କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେପଟେ ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବନମାଳୀଙ୍କ ପରିବାର ଆର୍ଥିକ ସଙ୍କଟରେ ଗତି କରୁଛି। ଏ ନେଇ ଜିଲ୍ଲା ବିଜେପି ସଭାପତି ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଜଣାଇଥିଲେ। ଜୁନ ୮ ତାରିଖ ସାଂସଦ ପାଣି ଏହି ଚିକିତ୍ସା ପାଇଁ ଜାତୀୟ ରିଲିଫ ପାଣ୍ଠିକୁ ଚିଠି ଲେଖିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ଜୁନ ୧୬ ତାରିଖ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ବନମାଳୀଙ୍କ ଚିକିତ୍ସା ପାଇଁ ୩ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ସହ ପରିବାରକୁ ପତ୍ର ମାଧ୍ୟମରେ ତାଙ୍କ ଆରୋଗ୍ୟ କାମନା କରାଯାଇଛି। ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସାଂସଦ ପାଣି, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## କଣିହାଁରେ ବିଜେଡିର ସାଙ୍ଗଠନିକ ବୈଠକ

# ୧୪ରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ ପାଇଁ ପ୍ରସ୍ତୁତି



**କଣିହାଁ/ପବିତ୍ରନଗର,୧୨।୭ (ସମିସ)**


ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକ ରେଙ୍ଗାଳି ଡାକବଙ୍ଗଳାରେ ରବିବାର ବିଜେଡିର ସାଙ୍ଗଠନିକ ବୈଠକ ଓ ବିଜୁ ଯୁବ-ଛାତ୍ର ଜନତା ଦଳର ସଭା ଅନୁଷ୍ଠିତ ହୋଇଛି। ବୈଠକରେ ବ୍ଲକର ୧୯ ପଞ୍ଚାୟତର ସଭାପତି ଓ ପ୍ରମୁଖ କର୍ମକର୍ତ୍ତାମାନଙ୍କ ସହ ସାଙ୍ଗଠନିକ ପ୍ରସଙ୍ଗ ଏବଂ ବୁଥ୍ ସ୍ତରରେ ଚାଲିଥିବା ଏସ୍ଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବତନ ପାଲଲହଡ଼ା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବା ସହ ବୁଥ୍ ସ୍ତରରେ କାର୍ଯ୍ୟକର୍ତ୍ତାମାନଙ୍କୁ ସକ୍ରିୟ ରହିବାକୁ ଆହ୍ୱାନ କରିଥିଲେ। ଏହାସହ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା, ପାଠ୍ୟପୁସ୍ତକ ଯୋଗାଣ ଏବଂ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୪ ତାରିଖ ଅନୁଗୋଳ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା ଓ ପ୍ରତିବାଦ ସଭାରେ ଅନୁଷ୍ଠିତ ହେବ। ଏଥିରେ ନିର୍ବାଚନମଣ୍ଡଳୀର ଶତାଧିକ ଯୁବ ଓ ଛାତ୍ର କର୍ମୀ ଯୋଗଦେବାକୁ ଆହ୍ୱାନ କରାଯାଇଛି। କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ବ୍ଲକ ସଂଯୋଜକ ସୁବାସ ମହାନ୍ତି, ଶୁଭେନ୍ଦୁ ସାହୁ, ମଣ୍ଟୁ ମହାନ୍ତି, ଦେବାଶିଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହେଶ୍ୱର ସାମଲ, ବିରଞ୍ଚି ନାରାୟଣ ସାହୁ, ପ୍ରଦୀପ ଦାସ, ଦେବରାଜ ପ୍ରଧାନ, ପ୍ରଜ୍ଞାବୀର ଦାସ, ସୌଭାଗ୍ୟ ପ୍ରଧାନଙ୍କ ସମେତ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବେଆଇନ ହୋର୍ଡିଂ

# ୪୫ ହଜାର ତଣ୍ଡ ଗଣିବେ ଶୋ'ରୁମ୍ ମାଲିକ

**ଅନୁଗୋଳ,୧୨।୭ (ସମିସ):** ଅନୁଗୋଳ ସହର ଭିତରେ କୌଣସି ସ୍ଥାନରେ ହୋର୍ଡିଂ ଲଗାଇବାକୁ ହେଲେ ପୌରପାଳିକାରୁ ଅନୁମତି ଆଣିବା ସହ ନିର୍ଦ୍ଧାରିତ ଫି ପୈଠ କରିବାକୁ ହୁଏ। ତେବେ ଏହାକୁ ଅମାନ୍ୟ କରି ହେମସୁରପଡ଼ାରେ ନୂଆ କରି ଖୋଲିଥିବା ପୋଷାକ ଦୋକାନ ଶ୍ରୀଜନ୍ ଷ୍ଟାଇଲ ସହର ସାରା ମନଇଚ୍ଛା ହୋର୍ଡିଂ ଲଗାଇ ଦେଇଛି। ଏ ନେଇ ପୌରପାଳିକା ପକ୍ଷରୁ ସମ୍ପୃକ୍ତ ଶୋ'ରୁମ୍‌କୁ ୪୫ ହଜାର ଟଙ୍କା ଜରିମାନା କରାଯାଇଛି।

# ରଥଯାତ୍ରା ପାଇଁ ଟ୍ରକରୁ ଚାନ୍ଦା ଆଦାୟ



Money Receipt
Book No. 047 — Sl. No. 1153
Car Festival, Talcher
Received with thanks from
Address
a sum of Rupees ______ only)
in shape of Cash/Cheque/Draft an account of Celibration of Car Festival of LORD JAGANNATH, Talcher for the year of 20____ on Dt. 10/7
Rs. 1001/-
Executive Officer-cum-Secratory
Car Festival Committee, Talcher
N.B. : Any Draft/Cheques may be issued in favour of Executive Officer Talcher Municipality, Talcher

**ଅନୁଗୋଳ,୧୨।୭ (ସମିସ):** ରଥଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବା ବେଳେ ତାଳଚେର ଅଞ୍ଚଳରେ ଥିବା ଟ୍ରକଗୁଡ଼ିକଠାରୁ ବିନା ସ୍ୱାକ୍ଷର ଓ ମାଲିକଙ୍କ ନାମ ରସିଦରେ ନ ଲେଖି ଶହେ ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏପରିକି, ଯେଉଁ ବ୍ୟକ୍ତି ରସିଦ ପ୍ରଦାନ କରୁଛନ୍ତି ତାଙ୍କର ଦସ୍ତଖତ ବି ରହୁ ନ ଥିବା ବେଳେ ରସିଦ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ଦସ୍ତଖତ ମଧ୍ୟ ରହୁ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି। ତାଳଚେର ଅଞ୍ଚଳରେ ପ୍ରାୟ ୫ ହଜାର ଟ୍ରକ ଚଳାଚଳ କରିଥାଏ। ରଥଯାତ୍ରା ପାଇଁ ତାଳଚେର ପୌରପରିଷଦ ଅଧିକାରୀ ତଥା ରଥଯାତ୍ରା କମିଟି ସମ୍ପାଦକ ଲେଖାଥିବା ରସିଦରେ ଟ୍ରକଗୁଡ଼ିକରୁ ଶହେ ଟଙ୍କା ଚାନ୍ଦା ଆଦାୟ କରାଯାଇଥିବାର ଏକ ରସିଦ ହସ୍ତଗତ ହୋଇଛି।

# ଶ୍ରୀଗୁଣ୍ଡିଚା ଭଜନ ସମାରୋହ ନିମନ୍ତେ ଶେଷ ପ୍ରସ୍ତୁତି ବୈଠକ

**ଢେଙ୍କାନାଳ,୧୨।୭ (ସମିସ):** ସ୍ଥାନୀୟ କୈବଲ୍ୟବଜାରସ୍ଥିତ ଦଧିବାମନ ମଠ ପ୍ରାଙ୍ଗଣରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ଚଳିତ ବର୍ଷ ୨୦୨୬ର ଭଜନ ସମାରୋହ ପାଇଁ ଶେଷ ପ୍ରସ୍ତୁତି ବୈଠକ କମିଟିର ବରିଷ୍ଠ ଉପଦେଷ୍ଟା ସଂଗ୍ରାମ କେଶରୀ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। କମିଟିର ସଭାପତି ରୁଦ୍ରାନ୍ତ କୁମାର ଦଳେଇ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହିତ ୧୯୯୯ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ଭଜନ ସମାରୋହ ଚଳିତ ବର୍ଷ ୨୭ବର୍ଷରେ ପଦାର୍ପଣ କରିଛି। ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ବାହୁଡାଯାତ୍ରା ପର୍ଯ୍ୟନ୍ତ କିପରି ମହାଆଡମ୍ବରପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ସଭାପତି ଆଲୋକପାତ କରିଥିଲେ ଏବଂ ଓଡିଶାର ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ନୂତନ ଭଜନ କଳାକାରଙ୍କୁ ଏହି ମଞ୍ଚରେ ସୁଯୋଗ ଦେବା ପାଇଁ ସମସ୍ତ ସଦସ୍ୟମାନେ ମତପୋଷଣ ରଖିଥିଲେ। ଆଗାମୀ ଦିନରେ ଯେଉଁ ସବୁ ଭଜନ ଅନୁଷ୍ଠାନ ପରିବେଷଣ କରିବେ ସେମାନଙ୍କର ତାଲିକ ପ୍ରସ୍ତୁତ ହୋଇଥିଲା। ବିଶେଷକରି, ସୁର୍‌ତାଲ୍ ଭଜନ ସଂଧ୍ୟା, ଜୟ ଜଗନ୍ନାଥ ଭଜନ ମଞ୍ଚ, ଭଜନ ମହାପ୍ରସାଦ, ଶ୍ରୀମନ୍ଦିର ଭଜନ ମଣ୍ଡପ, ଶ୍ରୀକ୍ଷେତ୍ର ଭଜନ ମଞ୍ଚ, ଓଁ ଶ୍ରୀ ଭଜନ ସଂଧ୍ୟା, ଭଜନ ସାରେଗାମା, ସୁର୍ ସାଗର ଭଜନ ସଂଧ୍ୟା, ଭକ୍ତିଶ୍ରଦ୍ଧା ଭଜନ ସଂଧ୍ୟା ପ୍ରମୁଖ ଭଜନ ପରିବେଷଣ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସମସ୍ତ ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କୁ ଏହି ୯ଦିନ ବ୍ୟାପୀ ଭଜନ ପରିବେଷଣରେ ସହଯୋଗର ହାତ ବଢାଇବା ସହିତ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା। ଶେଷରେ ବରିଷ୍ଠ ସଭ୍ୟ ଶିଶିର କୁମାର ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରଥଯାତ୍ରା ପୂର୍ବରୁ କପିଳେଶ୍ୱର ମନ୍ଦିର ସଫେଇ




**କଣିହାଁ,୧୨।୭ (ସମିସ):** କଣିହାଁ ବ୍ଲକ ରେଙ୍ଗାଳି ଜଳବିଦ୍ୟୁତ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟରତ ରେଙ୍ଗାଳି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଜନହିତକର କାର୍ଯ୍ୟକ୍ରମ ଜାରି ରହିଛି। ରଥଯାତ୍ରା ଅବସରରେ ମନ୍ଦିରକୁ ଭକ୍ତଙ୍କ ସମାଗମ ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ରବିବାର ସକାଳେ ଟ୍ରଷ୍ଟ ପକ୍ଷରୁ କପିଳେଶ୍ୱର ମନ୍ଦିର ପରିସର ଓ ଚତୁଃପାଶ୍ୱର୍ ସଫେଇ କରାଯାଇଛି। ସଦସ୍ୟମାନେ ମନ୍ଦିର ପରିସରକୁ ଝାଡୁ ମାରି ସଫା କରିବା ସହ ବ୍ଲିଚିଂ ପାଉଡର ପ୍ରୟୋଗ କରି ସ୍ୱଚ୍ଛ ଓ ପରିଷ୍କାର କରିଥିଲେ। ଏହି ସ୍ୱଚ୍ଛତା ଅଭିଯାନରେ ଟ୍ରଷ୍ଟ ସଭାପତି ନିରଞ୍ଜନ ଗଡ଼ନାୟକ, ଉପସଭାପତି ଅଶୋକ ସେଠୀ, ସମ୍ପାଦକ ବୀରେଶ ପତି, ସହସମ୍ପାଦକ ନିର୍ମଳ କୁମାର ବସନ୍ତରା, କୋଷାଧ୍ୟକ୍ଷ କୌଶିକ ଗଡ଼ନାୟକ, ସାଙ୍ଗଠନିକ ସମ୍ପାଦକ ସୁଧାକର ସାମଲଙ୍କ ସହ ଧ୍ରୁବଚରଣ ଧୀର, ପ୍ରିୟରଞ୍ଜନ ମହାନ୍ତି, ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ଏବଂ ଟ୍ରଷ୍ଟର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ପ୍ରେମ ସମ୍ପର୍କକୁ ନେଇ ଯୁବକଙ୍କୁ ବୀଭତ୍ସ ହତ୍ୟା

**ଅଭିଯୁକ୍ତ ଫେରାର, ଗିରଫ ଦାବିରେ ରାସ୍ତା ଅବରୋଧ**

**ଅନୁଗୋଳ,୧୨।୭ (ସମିସ):** ପ୍ରେମକୁ ସମ୍ପର୍କକୁ ନେଇ ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଅନୁଗୋଳ ସଦର ଥାନା ବାଲୁଅକଟା ପଞ୍ଚାୟତର କୁମ୍ଭକର୍ଣ୍ଣ ସାହିରେ ଶନିବାର ରାତି ପ୍ରାୟ ୧୦ଟାରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ସେହି ଗ୍ରାମର ହେମନ୍ତ ବେହେରା (୪୦)।

ସୂଚନା ମୁତାବକ, ହେମନ୍ତଙ୍କ ଝିଆରୀଙ୍କୁ ଶରଧାପୁର ଅଞ୍ଚଳର ଜୁଲୁ ବେହେରା ପ୍ରେମ କରୁଥିଲେ ଏବଂ ତାଙ୍କୁ ବିବାହ କରିବା ପାଇଁ ବାରମ୍ବାର ଚାପ ପକାଉଥିଲେ। ହେମନ୍ତଙ୍କ ପରିବାର ଲୋକେ ଏହି ବିବାହକୁ ବିରୋଧ କରୁଥିଲେ। ଏହି କଥାକୁ ନେଇ ଶନିବାର ରାତିରେ ହେମନ୍ତ ଓ ଜୁଲୁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ଜୁଲୁ ଉତକ୍ଷିପ୍ତ ହୋଇ ହେମନ୍ତଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡ ପରେ ଜୁଲୁ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ଦାବିରେ ରବିବାର ସକାଳେ ସ୍ଥାନୀୟ ଲୋକେ ଅନୁଗୋଳ-ବନ୍ତଲା ରାସ୍ତା ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ହତ୍ୟାକାରୀକୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

# 'ମେଡିକାଲ କଲେଜକୁ ନେଇ ରାଜନୀତି ବନ୍ଦ କରାଯାଉ'



**ତାଳଚେର,୧୨।୭ (ସମିସ):** ତାଳଚେର ମେଡ଼ିକାଲ କଲେଜରେ ଶନିବାର ଏକ ଅଭାନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମେଡିକାଲ କଲେଜରେ କାର୍ଯ୍ୟରତ ଠିକା କର୍ମଚାରୀ ଓ ଷ୍ଟାଫନର୍ସଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ସେମାନେ କୋଲିୟରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କୁ ଆକ୍ରମଣ ପ୍ରତିବାଦରେ ରବିବାର ବିଜେପି ପକ୍ଷରୁ ଦୀର୍ଘ ସମୟ କୋଲିୟରୀ ଥାନା ଘେରଉ କରାଯାଇଛି। ଉକ୍ତ ଘଟଣାରେ ବିଧାୟକଙ୍କ ସମ୍ପୃକ୍ତି ଦର୍ଶାଇ ତାଙ୍କୁ ତୁରନ୍ତ ଗିରଫ ଦାବିରେ ଧାରଣା ଦିଆଯାଇଥିଲା। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଘେରଉରେ ବିଜେପି ନେତା ପ୍ରଭାକର ସାହୁ, ରାଜେନ୍ଦ୍ର ସିଂହ, ମାନସ ସାହୁ, ସୁନୀଲ ବିଶ୍ୱାଳ, ବିଜୟ ବିଶ୍ୱାଳ, ନିରଞ୍ଜନ ପ୍ରଧାନ, ସ୍ୱାଧୀନ ଥମ୍ବ, ବିଭୂତି ସାହୁଙ୍କ ସମେତ ଶତାଧିକ ବିଜେପି କର୍ମୀ ସାମିଲ ହୋଇଥିଲେ। ସେହିପରି ଆଜି ବିଜେଡିର ମନୋଜ ସାହୁ କୋଲିୟରୀ ଥାନାରେ ମେଡିକାଲରେ ଥିବା ସମୟରେ ବିକାଶ ରଞ୍ଜନ ଗଡ଼ନାୟକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସମୟରେ ଏହାକୁ ସେ ପ୍ରତିବାଦ୍ କରିବାରୁ ଜୀବନରେ ମାରିଦେବା ଉଦ୍ଦେଶ୍ୟ ଧକ୍କା ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ୍ ଉଭୟ ଘଟଣାକୁ ନେଇ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ତାଙ୍କୁ ଗିରଫ କରିବା ଘଟଣାକୁ ନିନ୍ଦା କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏଭଳି ଘଟଣା ମେଡିକାଲ ପରିସରରେ କାହିଁକି ଓ କିପରି ଘଟିଲା ତାକୁ ନେଇ ସାଧାରଣରେ ସନ୍ଦେହ ପ୍ରକଟ ହେବା ସହ ମେଡିକାଲ କଲେଜକୁ ନେଇ ରାଜନୀତି ନ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୁଲିସକୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ଗ୍ରହଣ କରି ନ ଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**କଣିହାଁ,୧୨।୭ (ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସୁସୁବାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନନ୍ଦ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୧୯୮୮ରେ ସୁଲେଇପାଳ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକତା ଆରମ୍ଭ କରି ୧୯୯୮ରୁ ସୁସୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ସହ ସେ ସିଆରସିସି ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ଦୀର୍ଘ ଶିକ୍ଷକତା ଜୀବନରେ ସେ ଅନେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷିତ କରିଛନ୍ତି। ବିଦାୟକାଳୀନ ସଭାରେ ସିଆରସିସି ପାଣ୍ଡବ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ହାତୀଆଦଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ନନ୍ଦଙ୍କ ଶିକ୍ଷାଦାନ ଓ ଆଦର୍ଶ ବ୍ୟକ୍ତିତ୍ୱର ପ୍ରଶଂସା କରିଥିଲେ। ଏସଏମସି ସଦସ୍ୟ ଟିକେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ପ୍ରତିନିଧି ସୁଧାଂଶୁ ଶେଖର ସାହୁ, ଅଭିଭାବକ ପ୍ରଶାନ୍ତ କୁମାର ସାହୁ, ଗ୍ରାମବାସୀ ପଞ୍ଚାନନ ଦାସ ଏବଂ ସମାଜସେବୀ କାର୍ତ୍ତିକେଶ୍ୱର ସାହୁ ସହଯୋଗ କରିଥିଲେ। ପରେ ତାଙ୍କୁ ଫୁଲତୋଡ଼ା, ଉତ୍ତରୀୟ, ସ୍ମାରକୀ ଓ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ମକୁଟ ପିନ୍ଧାଇ ଗାଁ ପରିକ୍ରମା କରାଯାଇଥିଲା।

# କପିଳାସ ଯୋଗ ସଂସ୍ଥାନର ଶପଥ କାର୍ଯ୍ୟକ୍ରମ

**ଢେଙ୍କାନାଳ,୧୨।୭ (ସମିସ):** କପିଳାସ ଯୋଗ ସଂସ୍ଥାନରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ କୋରିଆଁ ଯୋଗକେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶାର ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ଯୋଗଦେଇ ଶପଥପାଠ କରାଇଥିଲେ। ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ଏବଂ ରାଜଯୋଗ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଢେଙ୍କାନାଳର ଉଷା ଭଉଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କପିଳାସ ଯୋଗ ଜିଲ୍ଲା ପ୍ରଧାନ ରଘୁନାଥ ତ୍ରିପାଠୀ ସଭାପତିତ୍ୱ କାରିଥିଲେ। ଜିଲ୍ଲା ମନ୍ତ୍ରୀ ଡା. ଧର୍ମାନନ୍ଦ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସଂଗଠନ ମନ୍ତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ଦେବତା ଶାନ୍ତିପାଠ ଓ ସ୍ନେହମୟୀ ପ୍ରଦୀପ ପ୍ରଜ୍ୱଳନ କରି ସରସ୍ୱତୀ ବନ୍ଦନା ପାଠ କରିଥିଲେ। ସମାରୋହରେ କପିଳାସ ଯୋଗ ଜିଲ୍ଲାର ସମସ୍ତ କ୍ଷେତ୍ର ଅଧିକାରୀ, କେନ୍ଦ୍ର ପ୍ରମୁଖ, ଉପପ୍ରମୁଖଙ୍କ ସମେତ ଶତାଧିକ ସାଧକ ସାଧିକା ଉପସ୍ଥିତ ଥିଲେ। ଶରତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



# ଆମ୍ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ



**ଢେଙ୍କାନାଳ,୧୨।୭ (ସମିସ):** ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକରେ ଆମ୍ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ ଏବଂ ସଦସ୍ୟତା ଅଭିଯାନ ଆଦିବାସୀ ନେତା ଅଭୟ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆଦିବାସୀ ଅଞ୍ଚଳରେ ଗରିବ ଲୋକମାନେ ଆବାସ ଯୋଜନାରେ ଘର ନ ପାଇବା, ବାରମ୍ବାର ବିଦ୍ୟୁତ୍‌କାଟ୍, ପାନୀୟ ଜଳ ସମସ୍ୟା, ସରକାରୀ ସ୍କୁଲଗୁଡ଼ିକରେ ପାଠ୍ୟପୁସ୍ତକ ନ ମିଳିବା, ବରିଷ୍ଠ ନାଗରିକଙ୍କୁ ଭତ୍ତା ନ ମିଳିବା, ହସ୍ପିଟାଲରେ ଡାକ୍ତର ନିଯୁକ୍ତି ନ କରିବା ଇତ୍ୟାଦି ଲୋକଙ୍କ ମନରେ ସରକାରଙ୍କ ପ୍ରତି ଘୃଣା ସୃଷ୍ଟି କରିଛି। ଗାଁଗହଳିରେ ଆମ୍ ଆଦମୀ ପାର୍ଟି ପ୍ରତି ଜନସାଧାରଣଙ୍କ ଆସ୍ଥା ବଢ଼ିଛି। ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଦଳର ଯୋଜନା ବିଷୟରେ ଆଲୋଚନା କରିଥିବା ବେଳେ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଓଡ଼ିଶାର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରରୁ ଆସିଥିବା ସହ ପ୍ରଭାରୀଙ୍କ ପରିଦର୍ଶନ ଏବଂ ବୈଠକ ବିଷୟରେ କାର୍ଯ୍ୟକର୍ତ୍ତାମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକର୍ତ୍ତାମାନଙ୍କୁ ଅଞ୍ଚଳର ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ନୂତନ ସାଥୀ ଦଳରେ ଯୋଗଦେଲେ। ବ୍ଲକ ଅଧ୍ୟକ୍ଷ କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳର ନୂତନ ମାଷ୍ଟରପ୍ଲାନ ପ୍ରସ୍ତୁତି ନେଇ ପ୍ରଶ୍ନବାଚୀ

**ଢେଙ୍କାନାଳ,୧୨।୭ (ସମିସ)**

**ତାମଡ଼ା ଅଧୀନରେ ମେରାମଣ୍ଡଳୀର ୩୬ ଗ୍ରାମ**

**୩୨ବର୍ଷ ପରେ ବି ହେଲାନି ନବୀକରଣ**

**ଲକ୍ଷାଧିକ ଟଙ୍କା ନେଇ ରୁଦ୍ରାଭିଷେକ ସଂସ୍ଥା ଚୁପ୍**

ଢେଙ୍କାନାଳର ନୂତନ ମାଷ୍ଟରପ୍ଲାନ୍ ନବୀକରଣ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଫଳପ୍ରଦ ହୋଇପାରି ନ ଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା ୧୯୯୨ରେ ବିଭାଜିତ ହୋଇ ନୂତନ ଭାବେ ଅନୁଗୋଳ ଜିଲ୍ଲା ଗଠନ ହୋଇଥିଲା। ଢେଙ୍କାନାଳ ଜିଲ୍ଲାରୁ ଅନୁଗୋଳ ବିଭକ୍ତ ହେବା ପରେ ଜିଲ୍ଲାର ୩୨ ବର୍ଷର ପୁରାତନ ମାଷ୍ଟରପ୍ଲାନ ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ସହରର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଅନୁଗୋଳ ଓ ତାଳଚେର ଉନ୍ନୟନ କର୍ତ୍ତୃପକ୍ଷ (ତାମଡ଼ା) ଅଧୀନରେ ଢେଙ୍କାନାଳ ଜିଲ୍ଲାର ୩୬ ଗ୍ରାମ ଥିବା ବେଳେ ଏହି ଗ୍ରାମଗୁଡ଼ିକ ଡ୍ରିଟ୍ ଅଧୀନକୁ ଆସିପାରି ନାହିଁ। ଢେଙ୍କାନାଳ ଜିଲ୍ଲାର ନୂତନ ମାଷ୍ଟରପ୍ଲାନ ପ୍ରସ୍ତୁତି ପାଇଁ ରୁଦ୍ରାଭିଷେଖ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରାୟ ୩୨ ଲକ୍ଷ ୪୫ ହଜାର ଟଙ୍କା ବିନିଯୋଗରେ ଏହି ମାଷ୍ଟରପ୍ଲାନ୍ ସାଟେଲାଇଟ୍ ଜରିଆରେ ପ୍ରସ୍ତୁତ କରିବା ପାଇଁ ଯୋଜନା କରାଯାଇଥିଲା। ତେବେ ଆଜିପର୍ଯ୍ୟନ୍ତ ନବୀକରଣ କରାଯାଇ ପାରିନାହିଁ। ବର୍ତ୍ତମାନ ଏହି ମାଷ୍ଟରପ୍ଲାନ ପୁଣିଥରେ ପ୍ରସ୍ତୁତ ହେବା ପାଇଁ ଯୋଜନା ଚାଲିଥିବା ବେଳେ ଢେଙ୍କାନାଳର ୩୬ଟି ଗ୍ରାମ ଅନୁଗୋଳ ଜିଲ୍ଲା ତାମଡ଼ାରେ ଥିବାରୁ ମାଷ୍ଟରପ୍ଲାନ ପ୍ରସ୍ତୁତି ନେଇ ସମସ୍ୟା ଦେଖାଦେଇଛି। ଏହି ଗ୍ରାମଗୁଡ଼ିକୁ ଢେଙ୍କାନାଳ ଜିଲ୍ଲାରେ ମିଶାଇବା ପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନସର ସମ୍ବଲପୁରଙ୍କ ନିକଟରେ ଅନୁମୋଦନ ପାଇଁ ରହିଛି। ଯେତେଦିନ ପର୍ଯ୍ୟନ୍ତ ଢେଙ୍କାନାଳର ଗ୍ରାମଗୁଡ଼ିକ ଢେଙ୍କାନାଳରେ ମିଶିନାହିଁ ସେ ପର୍ଯ୍ୟନ୍ତ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇପାରିବ ନାହିଁ।

ଢେଙ୍କାନାଳ ଜିଲ୍ଲାରେ ପୂର୍ବରୁ ପୌରସଂସ୍ଥାର ୨୩, ଗେଙ୍ଗୁଟିଆ, କଙ୍କଡ଼ାହାଡ଼, ଗୋବିନ୍ଦପୁର, ଇନ୍ଦିପୁର, କାଙ୍କଡ଼ପାଳ ଅଞ୍ଚଳର ୨୮ ଗ୍ରାମ ରହିଥିବା ବେଳେ ୨୦୦୧ ଜନଗଣନା ଅନୁସାରେ ଏହା ରହିଛି। ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ବିଭାଜନ ସମୟରେ ପ୍ରକୃତ ସ୍ଥିତିକୁ ଦୃଷ୍ଟିରେ ନ ରଖି ୩୬ଟି ଗ୍ରାମ ତାମଡ଼ା ଅଧୀନରେ ରହିଥିବାରୁ ଢେଙ୍କାନାଳର ବିକାଶ ହୋଇପାରୁନାହିଁ। ବର୍ତ୍ତମାନ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ଏହି ୩୬ ଗ୍ରାମ ସହିତ ନୂତନ ଭାବେ ୧୭୨ ଗ୍ରାମ ମିଶିବା ପାଇଁ ଅନୁମୋଦନ ଅପେକ୍ଷାରେ ରହିଛି। ସେମାନଙ୍କ ମଧ୍ୟରୁ ବଦାଲୋ, ନୟାଭାଗୀରଥିପୁର, ନାଧରା, ବଳରାମପ୍ରସାଦ, ବାଙ୍ଗୁରୁସିଂ, ଓଡାପଡା, ଗୁଣ୍ଡେଇ, ନୂଆଗାଁ, ଗାଲପଡା, ପାଇକପୁରୁଣାକୋଟ, ଓଡାପଡା, ଠୋକର, ଅସରଡା, ରଞ୍ଜାଗୋଳ, କାରନ୍ଧା, ଗିରିଧରପ୍ରସାଦ, ବାବନ୍ଧ, କୁଟୁଣିଆ, ସଦାଶିବପୁର, ଗଦାଶିଳା, ସିମିନଇ, ବାରଦା, ଗେଙ୍ଗୁଟିଆ, କାଙ୍କଡପାଳ, ସାଙ୍କୁଲେଇ, ଗୁଣ୍ଡିଚାପଡା, ତରଭା, ମଙ୍ଗଳପୁର, ଖୁଣ୍ଟୁଝରି, ଶପ୍ତଶର୍ଯ୍ୟା, ମାଣିପୁର, ନଡିଆଳି, ବଳଦିଆବନ୍ଧ, ତାଳବରକୋଟ, କାଇମାଟି ପ୍ରଭୃତି ପଞ୍ଚାୟତ ରହିଛି। ଏହି ମୌଜାଗୁଡ଼ିକ ଢେଙ୍କାନାଳ ଜିଲ୍ଲାରେ ଥିବା ବେଳେ ଅନୁଗୋଳ ଜିଲ୍ଲା ଏହାର ଲାଭ ଉଠାଉଛି। ୨୦୧୧ ଜନଗଣନା ଅନୁସାରେ ଜିଲ୍ଲାର ଲୋକସଂଖ୍ୟା ଏବେ ଆଶାତୀତ ଭାବେ ବୃଦ୍ଧି ପାଇଥିବା ବେଳେ ମାଷ୍ଟରପ୍ଲାନ ସେହି ଆଧାରରେ ହେବା କଥା। ସହରର ମାଷ୍ଟରପ୍ଲାନ୍ ପ୍ରସ୍ତୁତି ସମୟରେ ବିଶେଷଜ୍ଞଙ୍କ ଦ୍ୱାରା ସହରକୁ କେତୋଟି ଜୋନରେ ବିଭକ୍ତ କରାଯାଇଥାଏ। ସେଗୁଡ଼ିକ ମଧ୍ୟରେ ଶିଳ୍ପାଞ୍ଚଳ, ବ୍ୟବସାୟିକ, ସବୁଜକ୍ଷେତ୍ର, ବାସଗୃହଉପଯୋଗୀ, ବିଭିନ୍ନ ସଂସ୍ଥାର କାର୍ଯ୍ୟାଳୟ ଜୋନ୍ ଅନ୍ୟତମ। ଏହାଛଡା ଭବିଷ୍ୟତ ପାଇଁ ସଂରକ୍ଷିତ ଥିବା ଖୋଲା ସ୍ଥାନକୁ ସଂଯୋଗ କରିବାପାଇଁ ରାସ୍ତା, ଜଳ ନିଷ୍କାସନ ଲାଗି ଡ୍ରେନ ବ୍ୟବସ୍ଥା ଆଦି ପ୍ଲାନରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଢେଙ୍କାନାଳ ସହରର ଫଟୋ ଉପଗ୍ରହ ମାଧ୍ୟମରେ ସଂଗ୍ରହ କରାଯାଇ ସହରର ଭୌଗଳିକ ସ୍ଥିତାବସ୍ଥାକୁ ନେଇ କମ୍ପ୍ୟୁଟର ମାଧ୍ୟମରେ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଉଛି। ସହରର ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ବାଣିଜ୍ୟ ସହ ଗମନା ଗମନ ପାଇଁ ରାସ୍ତାର ବନ୍ଦୋବସ୍ତ ରହିଛି। ଯାନବାହାନ ଯାତାୟତର ସୁବନ୍ଦୋବସ୍ତ ନିମନ୍ତେ ଉନ୍ନତମାନର ଟ୍ରାଫିକ୍ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି।

ମାଷ୍ଟରପ୍ଲାନ୍ ଅନ୍ତର୍ଭୁକ୍ତ ଅଞ୍ଚଳରେ ଜମି କ୍ରୟ ବିକ୍ରୟ ପାଇଁ ଲାଗୁଥିବା ଷ୍ଟାମ୍ପ ଡ୍ୟୁଟିରୁ ଦୁଇପ୍ରତିଶତ ଅର୍ଥ ଉକ୍ତ ସଂସ୍ଥାକୁ ମିଳିଥାଏ। ଏହି ଅର୍ଥରୁ କର୍ମଚାରୀଙ୍କ ଦରମା ବାବଦରେ ଖର୍ଚ୍ଚହୋଇ ଯାହା ବକେୟା ରହେ ତାହା ସହରର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯାଇଥାଏ। ଜମି କ୍ରୟକରି ଏହାକୁ ବାସୋପଯୋଗୀ କରି ପ୍ଲଟ୍ ମାଧ୍ୟମରେ ବିକ୍ରି କରିବା, ବିଭିନ୍ନ ସ୍ଥାନରେ ଦୋକାନଘର ନିର୍ମାଣ କରି ଭଡାସୂତ୍ରରେ ଦେବା ଆଦି ଅନେକ ଯୋଜନା ଥିଲେମଧ୍ୟ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସହରର ୨ଟି ବୃହତ ଅଞ୍ଚଳ ସାନ ଷାଠିଏବାଟିଆ ଓ ବଡ ଷାଠିଏବାଟିଆ ଏବେ ଜନବସତିରେ ପୂର୍ଣ୍ଣ ହୋଇଥିବା ବେଳେ ଏହା ସମସ୍ତ ନୀତିନିୟମର ଉଲଘଂନ କରି ନିର୍ମିତ ହୋଇଛି ବୋଲି ଜଣାପଡ଼ିଛି। ଅନେକ ସ୍ଥାନରେ ବେଆଇନ୍ ବସ୍ତି ଗଢିଉଠିଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉନାହିଁ। ସେହିପରି ସରକାରଙ୍କର ବହୁ ଜମି ଜବର ଦଖଲରେ ରହିଥିବା ଯୋଗୁଁ ସହରର ସଠିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହେଉଛି। ସହରର ମାଷ୍ଟରପ୍ଲାନ ପ୍ରସ୍ତୁତି ପାଇଁ ସମସ୍ତ ପ୍ରକାର ଯୋଜନା ଶେଷ ହୋଇଥିବା ବେଳେ ଅନୁଗୁଳରୁ ୩୬ଟି ଗ୍ରାମକୁ ଫେରାଇ ଆଣିବା ଏବଂ ନୂତନ ଭାବେ ୧୭୨ଟି ଗ୍ରାମକୁ ମିଶାଇବା ପାଇଁ ଡ୍ରିଟ୍ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଅଦ୍ୟାବଧି କାର୍ଯ୍ୟ ହେଉନଥିବାରୁ ସହରର ବିକାଶ ଆଶାନୁରୂପ ହୋଇପାରୁନଥିବାର ଜଣାପଡ଼ିଛି।

## କର୍କଟ ରୋଗୀଙ୍କୁ ସହାୟତା



**ମହାକାଳପଡ଼ା,୧୨।୭(ସମିସ):** ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିଖିରି ପଞ୍ଚାୟତରେ ନୂଆଗାଁ ଗ୍ରାମର ବାସିନ୍ଦା ଶଙ୍କର୍ଷଣ ବେହେରାଙ୍କ ପିତା ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଅସୁସ୍ଥ ଥିବା ଖବର ପାଇ ଶିକ୍ଷାବିତ୍ ତଥା ମହାକାଳପଡ଼ାର ଯୁବନେତା ଡ. ସୌଭାଗ୍ୟ ପରିଡ଼ା ତାଙ୍କ ବାସଭବନରେ ପହଞ୍ଚି ପରିବାର ସଦସ୍ୟଙ୍କ ସହ ସାକ୍ଷାତ କରିଛନ୍ତି। ସେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ପଚାରି ବୁଝିବା ସହ ଚାଲିଥିବା ଚିକିତ୍ସା ବିଷୟରେ ମଧ୍ୟ ସୂଚନା ନେଇଥିଲେ। ଏହାସହ ସେ ପରିବାରର ଆର୍ଥିକ ଓ ସାମାଜିକ ସ୍ଥିତି ସମ୍ପର୍କରେ ମଧ୍ୟ ଅବଗତ ହୋଇ ଆବଶ୍ୟକ ସମୟରେ ସହାୟତା ପାଇଁ ସର୍ବଦା ପ୍ରସ୍ତୁତ ରହିବେ ବୋଲି କହିଥିଲେ।

## ରାଏତୁର୍ଣ୍ଡି ଗ୍ରାମରେ ସ୍ୱାସ୍ଥ୍ୟ ଶିବିର

**ପଞ୍ଚୁପାଣ୍ଡବ,୧୨।୭(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁର୍ଣ୍ଡି ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ତପୋବନ ଆଶ୍ରମ, ମୁକ୍ତାମେଶ୍ୱର କଟକ ଆନୁକୂଲ୍ୟରେ ଏହି ଶିବିରକୁ ବାବା ସ୍ୱାମୀ ବିଶ୍ୱାମିତ୍ରାନନ୍ଦ ଗିରି ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ବିଜେଡି ନେତା ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମୋହନ ଚରଣ ସାହୁ ଏବଂ ବରିଷ୍ଠ ସାମ୍ବାଦିକ ତଥା ଲେଖକ ଡାକ୍ତର ଚିରଞ୍ଜନ ବେହେରା ଯୋଗ ଦେଇଥିଲେ। ନିରୋ ସର୍ଜରୀ ଦେବେନ୍ଦ୍ର ବିଶ୍ୱାଳ, ଶିଶୁ ବିଭାଗ ଜ୍ୟୋତିରଞ୍ଜନ ସାହୁ, ଅର୍ଥପେଡ଼ି ପ୍ରଶାନ୍ତ କୁମାର ସାହୁ, ମେଡିସିନ ବିଭାଗ ନିବେଶ ପାଢ଼ୀ, ସର୍ଜରୀ ଶୁଭ୍ରାଂଶୁ ଶେଖର ଲେଙ୍କା ଓ ଡାକ୍ତର ପ୍ରୟାଗ ରଞ୍ଜନ ସାହୁ ପ୍ରାୟ ୨୨୦ ଜଣ ରୋଗୀଙ୍କୁ ଚିକିତ୍ସା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ସଂଗୀତା ଶତପଥୀ ମେମୋରିଆଲ ଟ୍ରଷ୍ଟ କଟକର କୃଷ୍ଣ ପ୍ରସାଦ ଶତପଥୀ, ବିଶିଷ୍ଟ ବ୍ୟବସାୟୀ ରଞ୍ଜିତ କୁମାର ମହାନ୍ତି, ହରିହର ସାମଲ, କାମଦେବ ଖଟୁଆ, ରମେଶ ଚନ୍ଦ୍ର ଖଟୁଆ, ଗଙ୍ଗାଧର ସାହୁ, ଦିଲୀପ କୁମାର ସାହୁ, ପ୍ରଶାନ୍ତ ଖଟୁଆ, ଆଶୀର୍ବାଦ ପଣ୍ଡା, ପ୍ରଶାନ୍ତ ଜେନା ଓ ବଙ୍ଗାଳୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ବୃଦ୍ଧାଶ୍ରମର ଶିଳାନ୍ୟାସ ପାଇଁ ପ୍ରସ୍ତୁତ ବୈଠକ

**କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ,୧୨।୭(ସମିସ):** ଡେରାବିଶ ବ୍ଲକ ପଞ୍ଚୁପାଣ୍ଡବ ଛକ ନିକଟସ୍ଥ ଲକ୍ଷ୍ମୀନାରାୟଣ ଆଇଟିଆଇ କାର୍ଯ୍ୟାଳୟରେ ବୃଦ୍ଧାଶ୍ରମ ଶିଳାନ୍ୟାସ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲକ୍ଷ୍ମୀନାରାୟଣ ସୋସିଆଲ ଆଣ୍ଡ ଏଜୁକେସନାଲ ଟ୍ରଷ୍ଟ ଓ ଶାନ୍ତି କୁଟୀର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଠାରେ ଏକ ଜରାନିବାସର ଶିଳାନ୍ୟାସ କରିବା ପାଇଁ ଏକ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟ ପରାମର୍ଶଦାତା ଗରୁଡ଼ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ବୈଠକରେ ଭାଗବତ ପ୍ରଧାନ ସଭାପତିତ୍ୱ କରିଥିଲେ। ରତିକାନ୍ତ ଦାସ, ସୁରେନ୍ଦ୍ର ନାଥ ଶତପଥୀ, ମହେନ୍ଦ୍ର କୁମାର ଦାସ, କରୁଣାକର ବେହେରା, ବସନ୍ତ କୁମାର ପଲେଇ, ଭରତ ଚନ୍ଦ୍ର ସିଂ, ବିବେକାନନ୍ଦ ଦାସ, ହରେକୃଷ୍ଣ ସ୍ୱାଇଁ, ପଞ୍ଚାନନ ମିଶ୍ର ଓ ଶରତ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଆସନ୍ତା ୧୬ ତାରିଖ ପବିତ୍ର ଶ୍ରୀଗୁଣ୍ଡିଚା ଦିନ ଜରାନିବାସ ପାଇଁ ଶିଳାନ୍ୟାସ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।

## ବାୟାବାବା ଆଶ୍ରମ ପକ୍ଷରୁ ଗୁଣ୍ଡିଚା ମନ୍ଦିର ସଫେଇ

**ରାଜନଗର,୧୨।୭(ସମିସ):** ରାଜନଗର ବ୍ଲକ କେରଡାଗଡ ସ୍ଥିତ ଶ୍ରୀପାଦ ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମପୀଠ ଆଶ୍ରମ ପକ୍ଷରୁ ପବିତ୍ର ରଥଯାତ୍ରା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନା (ଝାଲିଉତ୍ସବ) କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ବାବାଙ୍କ ଆଶ୍ରମ ପରିସରରୁ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ ନାମସଙ୍କିର୍ତ୍ତନ କରି ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ପହଞ୍ଚିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଦାଣ୍ଡ ବାଡି ମାର୍ଜନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସେବକମାନେ ପରିଚାଳନା କରିଥିଲେ।

## ବ୍ଲକ୍ ଅଧ୍ୟକ୍ଷଙ୍କ ମାତାଙ୍କ ସ୍ମୃତିସଭା



**ପଟ୍ଟାମୁଣ୍ଡାଇ,୧୨।୭(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ସମାଜସେବୀ ତଥା ୫ଥର ସରପଞ୍ଚ ଉମାନାଥ ସାମନ୍ତରାୟଙ୍କ ଧର୍ମପତ୍ନୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ମାତା ତାରାମଣୀ ସାମନ୍ତରାୟଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମପୁର ଠାରେ ସମବାୟ ବ୍ୟାଙ୍କ ପୂର୍ବତନ ପରିଚାଳକ କ୍ଷୀରୋଦ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଡ. ଅଲେଖ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲିଲିତା ଦାସ, ରାଜନଗର ବିଜେପି ନେତା ଲଳିତ ବେହେରା, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ମହାକାଳପଡା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ରାଜ୍ୟ ବିଜେଡି ସମ୍ପାଦକ ରାଜେଶ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ଜ୍ୟୋତିର୍ମୟୀ ବେହେରା, ରଶ୍ମି ମଲିକ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ଯୁବ ନେତା ମିଟୁ ମନୋଜ ନାୟକ. ସମାଜସେବୀ ଶଶିକାନ୍ତ ପଣ୍ଡା, ଯୁବ ସମାଜସେବୀ ସଂଗ୍ରାମ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ନିରୋଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ବିବି ମଡେଲ ହାଇସ୍କୁଲ ପରିଚାଳନା କମିଟି ଗଠନ

**ଡେରାବିଶ,୧୨।୭(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିଚାଳନା କମିଟି ଗଠନ ହେବା ସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତକାଲି ସରକାରଙ୍କ ନୂତନ ନିୟମାନୁଯାୟୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଭିଭାବକମାନଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବରେ ଶୁଭେନ୍ଦୁ କୁମାର ପ୍ରତାପ ଓ ଉପସଭାପତି ଭାବେ ପ୍ରତିମା ମହାପାତ୍ରଙ୍କୁ ମନୋନିତ କରାଯାଇଥିଲା। ବିଦ୍ୟାଳୟ ତରଫରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଓ ପୂର୍ବତନ ପରିଚାଳନା କମିଟି ସଭାପତି ଗୋପିନାଥ ଦାସ ଶ୍ରୀ ପ୍ରତାପ ଓ ଶ୍ରମତୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପରେ ବିଦ୍ୟାଳୟର ଇକୋ କ୍ଲବ, ଏନ୍‌ସିସି କ୍ୟାଡେଟ୍, ଛାତ୍ରଛାତ୍ରୀ ଓ ନିର୍ବାଚିତ କମିଟିର କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉତ୍ସାହର ସହିତ ବନମହୋତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ଆଲୋକ କୁମାର ଜେନା, ବ୍ରଜେନ୍ଦୁ କର, ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ମିଶ୍ର, ମମତା ମହାନ୍ତି, ସୁଚିସ୍ମିତା ତ୍ରିପାଠୀ ଓ କର୍ମଚାରୀ ମଳୟ କୁମାର ରଥ ପ୍ରମୁଖ ସହଯୋଗ କରିଥିଲେ।

### ବ୍ଲକ୍ ପ୍ରଶାସନ ବିରୋଧରେ ଏସ୍‌ଏଚ୍‌ଜିର ଅଭିଯୋଗ

# ଦୁଇବର୍ଷ ପରେ ବି ମିଳିଲାନି ପୋଖରୀ ଦଖଲ

**ମହାକାଳପଡ଼ା,୧୨।୭ (ସମିସ)**



ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡ଼ାଙ୍ଗ ପଞ୍ଚାୟତରେ ଏକ ପୋଖରୀ ନିଲାମକୁ କେନ୍ଦ୍ର କରି ବ୍ଲକ ପ୍ରଶାସନ ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ। ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ଅର୍ଥ ଜମା ଦେବା ସହ ରସିଦ ପାଇଥିଲେ ମଧ୍ୟ ଦୁଇ ବର୍ଷ ବିତିଯାଇଥିଲେ ସୁଦ୍ଧା ପୋଖରୀ ସଫା କରାଯାଇ ହସ୍ତାନ୍ତର କରାଯାଇନଥିବା ଅଭିଯୋଗ ସେମାନେ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବାରଡ଼ାଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଥିବା ପୋଖରୀକୁ ବ୍ଲକ ପ୍ରଶାସନ ପକ୍ଷରୁ ନିଲାମ କରାଯାଇଥିଲା। ଏହି ନିଲାମରେ ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ମାଳତୀ ରାଉତଙ୍କ ସମେତ ଅନ୍ୟ ସଦସ୍ୟମାନେ ଭାଗ ନେଇ ସର୍ବାଧିକ ଡାକ ଦେଇ ପୋଖରୀର ନିଲାମ ଅଧିକାର ପାଇଥିଲେ। ମହିଳାମାନଙ୍କ କହିବା ଅନୁସାରେ, ନିଲାମ ସମୟରେ ସେମାନେ ଉପସ୍ଥିତ ଅଧିକାରୀଙ୍କୁ ପୋଖରୀ ଅପରିଷ୍କାର ଥିବା ସହ କେତେକ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଅବଗତ କରାଇଥିଲେ। ସେତେବେଳେ ସମ୍ପୃକ୍ତ ଅଧିକାରୀ ପଞ୍ଚାୟତ ପକ୍ଷରୁ ପୋଖରୀକୁ ସଫା କରି ମାପଚୁପ କରାଯାଇ ଗୋଷ୍ଠୀକୁ ହସ୍ତାନ୍ତର କରାଯିବ ବୋଲି ଆଶ୍ୱାସନ ଦେଇଥିବା ଦାବି କରିଛନ୍ତି। ହେଲେ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ପୋଖରୀ ସଫା କିମ୍ବା ଖନନ କାମ ହୋଇନଥିବାରୁ ଗୋଷ୍ଠୀର ମହିଳାମାନେ ମାଛ ଚାଷ କିମ୍ବା ଅନ୍ୟ କୌଣସି ଆୟମୂଳକ କାର୍ଯ୍ୟ ଆରମ୍ଭ କରିପାରିନଥିବା କହିଛନ୍ତି। ଏହାଫଳରେ ସେମାନେ ଆର୍ଥିକ କ୍ଷତି ସହିଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକର କନିଷ୍ଠ ଯନ୍ତ୍ରୀ (ଜୁନିଅର ଇଞ୍ଜିନିୟର) ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ମହିଳାମାନେ କହିଛନ୍ତି। ନିଲାମର ସମସ୍ତ ଅର୍ଥ ଜମା ଦେଇ ରସିଦ ପାଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିବା ସେମାନଙ୍କ ଅଭିଯୋଗ। ଗୋଷ୍ଠୀର ସଦସ୍ୟାମାନେ କହିଛନ୍ତି ଯେ ସରକାର ମହିଳା ସଶକ୍ତିକରଣ ଓ ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶ ପାଇଁ ବିଭିନ୍ନ ଯୋଜନାର କଥା କହୁଥିବା ବେଳେ ତୃଣମୂଳ ସ୍ତରରେ ଏପରି ଅବହେଳା ଦେଖିବାକୁ ମିଳୁଛି। ଯଦି ନିଲାମ ପାଇଥିବା ପୋଖରୀର ଦଖଲ ହିଁ ମିଳୁନାହିଁ, ତେବେ ମହିଳା ଗୋଷ୍ଠୀ କିପରି ଆତ୍ମନିର୍ଭରଶୀଳ ହେବେ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଶେଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମହାକାଳପଡ଼ା ବ୍ଲକ ପ୍ରଶାସନଙ୍କୁ ତୁରନ୍ତ ପୋଖରୀ ସଫା ଓ ଖନନ କରାଇ ନିଲାମ ସର୍ତ୍ତ ଅନୁଯାୟୀ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ବ୍ଲକ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଗଣ ସତ୍ୟାଗ୍ରହ

**କେନ୍ଦ୍ରାପଡ଼ା,୧୨।୭(ସମିସ):** ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ହୋଇଥିବା ଅଭିଯୋଗ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ସମର୍ଥନ ଜଣାଇଛି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ। ଏ ପରିପ୍ରେକ୍ଷୀରେ ରବିବାର କେନ୍ଦ୍ରାପଡ଼ା ପୁରୁଣା ବସଷ୍ଟାଣ୍ଡସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସଂଗଠନର ଜିଲ୍ଲା କମିଟି ପକ୍ଷରୁ ଏକ ଗଣ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ବିରୋଧରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ କରାଯାଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ସମର୍ଥନ ଜଣାଇ ଦିଲ୍ଲୀର ଯନ୍ତରମନ୍ତରଠାରେ ଦେଶର ବିଶିଷ୍ଟ ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍ ଆରମ୍ଭ କରିଥିବା ଅନଶନ ରବିବାର ପନ୍ଦର ଦିନରେ ପହଞ୍ଚିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଜଟିଳ ହେଉଥିବା ସତ୍ତ୍ୱେ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଅସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରୁଥିବା ନେଇ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କେନ୍ଦ୍ର କମିଟି ଅସନ୍ତୋଷ ପ୍ରକାଶ କରିଛି। ଏହାର ପ୍ରତିବାଦ ସ୍ୱରୂପ ଓ ସୋନମ୍ ୱାଙ୍ଗଚୁକ୍‌ଙ୍କ ପ୍ରତି ଏକାତ୍ମତା ପ୍ରକାଶ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଆୟୋଜିତ ଗଣ ସତ୍ୟାଗ୍ରହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ସହ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ବିଭ୍ରାଟ ପାଇଁ ଦାୟୀ ବୋଲି ଅଭିହିତ ଜାତୀୟ ଶିକ୍ଷାନୀତି-୨୦୨୦କୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ସଂଗଠନର ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସତ୍ୟାଗ୍ରହରେ ଉପଦେଷ୍ଟା ଡ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଡ. ଚୈତନ୍ୟ ଚରଣ ପରିଡା, ରବୀନ୍ଦ୍ର ପ୍ରସାଦ ଜେନା, ଗାଳ୍ପିକା ଅବନ୍ତୀ ବେହେରା, ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ନରୋତ୍ତମ ପାର୍ଥସାରଥୀ, ବିକାଶ ଚନ୍ଦ୍ର ବେଉରା, ରଣଧୀର ଜେନା, ଭାଗୀରଥି ଜେନା, ମୁକ୍ତାର ଖାଁ, ଜଗଜ୍ଜୀବନ ଦାଶ, ଶୈଳବାଳା ସାମଲ, ସରୋଜକାନ୍ତ ନାୟକ, ନିରୁପମା ଦାସ, କାଶୀନାଥ ରାଉତରାୟ, ବୈଷ୍ଣବ ଚରଣ ସ୍ୱାଇଁ, ବିକ୍ରମ କେଶରୀ ସାମଲ ଏବଂ ଶରତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।




## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ



**କେନ୍ଦ୍ରାପଡ଼ା,୧୨।୭(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଆୟୋଜିତ ହୋଇଯାଇଛି। ଏ ଅବସରରେ ପିଏମ୍‌ଶ୍ରୀ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସ୍କୁଲ ଛାତ୍ରଛାତ୍ରୀଙ୍କ ବଢୁଥିବା ଆଗ୍ରହ ଓ ସୃଜନଶୀଳ ପ୍ରତିଭାର ସୁନ୍ଦର ଝଲକ ଦେଖିବାକୁ ମିଳିଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମନୋନୀତ ପ୍ରତିଭାବାନ ଛାତ୍ରଛାତ୍ରୀ ଯୋଗଦେଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପ୍ରତିଯୋଗିତାକୁ କନିଷ୍ଠ ବର୍ଗ (୫ମରୁ ୭ମ ଶ୍ରେଣୀ) ଓ ବରିଷ୍ଠ ବର୍ଗ (୮ମରୁ ୧୦ମ ଶ୍ରେଣୀ)ରେ ବିଭକ୍ତ କରାଯାଇ ପ୍ରବନ୍ଧ ଲିଖନ, କବିତା ଆବୃତ୍ତି, ବକ୍ତୃତା ଓ ଓଡ଼ିଆ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କନିଷ୍ଠ ବର୍ଗରେ ୧୨ ଜଣ ଓ ବରିଷ୍ଠ ବର୍ଗରେ ୧୨ ଜଣଙ୍କୁ ମିଶାଇ ୨୪ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ ସମ୍ମାନିତ ହୋଇଥିଲେ। ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୧୨ ତାରିଖରେ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସାହିତ୍ୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ଡ. ସର୍ବେଶ୍ୱର ସେଣ, ନୃସିଂହ ଚରଣ ତ୍ରିପାଠୀ, ଅକ୍ଷୟ ନାୟକ, ଅକ୍ଷୟ ପାଣି, ଈଶ୍ୱର ଚନ୍ଦ୍ର ପୃଷ୍ଟି, ସ୍ୱପ୍ନାଂଶୁ ଦାସ ଓ ଶୈଳଜା ଶଙ୍କର ସାମଲ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂ ଓ ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ରାଜକିଶୋର ରାଉତଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ନୂତନ ପିଢ଼ିର ଆଗ୍ରହ ବଢ଼ାଇବା ଓ ସେମାନଙ୍କ ସୃଜନଶୀଳ ପ୍ରତିଭାକୁ ବିକଶିତ କରିବା ଦିଗରେ ଏଭଳି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ମତ ପ୍ରକାଶ ପାଇଛି।

## ବଡ଼ମୋହନପୁରରେ ବୃକ୍ଷରୋପଣ

**ପଟ୍ଟାମୁଣ୍ଡାଇ,୧୨।୭(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ତ୍ରିଭୁବନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଡ୍‌ଭୋକେଟ ରମଣୀ ରଞ୍ଜନ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ସେଠୀ ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ଜେନା, ନେଚର କ୍ଲବ ସମ୍ପାଦକ ବିରଜା ପତି, ଜିଲ୍ଲା ଇକୋ କ୍ଲବ ସଂଯୋଜକ ଗୋପୀନାଥ ଦାଶ, ବଡ଼ମୋହନପୁର ସରପଞ୍ଚ ଯଶୋମତି ରାଉତ, ସାନଜରିଆ ସରପଞ୍ଚ ନିରାକାର ନାୟକ, ସମାଜସେବୀ ଧୀରେନ୍ଦ୍ର କୁମାର ଦାସ, ସମାଜସେବୀ ସତ୍ୟବ୍ରତ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିଭୁବନ ସମ୍ପାଦକ କୁମର ବାଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ପ୍ରକୃତିବନ୍ଧୁ କବି ଅନ୍ତର୍ଯ୍ୟାମୀ ବେଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧନୁର୍ଜୟ ସ୍ୱାଇଁ, ବଡପଡା ପୂର୍ବତନ ସରପଞ୍ଚ ସନ୍ତୋଷ ଦାସ, ଶିକ୍ଷାବିତ ଗୋକୁଳ ଚନ୍ଦ୍ର ରାଉତ, ଗାଳ୍ପିକ ପ୍ରଦୀପ ନାୟକ, ବନମାଳୀ ମହାପାତ୍ର, ପାରେଶ୍ୱର ସେଠୀ, ପ୍ରାକ୍ତନ ଶିକ୍ଷକ ଗୋଲକ ନାୟକ, ଜଗନ୍ନାଥ ଉପାଧ୍ୟାୟ, ବ୍ରଜବନ୍ଧୁ ରାଉତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଲେଖ ନାଥ ପ୍ରେମାନନ୍ଦ ନାୟକ, ତ୍ରିଲୋଚନ ସ୍ୱାଇଁ, ସୁରଥ ସେଠୀ, ଅର୍ଜୁନ ଚରଣ ପ୍ରଧାନ, ଶିବ କୁମାର ସେଠୀ, ସରୋଜ ଦାସ, ବିଚିତ୍ର ବାୟୀ ପରିଚାଳନା କରିଥିଲେ।

## କେବୁଲ ତାର ଚୋରିରେ ସମ୍ପୃକ୍ତ ଜଣେ ଗିରଫ

**ରାଜକନିକା,୧୨।୭(ସମିସ):** ଏକ ତାର ଚୋରି ରାକେଟର ପର୍ଦ୍ଦାଫାଶ କରି ରାଜକନିକା ମଲ୍ଲୀସାହାଡ଼ାରୁ ଆଜି ଜଣେ ଯୁବକକୁ ଗିରଫ କରି ନେଇଛି ଚାନ୍ଦବାଲି ପୁଲିସ। ଆଜି ଅପରାହ୍ନରେ ଚାନ୍ଦବାଲି ପୁଲିସ ରାଜକନିକା ପୁଲିସ ସହାୟତାରେ ମଲ୍ଲୀସାହାଡ଼ା ଗାଁରେ ଥିବା ମାଂସଡ଼ା ଥାନା କୁଦୋକାନ୍ତି ଗାଁର ସେକ ବାବୁ ସଜାଉଦ୍ଦିନଙ୍କୁ କବାଡିଆ ଦୋକାନରୁ ଗିରଫ କରିଛି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେକ ବାବୁ ମଲ୍ଲୀସାହାଡ଼ାରେ ଘର ଭଡା ନେଇ କବାଡ଼ି ଦୋକାନକରି ଚୋରାରେ ବିଜୁଳି କେବୁଲ ତାର ମହଜୁଦ କରିବା ଅପରାଧରେ ଗିରଫ ହୋଇଛି। ପ୍ରକାଶ ଯେ ଗତ ଜୁନ ୨୧ ତାରିଖ ଦିନ ଚୋରା କେବୁଲ ତାର ବୋଝେଇ ଏକ ପିକଅପ ଭ୍ୟାନକୁ ରାଜକନିକା ପୁଲିସ ଜବତ କରିଥିଲା। ଏଥିରେ ତାର ବୋଝେଇ ହୋଇ ମଲ୍ଲୀସାହାଡ଼ା ଗାଁର ଏକ କବାଡ଼ି ଦୋକାନକୁ ଯାଉଥିଲା। ସେହିଦିନ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୪ ଜଣ ଦୌଡ଼ି ଖସି ପଳାଇଥିଲେ। ଦୀର୍ଘ ବର୍ଷ ଧରି ରାଜକନିକା ଥାନାଞ୍ଚଳରେ ଟ୍ରାନ୍ସଫର୍ମର, ସୋଲାର ଲାଇଟ, ବ୍ୟାଟେରୀ, ବିଜୁଳି ତାର, ଲୁହା ପୋଲ ବିଶେଷକରି ପାଣି ପଞ୍ଚାୟତର ମୋଟର ଆଦି ଚୋରି ହେଉଥିବା ବେଳେ ପୁଲିସରେ ଏ ନେଇ ଶତାଧିକ ଅଭିଯୋଗ ହୋଇଛି।

## ସଫଳତା ସାଉଁଟିଲେ ଅଦର୍ଶ ବିଦ୍ୟାଳୟ ଛାତ୍ରୀ

**ଡେରାବିଶ/ ପଞ୍ଚୁପାଣ୍ଡବ,୧୨।୭(ସମିସ):** ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ପ୍ରିୟଦର୍ଶିନୀ ଓ ଇଷ୍ଟପ୍ରଭା ଦାସ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ବିଦ୍ୟାଳୟ ତଥା ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଏହି ଛାତ୍ରୀ ଦ୍ୱୟଙ୍କ ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅନନ୍ଦର ଲହରୀ ଖେଳିଯାଇଛି। ସୂଚନା ଯୋଗ୍ୟ ଅନନ୍ୟା ଏସ୍‌ଓପି ନ୍ୟାସ୍‌ନାଲ ସାଇନ୍ସ ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ କରିଛନ୍ତି। ସେହିପରି ଇଷ୍ଟପ୍ରଭା ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଏହି ଛାତ୍ରୀଦ୍ୱୟଙ୍କ ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ ଓ ଅବିଭାବକମାନଙ୍କ ପ୍ରଚେଷ୍ଟା ରହିଛି। ଏ ନେଇ ଅଭିଭାବକମାନେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ, ଶିକ୍ଷକ ଡ. ଧନଞ୍ଜୟ ମିଶ୍ର, ରୋଶନ କୁମାର ଦାସ, ଶିକ୍ଷୟିତ୍ରୀ ସୁଭଦ୍ରା ଷଡ଼ଙ୍ଗୀ, ସୁଶ୍ରୀ ମୌସୁମୀ ସାହୁ ପ୍ରମୁଖଙ୍କୁ ଉଦେଛା ଜଣାଇଛନ୍ତି।

## କଳାକାରଙ୍କ ପରଲୋକ



**ଡେରାବିଶ,୧୨।୭(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ବିଶିଷ୍ଟ କଳାକାର ଅଦ୍ୱୈତ ପ୍ରସାଦ ଦାଶ (୬୫)ଙ୍କ ଗତକାଲି ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଅଞ୍ଚଳର ବିଭିନ୍ନ ନାଟ୍ୟ ଅନୁଷ୍ଠାନ ମାନଙ୍କରେ ନିର୍ଦ୍ଦେଶନା ଦେଇ ବେଶ୍ ସୁନାମ ଅର୍ଜନ କରିଥିଲେ। ଏଥିସହିତ କେଶରପୁର ଗ୍ରାମର ରାମନବମୀରେ ରାମଚନ୍ଦ୍ରଙ୍କ ଭୂମିକାରେ ଦୀର୍ଘଦିନ ଧରି ଅଭିନୟ କରିଆସୁଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ହୋଇଥିବା ବେଳେ ତାଙ୍କ ମାମୁଁ ପୁଅ ଭାଇ ଦେବାଶଷ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ● ଆଉଜଣେ ବସ୍ କର୍ମଚାରୀ ଫେରାଇଲେ ଯାତ୍ରୀଙ୍କ ପର୍ସ

## ରାଜ୍ୟ ସଡ଼କ ପରିବହନ ପକ୍ଷରୁ ରାଜକନିକା ଅଟଳ ବସ୍‌ଷ୍ଟାଣ୍ଡକୁ ପ୍ରଶଂସା

**ରାଜକନିକା, ୧୨।୭(ସମିସ):** ଗତ ୪ ତାରିଖ ଦିନ ରାଜକନିକା ଅଟଳ ବସ୍‌ଷ୍ଟାଣ୍ଡ କର୍ମଚାରୀ ଚନ୍ଦନ ଲେଙ୍କା ବସ୍‌ରୁ ଏକ ଭ୍ୟାନିଟି ପାଇ ହାଟସାହିର ପ୍ରଭାତୀ ପଡିହାରୀଙ୍କୁ ଫେରାଇଥିଲେ। ଏହି ଘଟଣାର ୧୭ ଦିନ ପୂର୍ବରୁ ଏହି ବସ୍‌ଷ୍ଟାଣ୍ଡର ହାଉସକିପିଂ ଷ୍ଟାଫ ପ୍ରଣବ ସାହୁ ସେହି ହାଟସାହି ବସରୁ ଏକ ପର୍ସ ପାଇଥିଲେ। ହାଟସାହି ଗ୍ରାମର କାଙ୍ଗାଳି ନାୟକ ପ୍ରମାଣ ଦେଇ ଷ୍ଟାଣ୍ଡର ସୁପରଭାଇଜର ସମୀର ବିଶ୍ୱାଳଙ୍କଠାରୁ ପର୍ସ ଫେରି ପାଇଥିଲେ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏଭଳି କର୍ମଚାରୀଙ୍କୁ ତା'ର ରାଜ୍ୟ ପୋର୍ଟାଲରେ ପ୍ରଶଂସା କରିଛି। ଲୋଭର ବଶବର୍ତ୍ତୀ ନ ହୋଇ ରାଜକନିକା ଅଟଳ ବସ୍‌ଷ୍ଟାଣ୍ଡର ଚନ୍ଦନ ଓ ପ୍ରଣବ ସାରା ରାଜ୍ୟ ପରିବହନ ନିଗମ ପାଇଁ ବିଶ୍ୱାସ ଓ ଭରସା ଆଣିଦେଇଥିବାରୁ ରାଜକନିକା ଅଟଳ ବସ୍‌ଷ୍ଟାଣ୍ଡର ସମସ୍ତ ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ହାଉସକିପିଂ କର୍ମଚାରୀଙ୍କୁ ସାଧାରଣରେ ପ୍ରଶଂସା ମିଳିଛି।

### ● ହେଉନି ନଳକୂପ ମରାମତି

## ଦଳିତ ସାହିର ୧୫ ପରିବାର ପାଣି ପାଇଁ ହନ୍ତସନ୍ତ



**ପଞ୍ଚୁପାଣ୍ଡବ,୧୨।୭(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦଳିତ ସାହିର ନଳକୂପ ଭାଙ୍ଗିଯାଇଥିବା ଦେଖିବାକୁ ମିଳୁଛି। ଏହାର ମରାମତି କରା ନ ଯିବାରୁ ଦଳିତ ସାହିର ପ୍ରାୟ ୧୫ ପରିବାର ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ନଳକୂପର ଲୁହା ପାଇପ୍ ଭାଙ୍ଗି ଯାଇଥିବାବେଳେ ପାଣି ନିଷ୍କାସନ ପାଇଁ ବାଟ ନ ଥିବା ଅଭିଯୋଗ ହେଉଛି। ଏ ବିଷୟରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କଠାରୁ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ଏହାର ସମାଧାନ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ବିଷୟରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ବ୍ଲକ୍ ପ୍ରଶାସନ ପକ୍ଷରୁ ମରାମତି ପାଇଁ ଆସିଥିବା କର୍ମଚାରୀ କିଛି ମହିଳାଙ୍କୁ ନଳକୂପ ନିକଟରେ ଠିଆ କରି ଫଟୋ ଉଠାଇ ଫେରିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ତିନି ମାସ ପୂରିବାକୁ ବସିଲା କିନ୍ତୁ ନଳକୂପ ମରାମତି କରିବା ପାଇଁ କାହାରି ଦେଖାନାହିଁ। ନଳକୂପ ଅଚଳ ଥିବାରୁ ଲୋକ ଗୋବରୀ ନଦୀରୁ ପାଣି ବ୍ୟବହାର କରୁଥିବା ଅଞ୍ଚଳବାସୀ କହିଛନ୍ତି। ଏମିତିକି ସଦାନନ୍ଦପୁରଠାରେ ହୋଇଥିବା ବସୁଧା ପାଣିର ମାନ ଭଲ ନ ଥିବାବେଳେ ହାଟ ପଡ଼ିଆରେ ହୋଇଥିବା ଓଭରହେଡ୍ ଟାଙ୍କିରୁ ପାଣି ଆସୁ ନ ଥିବା ଅଭିଯୋଗ ହେଉଛି। ବେଣୀପୁର ପଞ୍ଚାୟତ ବଜାର ଗ୍ରାମ ଶେଷ ମୁଣ୍ଡ ଓ ଟାଙ୍କିରୁ ଅଧିକ ଦୂରତା ଥିବାରୁ ପାଣିର ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ସରକାରୀ ନଳକୂପକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରେକର୍ଡରେ ଢଳେଇ ରାସ୍ତା | ଏବେବି କାଦୁଅରେ ହନ୍ତସନ୍ତ ଲୋକେ

**ରାଜକନିକା,୧୨।୭(ସମିସ)**



ରେକର୍ଡରେ ଢଳେଇ ରାସ୍ତା। ବାସ୍ତବରେ କିନ୍ତୁ ଯେଉଁ ମାଟିକୁ ସେଇ ମାଟି କାଦୁଅ। ଦୁଇବର୍ଷ ହେଲାଣି ଏହି ରାସ୍ତାର ଦୁରବସ୍ଥା ଦୂର ପାଇଁ ସାଧାରଣ ଲୋକ ଗୁହାରି କରି ନୟାନ୍ତ। ମାଟି ରାସ୍ତା ଉପରେ ଢଳେଇ କରିବାର ନିୟମ ଥିବାବେଳେ ଏହି ରାସ୍ତା ଏବେ ରେକର୍ଡରେ ଢଳେଇ ହୋଇଥିବାରୁ ଏହି ରାସ୍ତା ମାଟି କାଦୁଅ ହୋଇ ରହିବା ଛଡ଼ା ଅନ୍ୟ ଉପାୟ ନାହିଁ। ଏହି ରାସ୍ତା ପାଇଁ ୨୦୨୧ ସେପ୍ଟେମ୍ବର ୧୩ ତାରିଖରେ ୫ ଲକ୍ଷ ୬୦ ହଜାର ଟଙ୍କା ଏଫଡିଆର ନାଁରେ ବିଲ ହୋଇଛି। ଏହି ରାସ୍ତାକୁ ଢଳେଇ କରାଯାଇ ବିଲ୍ ହୋଇଥିବାବେଳେ ବାସ୍ତବରେ ଏବେ ଦୁଇବର୍ଷ ହେବ ଏନଆରଜିଏସ ଯୋଜନାରେ ମାଟି କାମ କରାଯାଇଥିଲେ ବି ପୋର୍ଟାଲ ଏହାକୁ ଗ୍ରହଣ କରୁନାହିଁ। ଫଳରେ ସମସ୍ୟା ବଢ଼ିଛି। ରାଜକନିକା ବ୍ଲକରେ ଦୀର୍ଘ ବର୍ଷ ଧରି ଡେରା ପକାଇ ୨ ବର୍ଷ ହେବ ଏଠାରୁ ବିଦା ହୋଇଥିବା ଜେଇ ପ୍ରିୟବ୍ରତ ଦାସଙ୍କ ନାମରେ ଖର୍ଚ୍ଚ ହୋଇଥିବା ସେବେକାର ଏଫଡିଆର ଖର୍ଚ୍ଚ ହିସାବ ଭାଉଚର ନମ୍ବର ୨୦୨୧-୨୨/ପି /୧୩୯ ଅନୁସାରେ ଏହି ରାସ୍ତାରେ ସିସି ରୋଡ଼ କରାଯାଇଥିବା ଦର୍ଶାଯାଇ ବିଲ ହୋଇଛି। ସେତେବେଳେ ଏଭଳି ଦୁର୍ନୀତିକୁ ନେଇ ଜୋରଦାର ବିରୋଧ ସହ ଭିଜିଲାନ୍ସ ତଦନ୍ତ ଦାବି ହୋଇଥିଲା। ମାତ୍ର ଜିଲ୍ଲା ପ୍ରଶାସନର ଟାଳଟୁଳ ନୀତି ପାଇଁ ଏବେ ବି ଏହି ଦୁର୍ନୀତି ଅନ୍ଧାରରେ ଚାପି ହୋଇରହିଛି। ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମାଟି ରାସ୍ତାକୁ ରେକର୍ଡରେ ସିସି ରୋଡ୍ କରି ବିଲ ନେଇ ଛୁ ମାରିଥିବା ଚତୁର ବ୍ଲକ ପ୍ରଶାସନର କଳା କାରନାମା ପାଇଁ ଏବେ ଆରଡି ରୋଡ଼ର ସ୍ୱପ୍ନେଶ୍ୱର ମହାଦେବଠାରୁ ବଙ୍ଗାଳି ବଳ ଘର ଯାଏ ୧୧ ଶହ ଫୁଟ ମାଟି ରାସ୍ତା କାଦୁଅ ପଚପଚ ହୋଇରହିଛି। ୧୨୦ ପରିବାର ନିର୍ଭର କରୁଥିବା ଜୟକୁଣ୍ଡା ଓ ପଦମପୁର ଗାଁ ଲୋକେ ସବୁଦିନ ହୀନସ୍ତା ହେଉଛନ୍ତି। ଉକ୍ତ ରାସ୍ତା କଂକ୍ରିଟ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ସମ୍ପାଦକୀୟ



ଅହିଂସା ଯଦି ଏକ ପରିଧି ହୁଏ, ଏହାର କେନ୍ଦ୍ରବିନ୍ଦୁ ହେଉଛି ପ୍ରେମ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ୩୦ ବର୍ଷ ପରେ ଚାର୍ଜସିଟ୍!

ନ୍ୟାୟିକ ବିଚାର ବ୍ୟବସ୍ଥା ଦୃଷ୍ଟିରୁ ଭାରତ ଅପରାଧୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ଭାବେ ଅପଖ୍ୟାତିଟିଏ ଅର୍ଜିଛି। ଯେଉଁ ବହୁଳ ଉଦାହରଣ ଆଧାରରେ ଏଭଳି ଧାରଣାଟିଏ ବିଶ୍ୱରେ ପ୍ରକଟ ହୋଇଛି ସେଥିରେ ସଦ୍ୟତମ ଯୋଡ଼ି ହୋଇଯାଇଛି ଆଉ ଏକ ଫର୍ଦ୍ଦ। ପ୍ରାୟ ୩୦ ବର୍ଷ ତଳେ ୧୯୯୬ ଜୁଲାଇ ୧୭ ତାରିଖରେ ଜାମ୍ମୁ-କାଶ୍ମୀର ରାଜଧାନୀ ଶ୍ରୀନଗରରେ ଘଟିଥିବା ଏକ ହିଂସାକାଣ୍ଡ ଘଟଣାରେ ଗତ ସପ୍ତାହରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ଯେଉଁ ଛଅଜଣ ହୁରିଆତ୍ ନେତାଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ଦୁଇଜଣଙ୍କ ମୃତ୍ୟୁ ଘଟିସାରିଲାଣି ଏବଂ ବିଚାର ପ୍ରକ୍ରିୟା ସରି ଚୂଡ଼ାନ୍ତ ରାୟ ଆସିବା ବେଳକୁ ବାକି ଚାରିଜଣ ଯେ ଦଣ୍ଡ ଭୋଗିବାକୁ ଜୀବିତ ଥିବେ ତାହା ସନ୍ଦେହରେ।

ହଜାରେ ଦୋଷୀ ଖସି ଯାଆନ୍ତୁ ପଛକେ ଜଣେ ନିର୍ଦ୍ଦୋଷ ଦଣ୍ଡିତ ନ ହେଉ - ଏହି ମନ୍ତ୍ରରେ ପରିଚାଳିତ ଆମ ନ୍ୟାୟିକ ବ୍ୟବସ୍ଥା ବିଳମ୍ବିତ ହେବାର ଅଲୋଡ଼ା ରେକର୍ଡମାନ ସୃଷ୍ଟି କରିଚାଲିଛି। ନ୍ୟାୟିକ ବ୍ୟବସ୍ଥାକୁ ବିଳମ୍ବିତ କରୁଥିବା ପ୍ରଧାନ କାରକମାନଙ୍କ ମଧ୍ୟରୁ ପୁଲିସ୍ ଓ ତଦନ୍ତକାରୀ ସଂସ୍ଥାର ତଦନ୍ତ ଓ ଚାର୍ଜସିଟ୍ ଦାଖଲରେ ବିଳମ୍ବତା ଅନ୍ୟତମ। ପୁଲିସ ବ୍ୟବସ୍ଥା ମଧ୍ୟ ଏତେ ବିବଶ ଯେ ନାନା ସମାଲୋଚନା ଓ ସମୀକ୍ଷା ସତ୍ତ୍ୱେ ଏଥିରେ ସୁଧାର ଆସିପାରୁନାହିଁ। ପ୍ରାୟ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ବିଶାଳ ଦେଶ ଭାରତରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକ ପୁଲିସ ସମ୍ବଳର ଘୋର ଅଭାବ ରହୁଛି। ଅଧିକନ୍ତୁ ଏବେ ଭିଭିଆଇପିଙ୍କ ସଭା, ସମାବେଶ, ଯାତ୍ରା, ଅଭିଯାନ ଆଦି ରାଜନୈତିକ କାର୍ଯ୍ୟକ୍ରମ ନିତିଦିନିଆ ହୋଇଗଲାଣି। ଏଥିରେ ଶହ ଶହ ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେଉଛନ୍ତି। ଏଭଳି ଅଣ-ଉତ୍ପାଦକ ଭିତ୍ତିକ କାର୍ଯ୍ୟ ଭାର ବଢ଼ିଚାଲିଥିବାରୁ ପୁଲିସ୍ ପ୍ରଶାସନ ପାଖରେ ଶ୍ରମ ଶକ୍ତି ଓ ସମୟର ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ଏହି ପୃଷ୍ଠଭୂମିରେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହୋଇ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବ କରୁଛି। ଅନେକ କ୍ଷେତ୍ରରେ ଉପରିସ୍ଥ ଚାପରେ ମଧ୍ୟ ପୁଲିସ୍ ଉଦ୍ଦେଶ୍ୟମୂଳକ ଭାବେ ତଦନ୍ତକୁ ଶିଥିଳ କରିବାକୁ ବାଧ୍ୟ ହେଉଛି।

ଏହାର କିନ୍ତୁ ଗୁରୁତର ପ୍ରଭାବ ପଡୁଛି ଜେଲ୍ ଓ ବିଚାର ବ୍ୟବସ୍ଥା ଉପରେ। ଭାରତୀୟ ଅଦାଲତମାନଙ୍କରେ ମାମଲାବୋଝ ଏବେ ୫ କୋଟି ଟପିଲାଣି। ଭାରତୀୟ ଜେଲ୍‌ମାନଙ୍କରେ ବିଚାରାଧୀନ କଏଦୀମାନଙ୍କ ସଂଖ୍ୟା ଏତେ ବେଶୀ ଯେ ବେଳେ ବେଳେ ବହୁ ପୁରାତନ ମାମଲାଗୁଡ଼ିକର ରେକର୍ଡପତ୍ର ମିଳେ ନାହିଁ। ଫଳରେ ଜେଲ୍‌ରେ ବିଚାରାଧୀନ ଭାବେ ବନ୍ଦୀ ଥିବା ବ୍ୟକ୍ତିଟି ନିଜେ ମଧ୍ୟ ପରିଣତ ବୟସରେ ପହଞ୍ଚି ଭୁଲି ଯାଇଥାଏ ସେ କାହିଁକି ଜେଲ୍‌ରେ ଅଛି। କେତେକ ସ୍ଥାନରେ ଏଭଳି ବିଚାରାଧୀନ ବୟସ୍କବନ୍ଦୀମାନେ ମାନସିକ ଭାରସାମ୍ୟ ହରାଇ ଅତ୍ୟନ୍ତ ଦୟନୀୟ ଜୀବନ ଯାପନ କରୁଥିବା ଦେଖାଯାଏ। ବହୁବର୍ଷ ତଳେ ଗୋଟିଏ ଜନସ୍ୱାର୍ଥ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଜେଲ୍‌ର ରେକର୍ଡପତ୍ର ଯାଞ୍ଚ କରାଯାଇ ଶହ ଶହ ବିଚାରାଧୀନ ବନ୍ଦୀଙ୍କୁ ମୁକ୍ତ କରିଦିଆଯାଇଥିଲା। କାରଣ ସେମାନେ ଯେଉଁ ଅପରାଧ ପାଇଁ ବିଚାରାଧୀନ ଥିଲେ, ସେଥିପାଇଁ ଆଇନରେ ଉଦ୍ଦିଷ୍ଟ ସର୍ବାଧିକ ଜେଲଦଣ୍ଡ ବ୍ୟବସ୍ଥା ଅବଧିଠାରୁ ବହୁଗୁଣରେ ଅଧିକ ଜେଲ୍ ଦଣ୍ଡ ଭୋଗି ସାରିଥିଲେ। ବ୍ୟବସ୍ଥାର ବିଡ଼ମ୍ବନା ହେତୁ ଗୋଟିଏ ପକ୍ଷରେ ଦୋଷ ସାବ୍ୟସ୍ତ ନ ହୋଇ ଅଭିଯୁକ୍ତମାନେ ବର୍ଷ ବର୍ଷ ଧରି ଜେଲଦଣ୍ଡ ଭୋଗୁଥିବା ବେଳେ ଅପରପକ୍ଷରେ ଚାର୍ଜସିଟ୍ ଦାଖଲରେ ବିଳମ୍ବ ଯୋଗୁଁ ଅପରାଧୀମାନେ ମୁକ୍ତ ଦୁନିଆରେ ବିଚରଣ କରୁଛନ୍ତି।

ଏ ସବୁ ସତ୍ତ୍ୱେ ଦେଶର ସାର୍ବଭୌମର ସୁରକ୍ଷା ଓ ପ୍ରତିରକ୍ଷା ଭଳି ସମ୍ବେଦନଶୀଳ ମାମଲାରେ ତଦନ୍ତ ଓ ବିଚାର ପ୍ରକ୍ରିୟାରେ ବିଳମ୍ବ ଅସ୍ପୃହଣୀୟ। କେହି କୌଣସି ଆଳ କରି କିମ୍ବା ଜଣେ ଅନ୍ୟ ଉପରକୁ ଦୋଷ ଲଦି ଦେଇ ବ୍ୟବସ୍ଥାର ଅଧିକାରୀମାନେ ନିଜକୁ ଅଭିଯୋଗମୁକ୍ତ କରିପାରିବେ ନାହିଁ। ବମ୍ବେର ତାଜମହଲ ହୋଟେଲ୍ ଓ ଭିକ୍ଟୋରିଆ ଟର୍ମିନାଲ୍ ଆଦି ଜନାକୀର୍ଣ୍ଣ ରେଲଷ୍ଟେସନ୍‌ରେ ୨୦୦୮, ନଭେମ୍ବର ୨୬ ତାରିଖରେ ନରସଂହାର ଘଟଣାର ଅନ୍ୟତମ ଅଭିଯୁକ୍ତ ପାକିସ୍ତାନୀ ଆତଙ୍କବାଦୀ ଆଜ୍‌ମଲ୍ କାସାବ ଜୀବନ୍ତ ଧରାପଡ଼ିଥିଲେ ମଧ୍ୟ ଭାରତୀୟ ନ୍ୟାୟିକ ପ୍ରକ୍ରିୟାରେ ଦୋଷୀ ସାବ୍ୟସ୍ତ, ମୃତ୍ୟୁଦଣ୍ଡ ରାୟ ଘୋଷଣା ଏବଂ ଫାଶୀ ଦେବା ପାଇଁ ପ୍ରାୟ ୪ ବର୍ଷ ଲାଗିଗଲା। ଭାରତର ସଂସଦ ଭବନ ଉପରେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଆଫ୍‌ଜଲ୍ ଗୁରୁ ଫାଶୀ ଦଣ୍ଡ ପାଇବା ପାଇଁ ପ୍ରାୟ ୧୨ ବର୍ଷ, ନିର୍ଭୟା ମାମଲାରେ ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ୭ ବର୍ଷରୁ ଅଧିକ ଏବଂ ୟାକୁବ୍ ମେମୋନକୁ ଫାଶୀ ଦେବା ପାଇଁ ପ୍ରାୟ ୨୨ ବର୍ଷ ଲାଗିଗଲା। ଏହିସବୁ ମାମଲାରେ ଭରପୂର ସାକ୍ଷୀ ପ୍ରମାଣ ଥାଇ ସ୍ୱତନ୍ତ୍ର ଅଦାଲତରେ ବିଚାର ସତ୍ତ୍ୱେ ବାରମ୍ବାର ବିଭିନ୍ନ ଅଦାଲତ, ଉଚ୍ଚ ନ୍ୟାୟାଳୟ, ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଅପିଲ୍ ହୋଇ ଦଣ୍ଡବିଧାନକୁ ବାତିଲ କରିବା ବା ବିଳମ୍ବ କରାଇବାକୁ ଅବିରତ ଚେଷ୍ଟା କରାଯାଉଥିଲା। ଦେଶର ସୁରକ୍ଷା ସହିତ ଜଡ଼ିତ ତଥା ଅତ୍ୟନ୍ତ ଘୃଣ୍ୟ ଓ ଗର୍ହିତ ଅପରାଧ ଭାବରେ ବିବେଚିତ ଏବଂ ଗଣମାଧ୍ୟମ ଓ ଜନମାନସରେ ଅତ୍ୟନ୍ତ ସ୍ପର୍ଶକାତର ଘଟଣା ଭାବରେ ଗୃହୀତ ଏହି ଅପରାଧମାନଙ୍କର ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ ପାଇଁ ଯଦି ଏତେ ସମୟ ଲାଗିଲା ତେବେ ଦୁର୍ଗମ ଅଞ୍ଚଳରେ ନ୍ୟାୟାଳୟ ବିଚାରକୁ ଆସୁଥିବା ମାମଲାଗୁଡ଼ିକରେ ଅତି ବିଳମ୍ବ ହେବାର କାରଣ ସହଜରେ ଅନୁମେୟ।

ଏବେ ଯଦି ଭିଡ଼ ହିଂସା ବା ଲୋକେ ଆଇନ ନିଜ ହାତକୁ ନେବା ଓ ତତ୍କାଳ ଦଣ୍ଡବିଧାନ କରୁଥିବା ଭଳି ଅଭିଯୋଗ ଓ ଅଘଟଣ ବଢୁଛି ତା' ପଛରେ ମଧ୍ୟ ପୁଲିସ୍‌ର ଉଦାସୀନତା, ବିବଶତା ସହିତ ନ୍ୟାୟିକ ପ୍ରକ୍ରିୟାର ମନ୍ଥରତା ଦାୟୀ। ସ୍ୱାଧୀନତାର ଅମୃତକାଳରେ ଯାତ୍ରା କରୁଥିବା ଭାରତର ନ୍ୟାୟିକ ବ୍ୟବସ୍ଥାରେ ଏଭଳି ବିଡ଼ମ୍ବନାମାନ ଅରୁଚିକର। ଏଣୁ ନ୍ୟାୟିକ ଓ ପୁଲିସ୍ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ସହିତ ନୂଆ ସଂହିତା ପ୍ରଣୟନ କରିବାର ସମୟ ଉପଗତ। ●

## ଏଲ୍-ନିନୋର ଆହ୍ୱାନ ଓ ସମାଧାନ

**ସନ୍ତୋଷ କୁମାର ମିଶ୍ର**

ଭାରତ ଉପରେ ଏକ ଅତି ପ୍ରବଳ ଏଲ୍-ନିନୋର ପ୍ରଭାବ ପ୍ରାୟ ସୁନିଶ୍ଚିତ ବୋଲି ବିଶ୍ୱ ପାଣିପାଗ ସଙ୍ଗଠନ ସମେତ ୟୁରୋପ ଓ ଆମେରିକାର କିଛି ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି ଯେ ସ୍ୱାଭାବିକ ଠାରୁ କମ ବୃଷ୍ଟିପାତ ହେବ। ୟୁରୋପର କିଛି ପାଣିପାଗ ପୂର୍ବାନୁମାନ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ଦୀର୍ଘକାଳୀନ ହାରାହାରି ବର୍ଷା ପରିମାଣରୁ ୬୦ ଶତାଂଶ ପର୍ଯ୍ୟନ୍ତ କମ ବୃଷ୍ଟିପାତ ହୋଇପାରେ। ଗତ ଜୁନ ମାସ ମଧ୍ୟରେ ୪୦ ପ୍ରତିଶତ କମ ବୃଷ୍ଟିପାତ ହୋଇଛି। ପ୍ରାୟ ୨୦୦ଟି ଜିଲ୍ଲାରେ କୃଷି କାର୍ଯ୍ୟ ବ୍ୟାପକ ଭାବରେ ପ୍ରଭାବିତ ହେବ। କୃଷି ବିଶେଷଜ୍ଞମାନେ ମତ ଦିଅନ୍ତି ଭାରତରେ ମୋଟାମୋଟି ଆଂଶିକ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ। କେନ୍ଦ୍ର ସରକାର ସମସ୍ତ ପ୍ରକାରର ବିକଳ୍ପ ଯୋଜନା ସକ୍ରିୟ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇ ସାରିଛନ୍ତି ଏବଂ ନିରନ୍ତର ଭାବରେ ଏହାର ଅନୁଧ୍ୟାନ ମଧ୍ୟ କରୁଛନ୍ତି।

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟର ୱେବସାଇଟର ତଥ୍ୟ ଅନୁସାରେ ଦେଶର ମୋଟ କୃଷି ଉପଯୋଗୀ ଅଞ୍ଚଳର ୫୧ ଶତାଂଶ କେବଳ ବର୍ଷା ଉପରେ ନିର୍ଭରଶୀଳ ହୋଇଥିବା ବେଳେ ମୋଟ ଖାଦ୍ୟ ଚାହିଦାର ୪୦ ଶତାଂଶ ଏହା ଦ୍ୱାରା ପୂରଣ ହୁଏ। ପୂର୍ବ ଏଲ୍-ନିନୋ ପ୍ରଭାବିତ ବର୍ଷଗୁଡ଼ିକ ଭାରତର ଖାଦ୍ୟ ଉତ୍ପାଦନ ଆତ୍ମନିର୍ଭରଶୀଳତାକୁ ଅତି ସହଜରେ ଦୋହଲାଇ ଦେବାରେ ସକ୍ଷମ ହୋଇପାରିଛି। ଆର୍ଥିକ ବର୍ଷ ୧୯୯୭-୯୮ ରେ ପ୍ରବଳ ଏଲ୍-ନିନୋ ପ୍ରଭାବରେ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ୧୨ ଶତାଂଶ ହ୍ରାସ ପାଇଥିଲା। ଚାହିଦା ପୂରଣ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିଲା ଏବଂ ସେ ବାବଦ ବ୍ୟୟ ୨୨ ଶତାଂଶ ବୃଦ୍ଧି ପାଇଥିଲା। ଆର୍ଥିକ ବର୍ଷ ୨୦୧୫-୧୬ ରେ ଏଲ୍-ନିନୋ ପ୍ରଭାବରେ ବର୍ଷା ପରିମାଣ ୧୪ ପ୍ରତିଶତ ହ୍ରାସ ପାଇଥିଲା। ପ୍ରାୟ ସବୁ ଜିଲ୍ଲାରେ ୪୦ ଶତାଂଶ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଣି ଥରେ ଡାଲିଜାତୀୟ ଶସ୍ୟର ଅଭାବ ଦେଖାଦେଲା ଏବଂ ଚାହିଦା ପୂରଣ ପାଇଁ ୬ ବିଲିୟନ ଡଲାର ବ୍ୟୟ କରିବାକୁ ପଡ଼ିଲା। ୨୦୨୩-୨୪ ରେ ତୈଳ ଜାତୀୟ ଶସ୍ୟ ଅମଳ ବାଧାପ୍ରାପ୍ତ ହେଲା। ଭାରତ ୧୭ ବିଲିୟନ ଡଲାର ମୂଲ୍ୟର ଖାଦ୍ୟ ତୈଳ ଆମଦାନୀ କରିଥିଲା। ଚାଉଳ ରପ୍ତାନୀ ଉପରେ କଟକଣା ଲାଗୁ ହୋଇଥିଲା।

୨୦୨୫-୨୬ ଆର୍ଥିକ ବର୍ଷରେ ଭାରତରେ ୩୭୭ ନିୟୁତ ମେଟ୍ରିକ ଟନ ଖାଦ୍ୟଶସ୍ୟ ଅମଳ ହୋଇଥିଲା। ସେଥିରେ ୧୫୦ ନିୟୁତ ଟନ ଚାଉଳ ଥିବା ବେଳେ ୧୨୦ ନିୟୁତ ଟନ ଗହମ ରହିଛି। କିନ୍ତୁ ଅନ୍ୟାନ୍ୟ ଡାଲି ଓ ତୈଳ ଜାତୀୟ ଶସ୍ୟ ଉତ୍ପାଦନରେ ଭାରତର ସ୍ଥିତି ଖରାପ ନ ଥିଲେ ମଧ୍ୟ ଚାହିଦାକୁ ପୂରଣ କରିବା ସମ୍ଭବ ହେଉନାହିଁ। ଭାରତରେ ବାର୍ଷିକ ଡାଲି ଜାତୀୟ ଶସ୍ୟର ଚାହିଦା ପ୍ରାୟ ୩୦ ନିୟୁତ ଟନରୁ ଅଧିକ ଥିବା ବେଳେ ଦେଶରେ ସର୍ବାଧିକ ୨୫ ନିୟୁତ ଟନ ପର୍ଯ୍ୟନ୍ତ ଅମଳ ହୋଇପାରୁଛି। ଖାଦ୍ୟ ତୈଳ କ୍ଷେତ୍ରରେ ମଧ୍ୟ ଭାରତର ସ୍ଥିତି ଖରାପ ରହିଛି। ପ୍ରତିବର୍ଷ ବଜାରରେ ପ୍ରାୟ ୨୬ ନିୟୁତ ଟନରୁ ଅଧିକ ଖାଦ୍ୟ ତୈଳ ବିକ୍ରି ହୁଏ। କିନ୍ତୁ ଦେଶରେ ମାତ୍ର ୧୦ ନିୟୁତ ଟନ ଖାଦ୍ୟ ତୈଳ ଉତ୍ପାଦନ ହେଉଛି। ଆମେ ମୁଖ୍ୟତଃ କାନାଡ଼ା ଓ ଅଷ୍ଟ୍ରେଲିଆରୁ ପ୍ରତି ବର୍ଷ ୫ ନିୟୁତ ଟନରୁ ଅଧିକ ଡାଲି ଜାତୀୟ ଶସ୍ୟ ଏବଂ ଆର୍ଜେଣ୍ଟିନା, ଇଣ୍ଡୋନେସିଆ ଓ ମାଲେସିଆରୁ ପ୍ରତି ବର୍ଷ ୧୭ ନିୟୁତ ଟନରୁ ଅଧିକ ଖାଦ୍ୟ ତୈଳ ଆମଦାନୀ କରୁଛୁ। ଆଫ୍ରିକୀୟ ମହାଦେଶରୁ ମଧ୍ୟ ବିଭିନ୍ନ ପ୍ରକାରର ଡାଲି ଓ ଖାଦ୍ୟ ତୈଳ ଆମଦାନୀ ହୁଏ। ଏଲ୍-ନିନୋ ଏହି ସମସ୍ୟାକୁ ଆହୁରି ଉତ୍କଟ କରିବ।

ସୁପର ଏଲ୍-ନିନୋ କାୟା ବିସ୍ତାର କରିବାରେ ଲାଗିଛି। କାନାଡ଼ାର କିଛି ଅଞ୍ଚଳରେ ଏହାର ପ୍ରଭାବ ପଡ଼ିଥିଲା ବେଳେ ସମଗ୍ର ଦେଶ ପ୍ରଭାବିତ ହେବ ବୋଲି ସ୍ପଷ୍ଟ ହୋଇସାରିଛି। ତେଣୁ ସେଠାରେ ଡାଲି ଜାତୀୟ ଶସ୍ୟ ଅମଳ ବାଧା ପ୍ରାପ୍ତ ହେଲେ ଆମ ପାଇଁ ଆମଦାନୀ ମହଙ୍ଗା ହୋଇପାରେ। ଅଷ୍ଟ୍ରେଲିଆ ମଧ୍ୟ ଏଲ୍-ନିନୋ ପ୍ରଭାବରୁ ମୁକୁଳିବାର ସମ୍ଭାବନା ନାହିଁ। ଯାହା ଫଳରେ ଗହମ, ଡାଲି ଓ ତୈଳ ଜାତୀୟ ଶସ୍ୟ ଅମଳ ହ୍ରାସ ପାଇବ ବୋଲି ଅଷ୍ଟ୍ରେଲିଆ ସରକାର ଘୋଷଣା କରି ସାରିଲେଣି। ତେଣୁ ଅଷ୍ଟ୍ରେଲିଆରୁ ମଧ୍ୟ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଡାଲି ଓ ତୈଳ ବୀଜ ଆମଦାନୀ କରିବା ଭାରତ ପାଇଁ ସହଜ ହେବ ନାହିଁ। ଆଫ୍ରିକୀୟ ମହାଦେଶ ଉପରେ ଏଲ୍-ନିନୋର ପ୍ରଭାବ ଦେଖା ଦେଇଛି। ସେଠାରେ ଛ' କୋଟି ଲୋକଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ସେଠାରୁ କୃଷିଭିତ୍ତିକ ଦ୍ରବ୍ୟର ଆମଦାନୀ ଆଶା ରଖିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ ହେତୁ ବ୍ରାଜିଲ ଓ ଆର୍ଜେଣ୍ଟିନାରେ ସୋୟବିନ୍ ଉତ୍ପାଦନ ହ୍ରାସ ପାଇଛି। ସୋୟାବିନ୍ ତୈଳ ମହଙ୍ଗା ହେଉଥିବାରୁ ପାମ୍ ତୈଳ ଉପରେ ନିର୍ଭର ବଢୁଛି। କିନ୍ତୁ ପାମ୍ ତୈଳ ଦର ବୃଦ୍ଧି ସେତେ ବଡ଼ ସମସ୍ୟା ହୋଇ ନ ଥିଲେ ମଧ୍ୟ ଏହାର ଯୋଗାଣ ଅନେକଗୁଡ଼ିଏ ବାହ୍ୟ କାରକ ଉପରେ ନିର୍ଭର କରେ। ୨୦୨୨ ଏପ୍ରିଲ ମାସରେ ଇଣ୍ଡୋନେସିଆ ଖାଦ୍ୟ ତୈଳ ଦରକୁ ନିୟନ୍ତ୍ରଣ କରିବା ପାଇଁ ପାମ୍ ତୈଳ ରପ୍ତାନୀ ବନ୍ଦ କରିଦେଇଥିଲା। ଫଳରେ ଭାରତର ବଜାରରେ ପାମ୍ ତୈଳ ଦର ୨୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଚଳିତ ବର୍ଷ ଇଣ୍ଡୋନେସିଆରେ ମଧ୍ୟ ଏଲ୍-ନିନୋର ପ୍ରବଳ ପ୍ରଭାବ ଦେଖିବାକୁ ମିଳିବ ବୋଲି ବିଶ୍ୱ ପାଣିପାଗ ସଙ୍ଗଠନ ସୂଚନା ଦେଇଛି। ପାମ୍ ଚାଷରେ ସାଧାରଣ ଭାବରେ ଅଧିକ ଜଳ ସେଚନର ଆବଶ୍ୟକତା ହୁଏ। ସେଠାରେ ଏଲ-ନିନୋ କୃଷି କାର୍ଯ୍ୟରେ ବାଧା ସୃଷ୍ଟି କଲେ ପାମ୍ ତୈଳ ଦର ବୃଦ୍ଧି ହେବ ବା ଚାହିଦାକୁ ପୂରଣ କରିବା ସହଜ ହେବ ନାହିଁ।

କିଛି ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଛାଡ଼ିଦେଲେ ଅନ୍ତଃରାଷ୍ଟ୍ରୀୟ କୃଷି ବଜାରର ପଶାପାଲିରେ ଭାରତ ପାଖରେ ଏମିତି କିଛି ଗୋଟି ନାହିଁ ଯାହା ଦ୍ୱାରା କୌଣସି ଅନ୍ୟ ରାଷ୍ଟ୍ରକୁ ଏକ ନିର୍ଦ୍ଦିଷ୍ଟ କୃଷି ଦ୍ରବ୍ୟର ନିରନ୍ତର ରପ୍ତାନୀ ପାଇଁ ପ୍ରସ୍ତାବ ଦେଇପାରିବ। ଭାରତ ବିଶ୍ୱର ଅଷ୍ଟମ ସର୍ବବୃହତ କୃଷି ଦ୍ରବ୍ୟ ରପ୍ତାନିକାରୀ ଦେଶ ହୋଇଥିଲେ ମଧ୍ୟ କେବଳ ଚାଉଳ, ଗହମ ଓ ଚିନି ରପ୍ତାନୀ କରେ। ପୁଣି ଅଭ୍ୟନ୍ତରୀଣ ବଜାରକୁ ଦେଖି ନିୟନ୍ତ୍ରଣ କରିବାକୁ ହୁଏ। ଫଳରେ ଅନ୍ତର୍ଜାତୀୟ କୃଷି ବଜାର ପ୍ରତିଯୋଗିତାରେ ଭାରତ ଦୁର୍ବଳ ସ୍ଥିତିରେ ରହିଛି। ତେଣୁ ଆସନ୍ନ ବିପଦ ସମୟରେ ବିଶ୍ୱ କୃଷି ବଜାରରୁ ପର୍ଯ୍ୟାପ୍ତ ପରିମାଣରେ ଡାଲି ଓ ଖାଇବା ତେଲ କ୍ରୟ କରିବା ସେତେ ସହଜ ହେବ ନାହିଁ।

ଏଲ୍-ନିନୋ ଖାଦ୍ୟକୁ ମହଙ୍ଗା କରାଇବା ସହିତ ଗ୍ରାମୀଣ ଅର୍ଥନୀତି ଉପରେ ଏହାର ଏକ ବଡ଼ ଧରଣର ନକାରାତ୍ମକ ପ୍ରଭାବ ଦେଖା ଯାଇପାରେ। ଭାରତରେ କୃଷି ସବୁଠାରୁ ବଡ଼ ଅଣସଙ୍ଗଠିତ କ୍ଷେତ୍ର, ଯେଉଁଠାରେ ମୋଟ ଶ୍ରମବଳର ୪୬ ଶତାଂଶ ଶ୍ରମିକମାନଙ୍କୁ ନିଯୁକ୍ତି ମିଳିଥାଏ। ଯଦି କୃଷି କାର୍ଯ୍ୟ ବାଧାପ୍ରାପ୍ତ ହେବ ତେବେ ଗ୍ରାମୀଣ ଅର୍ଥନୀତିରେ ବେକାରୀ ସମସ୍ୟା ବୃଦ୍ଧି ପାଇବ। ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାରର ବସ୍ତୁ ଓ ସେବାର ଚାହିଦା ହ୍ରାସ ପାଇବ। ଆୟ ହ୍ରାସ ସତ୍ତ୍ୱେ ଗ୍ରାମୀଣ ଭାରତବାସୀ ଆମଦାନୀ ହୋଇଥିବା ମହଙ୍ଗା ଡାଲି ଓ ଖାଦ୍ୟ ତୈଳ କିଣିବାକୁ ବାଧ୍ୟ ହେଲେ ସେମାନଙ୍କ ଆର୍ଥିକ ଦୁରବସ୍ଥା ଆହୁରି ବିଗିଡ଼ିଯିବ। ମୋଟ ଆୟରୁ ଖାଦ୍ୟ ବାବଦ ବ୍ୟୟ ସହରାଞ୍ଚଳରେ ୩୦ ରୁ ୪୦ ଶତାଂଶ ଥିବା ବେଳେ ଗ୍ରାମାଞ୍ଚଳରେ ୫୦ ରୁ ୬୦ ଶତାଂଶ। ତେଣୁ ଗ୍ରାମୀଣ ଅର୍ଥନୀତି ଏଲ୍-ନିନୋ ପ୍ରଭାବରେ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବ। ଚାଷୀ ମାନେ ଋଣଗ୍ରସ୍ତ ହୋଇପାରନ୍ତି। ଭାରତର ଜିଡିପିରେ କୃଷି କ୍ଷେତ୍ରର ୧୮ ଶତାଂଶ ଯୋଗଦାନ ରହିଥିବା ବେଳେ ଏଲ୍-ନିନୋ ଯୋଗୁଁ ଏହା ସଂକୁଚିତ ହୋଇପାରେ।

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରତି ଦୁଇ ବର୍ଷ ବ୍ୟବଧାନରେ ଅତି ପ୍ରବଳ ଏଲ୍ ନିନୋ ପ୍ରଭାବ ପରିଲକ୍ଷିତ ହେବା ଏକ ସାଧାରଣ କଥା ହେଲାଣି। ତେଣୁ ଆମକୁ ସେହି ଅନୁସାରେ ପାରମ୍ପରିକ କୃଷି କାର୍ଯ୍ୟକୁ ପରିବର୍ତ୍ତନ କରିବାକୁ ହେବ। ଭାରତର କୃଷି କ୍ଷେତ୍ରରେ ବିବିଧତା ଆଣିବା ପାଇଁ ବହୁତ ଆଲୋଚନା ହେଉଥିଲେ ମଧ୍ୟ ଏହା ସମ୍ଭବପର ହୋଇପାରୁ ନାହିଁ। ପ୍ରଚୁର ଜଳସେଚନ ଆବଶ୍ୟକ ହେଉଥିବା ଚାଷ ଯଥା ଧାନ ଓ ଆଖୁ ଚାଷ କମ କରାଯାଇ ଡାଲି ଓ ତୈଳଜାତୀୟ ଶସ୍ୟ ଚାଷ ଉପରେ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ। ସେଥିପାଇଁ କୃଷକମାନଙ୍କ ମନରେ ଉତ୍ସାହ ଓ ସଚେତନତା ସୃଷ୍ଟି କରିବା ସହିତ ଆନୁଷଙ୍ଗିକ ବୈଷୟକ ଜ୍ଞାନକୌଶଳ ମଧ୍ୟ ଯୋଗାଇ ଦେବାକୁ ପଡ଼ିବ। ଏହାସହ ଯେଉଁ କୃଷକମାନେ ଡାଲି ଓ ତୈଳ ଜାତୀୟ ଶସ୍ୟ ଉତ୍ପାଦନ କରିବେ ସେମାନେ ଧାନ, ଗହମ କିମ୍ବା ଆଖୁ ପରି ଲାଭଜନକ ଚାଷ କରିଥିଲେ ଯେତିକି ଅର୍ଥ ଆୟ କରିଥା'ନ୍ତେ ତାହାର କ୍ଷତିପୂରଣ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରିବା ଆବଶ୍ୟକ। ଭାରତରେ ଏଲ-ନିନୋର ସଫଳ ମୁକାବିଲା କରିବା ପାଇଁ ଏକ ସ୍ୱତନ୍ତ୍ର କୃଷିଭିତ୍ତିକ ଆର୍ଥିକ ନୀତି ପ୍ରଣୟନ କରିବା ବର୍ତ୍ତମାନ ସମୟର ଆହ୍ୱାନ। ●

କଟକ, ମୋ: ୯୪୩୭୧୨୮୪୬୪

## ଉପକୂଳର ଆର୍ତ୍ତନାଦ

**କେ. ଗୁରୁନାଥ ରେଡ୍ଡୀ**

ଗଞ୍ଜାମ ଜିଲ୍ଲାର ପାଳିବନ୍ଧ ପଞ୍ଚାୟତ ଅନ୍ତର୍ଗତ ପୁରୁଣା ପୋଡ଼ମପେଟା ଆଜି କେବଳ ଗୋଟିଏ ଉପକୂଳବର୍ତ୍ତୀ ଗ୍ରାମର ନାମ ନୁହେଁ; ଏହା ଓଡ଼ିଶାର ଉପକୂଳ ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତା ଓ ପ୍ରଶାସନିକ ବିଳମ୍ବର ଏକ ଜୀବନ୍ତ ପ୍ରତୀକ। ବର୍ଷ ବର୍ଷ ଧରି ସମୁଦ୍ର କୂଳ କ୍ଷୟ ହୋଇ ଚାଲିଥିଲେ ମଧ୍ୟ ତାହାର ସ୍ଥାୟୀ ପ୍ରତିକାର ନ ହେବାର ପରିଣାମ ଆଜି ସ୍ପଷ୍ଟ। ଗ୍ରାମର ପ୍ରାୟ ୯୦ ପ୍ରତିଶତ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହୋଇସାରିଛି। ଏକଦା ପ୍ରାୟ ୪୦୦ ପରିବାରର ଆଶ୍ରୟସ୍ଥଳ ଥିବା ଏହି ଗ୍ରାମର ୩୫୦ରୁ ଅଧିକ ଘର ଆଜି ଇତିହାସର ଅଂଶ। ଯେଉଁ କେତେକ ଘର ଏବେ ବି ଅବଶିଷ୍ଟ ଅଛି, ସେଗୁଡ଼ିକ ମଧ୍ୟ ପରବର୍ତ୍ତୀ ଉଚ୍ଚ ଜୁଆରର ଅପେକ୍ଷାରେ ଥିବା ପରି ଲାଗୁଛି।



ଲଘୁଚାପଜନିତ ବର୍ଷା, ଉଚ୍ଚ ଜୁଆର ଓ ଅଶାନ୍ତ ସମୁଦ୍ର ମିଶି ଉପକୂଳ ଅଞ୍ଚଳରେ ଏକ ନୂତନ ସଙ୍କଟ ସୃଷ୍ଟି କରିଛି। କେବଳ ପୋଡ଼ମପେଟା ନୁହେଁ, କଣ୍ଟିଆଗଡ଼, ଖଟୁଆକୁଦା, ନୀଳାଦ୍ରୀପୁର, ମୟୁରପଦା, ପାଳିବନ୍ଧ ଓ ସାନ ରାମଚନ୍ଦ୍ରପୁର ପରି ଅନେକ ଗ୍ରାମ ଏବେ ବିପଦର ଛାୟାରେ। ସମୁଦ୍ର କୂଳରେ ଥିବା ସାଇ ମନ୍ଦିର ପୂର୍ବରୁ ଲୀନ ହୋଇସାରିଛି। ବାତ୍ୟା ଆଶ୍ରୟସ୍ଥଳୀ ଉପରେ ଲଗାତାର ଲହଡ଼ିର ମାଡ଼ ଭବିଷ୍ୟତର ଆହୁରି ବଡ଼ ବିପଦର ସଙ୍କେତ ଦେଉଛି। ଯଦି ଏହି ଆଶ୍ରୟସ୍ଥଳୀ କ୍ଷତିଗ୍ରସ୍ତ ହୁଏ, ତେବେ ସମୁଦ୍ର ପାଣି ଝାଉଁ ଜଙ୍ଗଲ ଅତିକ୍ରମ କରି କଣ୍ଟିଆଗଡ଼ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ପ୍ରବେଶ କରିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ପ୍ରଶାସନ ପକ୍ଷରୁ ବିପଦପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରାଯାଇଛି ଏବଂ 'ପ୍ରବେଶ ନିଷେଧ' ବ୍ୟାନର ଲଗାଯାଇଛି। ନିଶ୍ଚିତ ଭାବେ ଏହା ଜରୁରୀ ସୁରକ୍ଷାମୂଳକ ପଦକ୍ଷେପ। କିନ୍ତୁ ବିପଦକୁ ରୋକିବା ପରିବର୍ତ୍ତେ କେବଳ ବିପଦରୁ ଦୂରେ ରହିବାକୁ ସତର୍କ କରିବା କୌଣସି ସ୍ଥାୟୀ ସମାଧାନ ନୁହେଁ। ପ୍ରଶ୍ନ ଉଠୁଛି - ଦଶନ୍ଧି ଧରି ଚାଲିଥିବା ସମସ୍ୟା ପାଇଁ ଏତିକି ହିଁ କି ପ୍ରଶାସନର ପ୍ରସ୍ତୁତି? ଘଟଣା ପରେ ଜନପ୍ରତିନିଧିଙ୍କ ଗସ୍ତ, ଅଧିକାରୀଙ୍କ ପରିଦର୍ଶନ, ରିପୋର୍ଟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ସ୍ଥାୟୀ ସମାଧାନର ଆଶ୍ୱାସନା ମଧ୍ୟ ପୁଣି ଦୋହରାଯାଉଛି। କିନ୍ତୁ ଏହି ଆଶ୍ୱାସନା ନୂଆ ନୁହେଁ। ୨୦୧୨ ମସିହାରୁ ସମୁଦ୍ର କୂଳ କ୍ଷୟ ନେଇ ଆଲୋଚନା ହୋଇଆସୁଛି। ୨୦୨୨ରେ ରାଜ୍ୟ ସରକାର ଓ ଚେନ୍ନାଇ ସ୍ଥିତ ଏନ୍‌ଆଇଓଟି ମଧ୍ୟରେ ବୈଷୟିକ ସହଯୋଗ ପାଇଁ ଚୁକ୍ତି ହୋଇଥିଲେ ମଧ୍ୟ ତାହା ଆଜିପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏହି ବିଳମ୍ବର ମୂଲ୍ୟ ଦେଉଛନ୍ତି ଉପକୂଳର ସାଧାରଣ ଲୋକ।

ବିଶେଷଜ୍ଞଙ୍କ ମତରେ ଋଷିକୁଲ୍ୟା ନଦୀ ମୁହାଣର ଦିଗ ପରିବର୍ତ୍ତନ, ସମୁଦ୍ର ସ୍ରୋତର ପରିବର୍ତ୍ତନ ଓ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଏହି କୂଳ କ୍ଷୟକୁ ଅଧିକ ତୀବ୍ର କରିଛି। ଅନ୍ୟପଟେ ଏହି ଅଞ୍ଚଳ କୋଷ୍ଟାଲ୍ ରେଗୁଲେଟୋରୀ ଜୋନ୍ ଅଧୀନରେ ଥିବା ସହ ବିଶ୍ୱପ୍ରସିଦ୍ଧ ଅଲିଭ୍ ରିଡଲେ କଇଁଛଙ୍କ ଆତଯାତ କ୍ଷେତ୍ର ହୋଇଥିବାରୁ ପରିବେଶ ସୁରକ୍ଷା ଓ ଉପକୂଳ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିଶ୍ଚିତ ଭାବେ ଏକ ଆହ୍ୱାନ। ତଥାପି ପରିବେଶ ସୁରକ୍ଷାର ନାମରେ ମଣିଷର ଜୀବନ ଓ ଜୀବିକାକୁ ଅନିଶ୍ଚିତତା ମଧ୍ୟରେ ଛାଡ଼ି ଦିଆଯାଇପାରିବ ନାହିଁ। ବିଜ୍ଞାନ ଓ ପରିବେଶ - ଉଭୟକୁ ସମନ୍ୱିତ କରି ସମାଧାନ ଖୋଜିବା ହିଁ ସମୟର ଦାବି। ପୋଡ଼ମପେଟାର ଲୋକଙ୍କ ବେଦନା ହୃଦୟ ବିଦାରକ। ଲକ୍ଷ ଲକ୍ଷ ଝାଳବୁହା ଅର୍ଜିତ ଟଙ୍କା ଖର୍ଚ୍ଚ କରି ସେମାନେ ନିର୍ମାଣ କରିଥିବା ଘର ଆଜି ସମୁଦ୍ରରେ ଲୀନ। ପୁନର୍ବାସ ମିଳିଥିଲେ ମଧ୍ୟ ସେମାନେ ହରାଇଛନ୍ତି ନିଜ ଭିଟାମାଟି, ଜୀବିକା, ସାମାଜିକ ପରିଚୟ ଓ ପିଢ଼ି ପିଢ଼ିର ସ୍ମୃତି।


ପୋଡ଼ମପେଟାର ଏହି ଘଟଣା ସ୍ପଷ୍ଟ କରୁଛି ଯେ ସମୁଦ୍ର କୂଳ କ୍ଷୟ ଆଉ କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ; ଏହା ଏକ ଗୁରୁତର ସାମାଜିକ, ଆର୍ଥିକ ଓ ମାନବିକ ସଙ୍କଟ। ଏହାର ସମାଧାନ ପାଇଁ ବୈଜ୍ଞାନିକ ଅଧ୍ୟୟନ, ଦୀର୍ଘମିଆଦୀ ଉପକୂଳ ସୁରକ୍ଷା ନୀତି, ଆଧୁନିକ ତଟ ସଂରକ୍ଷଣ ପ୍ରଯୁକ୍ତି ଏବଂ ସମ୍ମାନଜନକ ପୁନର୍ବାସ ନୀତିକୁ ସମାନ ଗୁରୁତ୍ୱ ଦେବାକୁ ହେବ। କେବଳ ଘର ନିର୍ମାଣ କରିଦେଲେ ପୁନର୍ବାସ ସମ୍ପୂର୍ଣ୍ଣ ହୁଏନାହିଁ; ଜୀବିକା, ମତ୍ସ୍ୟଜୀବୀଙ୍କ ପାଇଁ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ମଧ୍ୟ ସମାନ ଭାବେ ସୁନିଶ୍ଚିତ କରିବାକୁ ପଡ଼ିବ। ଆଜି ପୋଡ଼ମପେଟା ସତର୍କ କରୁଛି। ଯଦି ଏବେ ମଧ୍ୟ ସମନ୍ୱିତ, ବୈଜ୍ଞାନିକ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନିଆ ନଯାଏ, ତେବେ ଆସନ୍ତା ଦିନରେ ଓଡ଼ିଶା ଉପକୂଳର ଆହୁରି ଅନେକ ଗ୍ରାମ କେବଳ ମାନଚିତ୍ରରୁ ନୁହେଁ, ଲୋକଙ୍କ ସ୍ମୃତିରୁ ମଧ୍ୟ ଧୀରେ ଧୀରେ ଲୋପ ପାଇଯିବ। ପ୍ରକୃତି ପୁଣିଥରେ ନିଜର ସତର୍କ ସଙ୍କେତ ଦେଇସାରିଛି। ଏବେ ନିଷ୍ପତ୍ତି ନେବାର ପାଳି ସରକାର, ବୈଜ୍ଞାନିକ ସଂସ୍ଥା ଓ ସମାଜର। ପ୍ରଶ୍ନ କେବଳ ଏତିକି - ଆମେ ଆଉ କେତେଦିନ ଅପେକ୍ଷା କରିବା? ●

ମୟୁରପଦା (ଗଞ୍ଜାମ), ମୋ: ୭୦୦୮୧୦୯୩୧୭

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀ

**ଯଶସ୍ୱିନୀ ପଟ୍ଟନାୟକ**

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ନୀଳାଦ୍ରୌ ଶଙ୍ଖମଧ୍ୟେ
ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ
ସଂଯୁକ୍ତ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ
ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ
ପରିବୃତଂ ବ୍ରହ୍ମଦାରୁ ସ୍ମରାମି ।।'

ଭକ୍ତି ଓ ଭାବର ଠାକୁର ସିଏ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗତରନାଥ ମହାପ୍ରଭୁଙ୍କ ବିଷୟରେ ଜାଣିବା ପାଇଁ ଭକ୍ତଜନଙ୍କ ଭିତରେ ଯୁଗ ଯୁଗ ଧରି ଅନେକ ଆଲୋଚନା, ତର୍କ, ବିତର୍କ ସୃଷ୍ଟି ହୋଇଛି। କିନ୍ତୁ ବାସ୍ତବ କଥା ହେଉଛି ସତରେ ମହାପ୍ରଭୁଙ୍କୁ କ'ଣ କେହି କଳନା କରିପାରିବ ନା ଜାଣିପାରିବ! ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ। ତେବେ ଅନେକଙ୍କ ଭିତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀଙ୍କୁ ନେଇ ଭକ୍ତଜନଙ୍କ ଭିତରେ ଉତ୍ସୁକତା ଓ ଆଗ୍ରହ ଢେର ରହିଥାଏ। କଥାରେ କହନ୍ତି ମା' କିଏ ମାଉସୀ କିଏ! ଆଉ ଇଏ ଶ୍ରୀଜଗନ୍ନାଥଙ୍କ ମାଉସୀ। ନାମ ଅର୍ଦ୍ଧାଶିନୀ ବା ଅର୍ଦ୍ଧଶୋଷଣୀ। ବାସ ସେଇ ଶ୍ରୀକ୍ଷେତ୍ର। କୀର୍ତ୍ତି ବି କିଛି କମ୍ ନୁହେଁ। ପ୍ରଳୟ ଜଳରୁ ଅର୍ଦ୍ଧେକ ଭକ୍ଷଣ କରି ସେ ମହୀୟସୀ। ଏତିକିରେ ସରୁନାହିଁ ତାଙ୍କ କଥା। ସେ ଦେଖିବାକୁ ସାକ୍ଷାତ କାମ୍ପିଲ୍ୟବାସିନୀ ମା' ସୁଭଦ୍ରାଙ୍କ ଭଳି। ଶ୍ରୀକ୍ଷେତ୍ରର ଅଷ୍ଟଶକ୍ତିଙ୍କ ମଧ୍ୟରେ ଅନ୍ୟତମ। ଅର୍ଦ୍ଧାଶିନୀ ଦ୍ୱିଭୁଜା, ଅଭୟ ମୁଦ୍ରାରେ ବିଭୂଷିତା। ମାଉସୀ ମା'ଙ୍କ ମନ୍ଦିର ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ।

କିମ୍ବଦନ୍ତୀ ଅନୁଯାୟୀ ଗୁଣ୍ଡିଚା ମଣ୍ଡପ ଯଜ୍ଞବେଦୀ ସପ୍ତଜିହ୍ୱାର ଅନୁକ୍ରମରେ ଯଜ୍ଞ ସାତଦିନରେ ସମାପନ ହୁଏ। ଶେଷଭୋଗର କୈବଲ୍ୟ ବଡ଼ଦାଣ୍ଡରେ ଥିବା ଅର୍ଦ୍ଧାଶନୀ ବା ଅର୍ଦ୍ଧାସିନୀ ମାଉସୀ ମା'ଙ୍କୁ ବିଶ୍ୱାବସୁ ବଂଶୀୟ ସେବକମାନେ ଅର୍ପଣ କରନ୍ତି। ସେ ଅର୍ଦ୍ଧାସିନୀ, ପୁଣି ଦଇତା ବା ବିଶ୍ୱାବସୁ କୁଳର ଇଷ୍ଟଦେବୀ କାତ୍ୟାୟିନୀ ମା' ସୁଭଦ୍ରିକା। ସେ ଯଜ୍ଞୋଦକରୁ ଅଧେ ପାଆନ୍ତି ବୋଲି ତାଙ୍କୁ ଅର୍ଦ୍ଧଶୋଷଣୀ କୁହାଯାଏ। କୈବଲ୍ୟ ସମର୍ପଣର ପ୍ରତିଦାନରେ ଦଇତାପତିଙ୍କ ପକ୍ଷରୁ ମାଉସୀଙ୍କୁ ଓ ପ୍ରଭୁ ଜଗନ୍ନାଥଙ୍କୁ ଯଜ୍ଞପୁରୋଡ଼ାଶ ବା ପୋଡ଼ପିଠା ଭୋଗ ଲାଗିହୁଏ।

ବୌଦ୍ଧ ଧର୍ମାବଲମ୍ବୀଙ୍କ ମତରେ ମାଉସୀ ମା' ମନ୍ଦିରକୁ ମହାପ୍ରଜାପତିଙ୍କ ମନ୍ଦିର ବୋଲି କୁହାଯାଏ। କାରଣ ବୁଦ୍ଧଙ୍କର ମାଉସୀ ହେଲେ ବୁଦ୍ଧପ୍ରଜାପତି ବା ପ୍ରଜାପତି। ତେଣୁ ବୁଦ୍ଧରୂପୀ ଜଗନ୍ନାଥ ଗଲା ବେଳେ ଏବଂ ଆସିଲା ବେଳେ ମାଉସୀ ମା' ଘରୁ ପୋଡ଼ପିଠା ଖାଇ ଯାଆନ୍ତି। ବୁଦ୍ଧଦେବଙ୍କ ମା' ମହାମାୟା ବା ମାୟାଦେବୀଙ୍କ ଭଉଣୀ ପ୍ରଜାପତି ହୋଇଥିବାରୁ ଜଗନ୍ନାଥଙ୍କର ସେ ମାଉସୀ ମା'। କିନ୍ତୁ ଜଗନ୍ନାଥଙ୍କର ଆଉ କେହି ମାଉସୀ ନାହାନ୍ତି। ତେଣୁ ମୂର୍ତ୍ତି ଦୃଷ୍ଟିରୁ ମାଉସୀ ମା' ବିଗ୍ରହକୁ ଦେଖିଲେ ଅର୍ଦ୍ଧାଶନୀ ମୂର୍ତ୍ତି ବା ବୌଦ୍ଧଦେବୀଙ୍କ ମୂର୍ତ୍ତିର ଅନୁରୂପ ମନେହୁଏ।

ଆଜି ସେ ବଳବନ୍ତର ଗଣ୍ଡ ସୃଷ୍ଟିକାରିଣୀ ହାତୀ ଗାଧୁଆ ନଈ ସେଠି ଆଉ ବହି ଯାଉନି। ତାକୁ ପୁରୀ ସହରର ଉପକଣ୍ଠରେ ଅଠରନଳା ଅଞ୍ଚଳରେ ସୀମାବଦ୍ଧ କରି ଦିଆଯାଇଛି। ସେହି ତିନିରଥ ସିଂହଦ୍ୱାରଠାରୁ ବାହାରି ଗୁଣ୍ଡିଚା ଘର ଯାଇ ପୁଣି ବାହୁଡ଼ାଯାତ୍ରା କରି ଫେରି ଆସୁଛନ୍ତି। ଆଉ ଗଣ୍ଡ ପାର ହେବାର ସମସ୍ୟା ନଥିଲେ ବି ରଥ କିନ୍ତୁ ଏଇଠି ଅଟକିଯାଏ। ରଥ ଉପରୁ ମାଉସୀ ମା'ଙ୍କ ଲାଗି ଫୁଲଫଳ ଶୁଖିଲା ଭୋଗ ଅର୍ପଣ କରାଯାଏ। ମାଉସୀ ମା'ଙ୍କ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ପୋଡ଼ପିଠା ଭୋଗଲାଗି ବିଧି ଓ ବ୍ୟବସ୍ଥା ରଥଯାତ୍ରା ପରମ୍ପରାରେ ରହିଯାଇଛି। ବାହୁଡ଼ା ଯାତ୍ରା ସମୟରେ ମାଉସୀ ମା' ମନ୍ଦିରର ମହାପ୍ରଭୁଙ୍କୁ ପୋଡ଼ ପିଠା ଭୋଗ କରାଯାଏ। ମାଦଳାପାଞ୍ଜି ଅନୁଯାୟୀ ବଟକେଶରୀ ଏହାକୁ ନିର୍ମାଣ କରିଥିଲେ। ●

କଟକ,
ଇ-ମେଲ: jasaswinipattanaik78@gmail.com

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଗୃହ ପ୍ରତିଷ୍ଠା ଉତ୍ସବରେ ଅଘଟଣ

## ପାହାଚରୁ ପଡ଼ି ମହିଳାଙ୍କ ମୃତ୍ୟୁ

ଜୟପୁର, ୧୨।୭ (ସମିସ) : ଜୟପୁର ସହରର ପାୱାର ହାଉସ ୪ର୍ଥ ଲାଇନରେ ଏକ ଗୃହ ପ୍ରତିଷ୍ଠା ଉତ୍ସବରେ ଅଘଟଣ ଘଟିଛି। ପ୍ରତିଷ୍ଠା ଉତ୍ସବକୁ ଭୋଜି ଖାଇବାକୁ ଆସିଥିବା ପୋଡଶୀ ଗୃହରେ ରହୁଥିବା ମହିଳାଙ୍କ ପାହାଚରୁ ଖସିପଡି ପ୍ରାଣ ହରାଇଛନ୍ତି। ମୃତ ମହିଳା ଜଣକ ଲକ୍ଷ୍ମୀପୁର ଥାନା ଓଡିଆ ପେଣ୍ଠ ଗ୍ରାମପଞ୍ଚାୟତ ରାଜନପଣସଗୁଡା ଗ୍ରାମର ମହିଳା ସରୋଜିନୀ ମାଝୀ (୪୯)। ମହିଳାଙ୍କ ଝିଅ ଜୟପୁର ଠାରେ ପଢୁଥିବା ଯୋଗୁଁ ଉଭୟ ମାଆ ଓ ଝିଅ ଏଠାରେ ଏକ ଭଡା ଘରେ ରହୁଥିଲେ ଆଜି ପଡୋଶୀଙ୍କ ନୂତନ ଗୃହ ନୂତନ ଘର ବୁଲି ଦେଖୁଥିବା ବେଳେ ଉପର ମହଲାକୁ ଚଢିବା ପାହାଚ ପାଶ୍ୱର୍ରୁ ଖସି ପଡିଥିଲେ। ତାଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର କ୍ଷତ ହେବାରୁ ସେ ଅଚେତ ହୋଇ ଯାଇଥିଲେ। ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସ୍ତ୍ରୀକୁ ଟାଇଲ୍‌ରେ ପିଟି ହତ୍ୟା; ସ୍ୱାମୀ ଗିରଫ

ରାଉରକେଲା,୧୨।୭(ସମିସ): ସ୍ଥାନୀୟ ରଘୁନାଥପାଲି ଥାନା ଅନ୍ତର୍ଗତ ଲେବର ଟେନାମେଣ୍ଟ କମ୍ୟୁନିଟି ହଲ୍ ନିକଟ ନେତାଜୀନଗର ପାହାଡ଼ ଉପର ବସ୍ତିରେ ଶନିବାର ବିଳମ୍ବିତ ରାତିରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ମଦ୍ୟପ ଯୁବକ ତାର ପତ୍ନୀକୁ ଟାଇଲରେ ପିଟି ପିଟି ନିର୍ମମ ଭାବେ ହତ୍ୟା କରିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡର ମୂଳ ବାସିନ୍ଦା ସଞ୍ଜୟ ବିଲୁଙ୍ଗ ଏବଂ ସୁନିତା ବିଲୁଙ୍ଗ ସେମାନଙ୍କର ଦୁଇଟି ସନ୍ତାନଙ୍କୁ ନେଇ ନେତାଜୀନଗର ପାହାଡ଼ ଉପର ବସ୍ତିରେ ବାସ କରୁଥିଲେ। ଉଭୟ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଗତକାଲି ଶନିବାର ଥିବାରୁ ଉଭୟ ସନ୍ଧ୍ୟାରେ ଘରକୁ ଫେରିଥିଲେ। ତେବେ ସଞ୍ଜୟ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ଖାଇବାକୁ ମାଗିଥିଲା। ଖାଇବା ବାଢ଼ିବାରେ ସାମାନ୍ୟ ବିଳମ୍ବ ହେବାରୁ ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ଏହା ଉଗ୍ର ରୂପ ଧାରଣ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସଞ୍ଜୟ ପାଖରେ ପଡ଼ିଥିବା ଏକ ଭଙ୍ଗା ଟାଇଲ୍‌ରେ ସୁନିତାଙ୍କ ମୁଣ୍ଡକୁ ଛେଚି ଦେବାରୁ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଯୁକ୍ତ ସଞ୍ଜୟ ଫେରାର ହୋଇଯାଇଥିଲେ। ଖବର ପାଇ ପୁଲିସ ତନାଘନା କରି ସଞ୍ଜୟକୁ କାବୁ କରିଥିଲା। ତାକୁ ଥାନାରେ ଅଟକ ରଖି ପଚରା ଉଚୁରା ଚାଲିଛି। ରଘୁନାଥପାଲି ଥାନା ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର,୧୨।୭(ସମିସ): ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ରବିବାର ନିଜ ସମର୍ଥକଙ୍କ ସହ ବିଜେପିରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗଦାନ କରିଥିବା କହିଛନ୍ତି। ସମସ୍ତ ନୂତନ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତରେ ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ କଟକ ଜିଲ୍ଲାରେ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି। ଲୋକଙ୍କ ସେବାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତପ୍ରକାଶ କରିଥିଲେ।

## ବିଜେପି ଚୋରମାନଙ୍କ ଆଶ୍ରୟସ୍ଥଳ: ଭକ୍ତ

ଭୁବନେଶ୍ୱର,୧୨।୭(ସମିସ): ବିଜେପିରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମିଶ୍ରଣକୁ ନେଇ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି, ବିଜେପି ହେଉଛି ଚୋରମାନଙ୍କ ଆଶ୍ରୟସ୍ଥଳ। ଚିଟଫଣ୍ଡ ଚୋରମାନଙ୍କ ବିଷୟରେ କିଛି କହିବାର ନାହିଁ। ଦିଲ୍ଲୀରେ ହେଉ, ବିଧାନସଭାରେ ହେଉ କିମ୍ବା ସଂସଦରେ ହେଉ। ସମସ୍ତଙ୍କୁ ବିଜେପି ନେଉଛି। ସବୁ ଚୋରଙ୍କୁ ବିଜେପିକୁ ନିମନ୍ତ୍ରଣ କରାଯାଉଛି। ମିଳି ମିଶି ଚୋରି କରିବାକୁ ବିଜେପି ଚୋରମାନଙ୍କୁ ଡାକୁଛି ବୋଲି ଶ୍ରୀ ଦାସ କହିଛନ୍ତି। ସେ କହିଛନ୍ତି ଯେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ତାର ପ୍ରକୃତ ଅସ୍ତିତ୍ୱ କ'ଣ ତାହା ଠିକ୍ ଭାବରେ ଜାଣିପାରିବ। ଗାଁ ଗହଳିରେ ଶାସକ ଦଳର ପ୍ରକୃତ ସ୍ଥିତି କିପରି ରହିଛି ଏବଂ ଲୋକେ ସେମାନଙ୍କୁ କେତେ ଗ୍ରହଣ କରୁଛନ୍ତି, ତାହା ବିଜେପି ନେତାମାନେ ନିଜେ ହିଁ ଅନୁଭବ କରିବେ। କେବଳ ସମୟକୁ ଅପେକ୍ଷା କରନ୍ତୁ, ନିର୍ବାଚନ ଫଳାଫଳ ହିଁ ସବୁକିଛି ସ୍ପଷ୍ଟ କରିଦେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ଭକ୍ତ ଦାସ କହିଛନ୍ତି ଯେ, ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ଜୋରଦାର ପ୍ରସ୍ତୁତି ଚାଲିଛି। ଦଳୀୟ କର୍ମୀମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ସହ ସଙ୍ଗଠନକୁ ମଜବୁତ କରୁଛନ୍ତି ବୋଲି ସେ କହିଛନ୍ତି।

## ଚିଟଫଣ୍ଡ ଟଙ୍କା ଫେରାଇବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ବିଜେପି ନିଜ ଦଳରେ ସାମିଲ କରିଛି: ବିଜେଡି

ଭୁବନେଶ୍ୱର,୧୨।୭(ସମିସ): ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ ତାଙ୍କ ସମର୍ଥକମାନଙ୍କ ସହିତ ଆଜି ବିଜେପିରେ ଯୋଗ ଦେଇଥିବା ବେଳେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ବିଜେପିରେ ପ୍ରଭାତଙ୍କ ଯୋଗଦାନ ଦଳ ଉପରେ କୌଣସି କିଛି ମାସ ତଳେ ତାଙ୍କର ବିଶୃଙ୍ଖଳା ଆଚରଣ ଯୋଗୁଁ ତାଙ୍କୁ ଦଳରୁ ବହିଷ୍କାର କରା ଯାଇଥିଲା। ଏବେ ସେ ବିଜେପିରେ ଯୋଗ ଦେଇଛନ୍ତି। ଏହା ବିଜେଡି ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ବିଜେପି ଗତ ନିର୍ବାଚନ ବେଳେ କ୍ଷମତାକୁ

■ ବିଜେଡି ଉପରେ ପଡ଼ିବନି କୌଣସି ପ୍ରଭାବ
■ ବିଶୃଙ୍ଖଳ ଆଚରଣ ପାଇଁ ବିଦା ହୋଇଥିଲେ

ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯିବା ସହ ଚିଟ୍‌ଫଣ୍ଡ ଅଭିଯୁକ୍ତ ପ୍ରଭାତଙ୍କୁ ଦଳରେ ସାମିଲ କରିବାକୁ ନେଇ ବିଜେପିକୁ କଟାକ୍ଷ କରିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ପ୍ରଭାତ ବିଶ୍ୱାଳ ଚିଟ୍‌ଫଣ୍ଡ ମାମଲାରେ ଅଭିଯୁକ୍ତ ହେବା ପରେ ବିଜେଡି ତାଙ୍କୁ ଟିକେଟ ଦେଇନଥିଲା। ଗତ ଆସିଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଅଠର ମାସ ଭିତରେ ଟଙ୍କା ଫେରସ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଟଙ୍କା ଫେରାଇବା କଥା ଦୂରେ ଥାଉ; ଏବେ ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତ ନେତାଙ୍କୁ ନିଜ ଦଳରେ ସାମିଲ କରୁଛନ୍ତି। ଏହା ଓଡ଼ିଶାର ଅଗଣିତ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପ୍ରତି ଉପହାସ। ଏହା ବିଜେପିର ନୈତିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ଡ. ମହାନ୍ତି କହିଛନ୍ତି।

## ସଂସଦରେ ଉପସ୍ଥାପନ ହେବ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ



ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶ ଲୋଡ଼ିଲେ ସଂତୃପ୍ତ

ଭୁବନେଶ୍ୱର,୧୨।୭(ସମିସ): ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଡ. ସଂତୃପ୍ତ ମିଶ୍ର ପ୍ରଥମଥର ପାଇଁ କୌଣସି ଅଧିବେଶନରେ ସାଂସଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଆସନ୍ତା ମୌସୁମୀ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଯେପରି ଦୃଢ଼ ଭାବରେ ଉପସ୍ଥାପିତ ହୋଇପାରିବ, ସେନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପରାମର୍ଶ ଲୋଡ଼ିଛନ୍ତି ଡ. ମିଶ୍ର। ରବିବାର ଭୁବନେଶ୍ୱରରେ ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟର ଏକାଧିକ ଗଣମାଧ୍ୟମର ବହୁ ଖବରଦାତା ତଥା ବରିଷ୍ଠ ସାମ୍ବାଦିକମାନେ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ତଥା ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ବାବଦରେ ସାମ୍ବାଦିକମାନେ ଜଡିତ ରହିଛନ୍ତି। ତେଣୁ ସେ ସମ୍ପର୍କରେ ନିଜର ପରାମର୍ଶ ତଥା ଅଭିଜ୍ଞତା ପ୍ରଦାନ କରିବାକୁ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ମିଶ୍ର ଅନୁରୋଧ କରିଥିଲେ। ଆଲୋଚନାରେ କେନ୍ଦ୍ର ସରକାର ଓଡ଼ିଶାକୁ କରୁଥିବା ଅବିଚାର, ପାତରଅନ୍ତର ନୀତି, ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନରେ ବିଫଳତା ସମ୍ପର୍କରେ ସାମ୍ବାଦିକମାନେ ଉଦବେଗ ପ୍ରକାଶ କରିବା ସହ ଏହାର ସମାଧାନ ପାଇଁ ଡ. ମିଶ୍ର ସଂସଦରେ ପ୍ରସଙ୍ଗ ଉତ୍ଥାପନ କରିବାକୁ ଅନୁରୋଧ କରିଥିଲେ। ସାମ୍ବାଦିକମାନେ ଦେଇଥିବା ପରାମର୍ଶ ମଧ୍ୟରେ କୋଇଲା ରୟାଲଟି ବୃଦ୍ଧି, ମହାନଦୀ ଜଳ ବିବାଦ ସମାଧାନ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ, ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ରର ସହଯୋଗ, ଭତ୍ତା ରାଶି ବୃଦ୍ଧି, ସାଇବର ଅପରାଧ ଉପରେ ନିୟନ୍ତ୍ରଣ, ବିଭିନନ୍ ଯୋଜନାରେ ଅନୁଦାନ ହ୍ରାସ, ଦେଶରେ ନାଗରିକତା ପରିଚୟପତ୍ରକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ ଆଦି ପ୍ରସଙ୍ଗ ସାମିଲ ଥିଲା। ସେହିପରି ବିଜେପି ସରକାରରେ ଗତ ଦୁଇ ବର୍ଷ ହେବ ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି, ଯାହାଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏନେଇ ମଧ୍ୟ କେତେକ ସାମ୍ବାଦିକ ଡ. ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏନେଇ ସେ ଦଳର ସାଥୀ ବିଧାୟକଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## କାତାରର ପୂର୍ବତନ ଅମିରଙ୍କ ପରଲୋକ



ଦୋହା,୧୨।୭(ଏଜେନ୍ସି): କାତାରକୁ ଏକ ଆଧୁନିକ ତଥା ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢ଼ିତୋଳିବାର ମୁଖ୍ୟ ସୂତ୍ରଧର ତଥା ଦେଶର ପୂର୍ବତନ ଅମିର ଶେଖ୍ ହମଦ୍ ବିନ୍ ଖଲିଫା ଅଲ୍ ଥାନିଙ୍କର ୭୪ ବର୍ଷ ବୟସରେ ପରଲୋକ ଘଟିଛି। ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ନେଇ କାତାରର ସରକାରୀ ସଂସ୍ଥା 'ଅମିରି ଦିୱାନ' ପକ୍ଷରୁ ସୂଚନା ଦିଆଯାଇଛି। ଶେଖ୍ ହମଦ୍ ପ୍ରାୟ ୧୮ ବର୍ଷ ଧରି କାତାର ଶାସନ କରିବା ପରେ ୨୦୧୩ ମସିହାରେ ସ୍ୱେଚ୍ଛାକୃତ ଭାବେ ନିଜ ପୁଅ ତଥା ବର୍ତ୍ତମାନର ଅମିର ଶେଖ୍ ତମିମଙ୍କୁ କ୍ଷମତା ହସ୍ତାନ୍ତର କରି ଏକ ନୂଆ ପରମ୍ପରା ସୃଷ୍ଟି କରିଥିଲେ। ତାଙ୍କ ଶାସନ କାଳରେ କାତାରର ବ୍ୟାପକ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶ ହୋଇଥିଲା। ସେ କାତାରକୁ ବିଶ୍ୱର ସବୁଠାରୁ ବଡ଼ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ରପ୍ତାନିକାରୀ ଦେଶରେ ପରିଣତ କରିବା ସହ ଅନ୍ତର୍ଜାତୀୟସ୍ତରରେ କୂଟନୀତି, ଗଣମାଧ୍ୟମ ଓ ପୁଞ୍ଜିନିବେଶ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ।

### ଭାରତରେ ରାଷ୍ଟ୍ରୀୟ ଶୋକ ଘୋଷଣା

ବିଶ୍ୱପ୍ରସିଦ୍ଧ ଗଣମାଧ୍ୟମ ସଂସ୍ଥା 'ଅଲ୍ ଜଜିରା' ଏବଂ ଅନ୍ତର୍ଜାତୀୟ ବିମାନ ସେବା 'କାତାର ଏୟାରୱେଜ୍'ର ପ୍ରତିଷ୍ଠା ଓ ବିକାଶ ପଛରେ ତାଙ୍କର ଅବଦାନ ଅତୁଳନୀୟ ଥିଲା।

ତାଙ୍କ ପରଲୋକରେ ଭାରତ ସରକାର ଶୋକ ପ୍ରକାଶ କରିବା ସହିତ ଗୋଟିଏ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି।

## ଟ୍ରାକ୍ଟରରେ ମହିଳାଙ୍କ ସନ୍ତାନ ପ୍ରସବ

ପାପଡାହାଣ୍ଡି,୧୨।୭ (ସମିସ): ଗାଁକୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଟ୍ରାକ୍ଟରରେ ବୁହାହେଲେ ଗର୍ଭବତୀ। ଆଣୁଥିବା ଟ୍ରାକ୍ଟରରେ ଶିଶୁ କନ୍ୟା ଜନ୍ମ ହୋଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର-କଳାହାଣ୍ଡି ଜିଲ୍ଲା ସୀମାନ୍ତ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅମଲାଭଟ୍ଟା ପଞ୍ଚାୟତ ଦାବିରିଘାଟି ଗାଁରେ। ଗାଁର ଡୋମୁ ମାଝୀଙ୍କ ସ୍ତ୍ରୀ ଉମିଳା ମାଝୀ ଗର୍ଭ ଯନ୍ତ୍ରଣା ହେବାରୁ ରାତି ୧୧ଟା ୩୦ ସମୟରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଏହି ଗାଁକୁ ଭଲ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରିନଥିଲା। ଆମ୍ବୁଲାନ୍ସଟି ଚଚରାଗୁଡା ଗାଁରେ ଅଟକି ଯାଇଥିଲା। ଫଳରେ ପରିବାର ଲୋକେ ଏବଂ ଗ୍ରାମବାସୀ ଏକ ଟ୍ରାକ୍ଟର ଯୋଗେ ଚଚରାଗୁଡା ଗାଁକୁ ଆଣିଥିଲେ। ପରେ ଚଚରାଗୁଡା ଗାଁରୁ ଆମ୍ବୁଲାନ୍ସ ସାହାର୍ଯ୍ୟରେ ମୈଦଲପୁର ମେଡିକାଲକୁ ଭର୍ତି କରାଯାଇଥିଲା। ଏହି ଗାଁ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ମୈଦଲପୁର ଉପରେ ଭରସା। ଜୟପାଟଣା ଯିବାକୁ ହେଲେ ୨୫ କିମି ଦୂର ଯିବାକୁ ପଡୁଥିବା ବେଳେ ମୈଦଲପୁର ମାତ୍ର ୧୫ କିମି ଦୂର। ଗାଁର ରାସ୍ତା ଅତି ଶୋଚନୀୟ ଭାବେ ରହିଥିବା ହେତୁ ଆମ୍ବୁଲାନ୍ସ ଯାଇ ପାରିଲା ନାହିଁ। ଗର୍ଭ ଯନ୍ତ୍ରଣା ଅଧିକ ହେବାରୁ ଟ୍ରାକ୍ଟର ସାହାର୍ଯ୍ୟରେ ୧୦ କିମି ଦୂର ଚଚରାଗୁଡା ଗ୍ରାମକୁ ଆଣିଥିଲେ। ଟ୍ରାକ୍ଟର ସାହାର୍ଯ୍ୟରେ ଆଣୁଥିବା ସମୟରେ ହିଁ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିବା ପରିବାର ଲୋକ କହିଛନ୍ତି। ଏହି ଗାଁଠାରୁ ଆମ୍ବୁଲାନ୍ସ ଯାଇ ପ୍ରସୂତି ଓ କନ୍ୟାକୁ ପ୍ରଥମେ ମୈଦଲପୁର ମେଡିକାଲ ଆଣିଥିଲେ। ପ୍ରସୂତୀଙ୍କ ରକ୍ତର ଅଭାବ ଓ ମ୍ୟାଲେରିଆ ଥିବା ହେତୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ସ୍ଥାନାନ୍ତରିତ କରାଯାଇଛି।

## ଦୀପ ଲିଭିବା ଅଶୁଭ ନୁହେଁ: ଗଜପତି

ପୁରୀ,୧୨।୭(ସମିସ): ଚଳିତ ବର୍ଷ ସ୍ନାନବେଦୀରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ରାଜନୀତି ବନ୍ଦାପନା କରିବା ସମୟରେ ହଠାତ ଦୀପ ଲିଭିଯାଇଥିଲା। ଯାହାକୁ ନେଇ ଅନେକ ଆଶା ଆଶଙ୍କା ଦେଖାଯାଇଥିଲା। ଏପରି ଘଟିବା ଦ୍ୱାରା ଆଗକୁ କିଛି ବଡ଼ ବିପତ୍ତି ଆସୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିଭଳି ପବନର ବେଗ ଅଧିକ ଥିବାବେଳେ କର୍ପୂର ପରିମାଣ କମ୍ ଥିବାରୁ ଆଳତି ସମୟରେ ଦୀପ ଲିଭିଯାଇଥିବା ମଧ୍ୟ ଆନେକ ଆଲୋଚନା ହୋଇଥିଲା। ତେବେ ଏ ପ୍ରସଙ୍ଗରେ ଗଜପତି ମହାରାଜାଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି କି ମହାପ୍ରଭୁଙ୍କ ସେବାରେ କେବେ ବି ଶୁଭ କି ଅଶୁଭ ବୋଲି ବିଚାର କରାଯାଏ ନାହିଁ। ମହାପ୍ରଭୁଙ୍କ ସେବା ସମୟରେ ଦୀପ ଜଳୁଛି କି ଲିଭିଛି ମାନେ ମହାପ୍ରଭୁଙ୍କ ସେବା ହୋଇଛି। ଯଦି ସେବା ହୋଇପାରିଲା ନାହିଁ ତାହା ଅଲଗା ଜିନିଷ। ସେବା ପରେ ଦୀପ ଲିଭିଗଲା ସେଥିରେ କୌଣସି ଅସୁବିଧା ନାହିଁ ବୋଲି ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ମତବ୍ୟକ୍ତ କରି କହିଛନ୍ତି।


**AFFIDAVIT**

By virtue of an affidavit sworn before Notary public Bhubaneswar on dated 10.07.2026, I Santosh Palatasingh resident of At-Chaiginia, Rahadamala, Dist-Puri,Odisha, Pin-752013 declare that I have changed my name from Benu Palatasingh to Santosh Palatasingh. Henceforth, I shall be known as **SANTOSH PALATASINGH** for all purposes.

SANTOSH PALATASINGH


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାପ୍ରଭୁ ସୁସ୍ଥ...

କାହାଳୀ ଆସିବା ପରେ ତଳୁଛ ମହାପାତ୍ର, ପ୍ରଧାନୀ ସେବକ ହାତ ପଇଠ ପକାଇ ଆଗେ ଆଗେ ଚାଲିଥିଲେ। ଥାଳିଗୁଡ଼ିକୁ ବାଡ଼ଗ୍ରାହୀ ଓ ଦଇତାପତିମାନେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ନେଇଯାଇଥିଲେ। ରାଜବାଟୀରେ ପଡ଼ିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢ଼ି ବନ୍ଧାଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢ଼ି ବନ୍ଧାଇବା ପରେ ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର ସେବା ବିଷୟରେ ଆଲୋଚନା କରିଥିଲେ। ଏଥିସହ ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ମଧ୍ୟ ଦେଇଥିଲେ। ଆଗାମୀ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ବିଷୟରେ ମଧ୍ୟ ଗଜପତି ଦଇତାପତିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅଣସର ଘରେ ଏବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସପ୍ତାବରଣ କାର୍ଯ୍ୟ ଚାଲିଛି। ସେଥିମଧ୍ୟରେ ରବିବାର ଘଣାକଟା ହୋଇଛି। ସୋମବାର ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଘଣାଲାଗି କରାଯିବ। ଘଣାଲାଗି ସରିବା ପରେ ଜୟ ବିଜୟ ଦ୍ୱାର ଫିଟି ପଟିଦିଅଁଙ୍କ ମଙ୍ଗଳ ଆଳତି ହେବ।

### ପ୍ରତିଶୋଧ ନିଆଁରେ...

ଅପରପକ୍ଷରେ, ଇରାନ ହର୍ମୁଜ ଜଳପଥକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଜଳପଥ ଉପରେ ନିଜର ସାର୍ବଭୌମତ୍ୱ ଜାହିର କରି ଇରାନ କହିଛି ଯେ ଏହି ଅଞ୍ଚଳରେ ଆମେରିକାର ହସ୍ତକ୍ଷେପ ବନ୍ଦ ନହେବା ପର୍ଯ୍ୟନ୍ତ ଜଳପଥ ଖୋଲିବ ନାହିଁ। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ପୂର୍ବ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ଇରାନର ଏହି ଅଞ୍ଚଳ ଉପରେ କର୍ତ୍ତୃତ୍ୱ ରହିଛି ବୋଲି ଦର୍ଶାଯାଇଛି।

### ତରଳିଗଲା ଅମରନାଥ...

ଏହାବ୍ୟତୀତ ଆଟଲାଣ୍ଟିକ ମହାସାଗର ଓ ଭୂମଧ୍ୟସାଗରୀୟ ଅଞ୍ଚଳରୁ ଆସୁଥିବା ଗରମ ପବନ ମଧ୍ୟ ଉତ୍ତର-ପଶ୍ଚିମ ହିମାଳୟର ତାପମାତ୍ରା ବୃଦ୍ଧି କରୁଛି। ଅନ୍ୟପଟେ ଆଇଆଇଟି ବମ୍ବେର ପ୍ରଫେସର ଶର୍ମିଷ୍ଠା ପଟ୍ଟନାୟକ ଏହି ସଙ୍କଟ ପାଇଁ ମାନବୀୟ କାର୍ଯ୍ୟକଳାପକୁ ଦାୟୀ କରିଛନ୍ତି। ଚଳିତ ବର୍ଷ ପ୍ରଥମ ଚାରି ଦିନରେ ୯୩,୦୦୦ରୁ ଅଧିକ ଶ୍ରଦ୍ଧାଳୁ ଗୁମ୍ଫା ଦର୍ଶନ କରିଛନ୍ତି। ଏହି ଅତ୍ୟଧିକ ଜନସମାଗମ ଯୋଗୁଁ ନିର୍ଗତ ହେଉଥିବା ଶାରୀରିକ ଉତ୍ତାପ, ଆର୍ଦ୍ରତା ଏବଂ ଗୁମ୍ଫା ନିକଟରେ ବ୍ୟବହୃତ ହେଉଥିବା ଭାରୀ ଯନ୍ତ୍ରପାତି, ଜେନେରେଟର ଓ ଆଲୋକୀକରଣ ବ୍ୟବସ୍ଥା ଗୁମ୍ଫାର ସୂକ୍ଷ୍ମ ପରିବେଶକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଛି। ଧାର୍ମିକ ଆସ୍ଥା ଏବଂ ପ୍ରାକୃତିକ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଯାତ୍ରୀମାନଙ୍କ ସଂଖ୍ୟା ଉପରେ ଦୈନିକ କଟକଣା ଲଗାଇବା, ଗୁମ୍ଫା ନିକଟରେ ସ୍ଥାୟୀ ନିର୍ମାଣକୁ ସୀମିତ କରିବା ଏବଂ ସ୍ଥାନୀୟ ଜୀବିକାକୁ ସୁରକ୍ଷା ଦେଇ କଠୋର ପରିବେଶ ନିୟମ ଲାଗୁ କରିବା ଦ୍ୱାରା ହିଁ ଏହି ସଂକଟର ମୁକାବିଲା କରାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

### ଆଉ ଜଣଙ୍କ...

ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜନଗହଳି ପୂର୍ଣ୍ଣ ସ୍ଥାନ ଓ ଡାକ୍ତରଖାନାଗୁଡ଼ିକରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବା ସହ ସଂକ୍ରମିତଙ୍କ ପରିବାର ଲୋକଙ୍କର ମଧ୍ୟ ଯାଞ୍ଚ କରାଯାଉଛି। ପ୍ରଭାବିତ ଅଞ୍ଚଳରେ ବିଶୋଧନ କାର୍ଯ୍ୟକୁ ଜୋରଦାର କରାଯାଇଛି। କଡ଼ପା ଜିଲ୍ଲାର ଏହି ଘଟଣା ପରେ ସମଗ୍ର ଆନ୍ଧ୍ରପ୍ରଦେଶରେ କୋଭିଡ୍ ପ୍ରସ୍ତୁତି ଆଲର୍ଟ ଜାରି କରାଯାଇଛି। ସମସ୍ତ ସରକାରୀ ଡାକ୍ତରଖାନାକୁ ଆଇସୋଲେସନ ୱାର୍ଡ ଓ ପର୍ଯ୍ୟାପ୍ତ ଶଯ୍ୟା ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କୁ ଆତଙ୍କିତ ନ ହୋଇ ସତର୍କ ରହିବାକୁ, ସ୍ୱାସ୍ଥ୍ୟ ରକ୍ଷା ନିୟମ ପାଳନ କରିବାକୁ ଏବଂ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ନିବେଦନ କରିଛି।

### ଦଳିତ ନାବାଳିକାକୁ...

ଘର ବାଲିଚତୁରୀ ସାୟା ଗ୍ରାମରେ ବୋଲି ଚିହ୍ନଟ ହୋଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ତତ୍ପରତା ପ୍ରକାଶ କରିବା ସହ ତୁରନ୍ତ ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି।

### ନିଷ୍କ୍ରିୟ ହେଉଛି...

ହୋଇଥାଏ। ତେବେ ଏହି ସମୟରେ ବିଜୁଳି ଘଡ଼ଘଡ଼ି ସବୁଠୁ ଅଧିକ କ୍ଷତିକାରକ ହୋଇଥାଏ। ବର୍ଷା ଅଭାବରୁ ଭୂପୃଷ୍ଠ ତତଲା ଥାଏ। ଏହି ସମୟରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଏହା ସଂସ୍ପର୍ଶରେ ଆସିବା ଦ୍ୱାରା ଭୀଷଣ ବଜ୍ରପାତ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ସବୁ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଦିନରେ ଖରାର ପ୍ରକୋପ ଅଧିକ ରହିଥିବା ବେଳେ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୭.୪ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ତାପମାତ୍ରା ୩୬.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନେକ ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ ଉପରେ ରହିଛି। ଆଜି ସୁଦ୍ଧା ରାଜ୍ୟରେ ମୋଟ୍ ବର୍ଷାର ପରିମାଣ ୩୪୮ ମିମି ରହିଛି। ସ୍ୱାଭାବିକ ବର୍ଷା ୩୨୩ ମିମି ତୁଳନାରେ ବର୍ଷା ୮ ପ୍ରତିଶତ ଅଧିକ ରହିଛି।

### ୧୯ରେ ସର୍ବଦଳୀୟ...

ଆସିବାର ସମ୍ଭାବନା ଥିବା କୁହାଯାଉଛି। ସୂଚନା ଅନୁସାରେ ଆଗାମୀ ଅଧିବେଶନରେ ଲୋକସଭା ଆସନ ପୁନଃସୀମା ନିର୍ଦ୍ଧାରଣ ଓ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ସରକାର ପୁଣିଥରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଣିପାରନ୍ତି। ଦେଶର ଜନସଂଖ୍ୟା ଅନୁଯାୟୀ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଏବଂ ସଂସଦୀୟ ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପାଇଁ ସଂଶୋଧିତ ଡିଲିମିଟେସନ୍ ବିଲ୍ ଆସିପାରେ। ସେହିପରି ଶେୟାର ବଜାରକୁ ଅଧିକ ସ୍ୱଚ୍ଛ ଆଧୁନିକ ଓ ନିବେଶକ ଅନୁକୂଳ କରିବା ପାଇଁ ପୁଞ୍ଜି ବଜାର ନିୟମରେ ସଂଶୋଧନ ଆଣିବା ଉଦ୍ଦେଶ୍ୟରେ ଏହି ବିଲ୍ ଆଗତ ହୋଇପାରେ। ଏହା ସହ ବ୍ୟବସାୟ କରିବାର ସୁବିଧା ( ଇଜ୍ ଅଫ୍ ଡୁଇଂ ବିଜିନେସ) ବଢ଼ାଇବା, କମ୍ପାନିଗୁଡ଼ିକର ନିୟମାନୁସାରେ କାର୍ଯ୍ୟ ପ୍ରକ୍ରିୟାକୁ ସରଳ କରିବା ଏବଂ କର୍ପୋରେଟ୍ ଶାସନକୁ ଆହୁରି ସୁଦୃଢ଼ କରିବା ପାଇଁ ଏହି ସଂଶୋଧନ ବିଲ୍ ଆସିପାରେ। ଏହା ସହ ଉଚ୍ଚଶିକ୍ଷା ସଂସ୍କାର ସଂକ୍ରାନ୍ତରେ ଏକ ବିଲ୍ ଆସିବାର ସମ୍ଭାବନା ରହିଛି । ଏହାବ୍ୟତୀତ ଦୋଷୀ ସାବ୍ୟସ୍ତ ବା ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ପଦ ଓ ଯୋଗ୍ୟତା ସମ୍ପର୍କରେ ଏକ ବିଲ୍ ପୁଣିଥରେ ସଂସଦରେ ଆସିପାରେ। ତେବେ ଏହାର ଚୂଡ଼ାନ୍ତ ରୂପ କ'ଣ ହେବ, ସେନେଇ ସରକାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଘୋଷଣା ହୋଇନାହିଁ।

### ବିଜେଡି ସଂସଦୀୟ...

କେନ୍ଦ୍ର ସରକାରଙ୍କ ଅନୁଦାନ ହ୍ରାସ, କୋଇଲା ରାଜଭାଗ ବୃଦ୍ଧି, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ ଭିତ୍ତିଭୂମି, ରାଜପଥ ସମ୍ପ୍ରସାରଣ, ଉପକୂଳ ରାଜପଥ ପ୍ରସଙ୍ଗ, ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଅନୁଦାନ ବୃଦ୍ଧି ଆଦି ଅନେକ ପ୍ରସଙ୍ଗରେ ବିଜେଡି ନିରନ୍ତର କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରି ଆସୁଛି । ସେହିପରି ରାଜ୍ୟର ଡ଼ିଜିଟାଲ ଭିତ୍ତିଭୂମି ବିକାଶ, ଅପହଞ୍ଚ ଅଞ୍ଚଳରେ ଇଣ୍ଟରନେଟ୍ ଓ ବ୍ୟାଙ୍କ ସେବା ପାଇଁ ମଧ୍ୟ ବାରମ୍ବାର ଦାବି ହୋଇଛି। ଏହି ସବୁ ପ୍ରସଙ୍ଗରେ ମଧ୍ୟ ବିଜେଡି ସୁପ୍ରିମୋ ଦଳର ସାଂସଦମାନଙ୍କୁ ଗୁରୁମନ୍ତ୍ର ଦେଇପାରନ୍ତି ବୋଲି କୁହାଯାଉଛି ।

### ଋଣ ଯନ୍ତାରେ...

ମୁଣ୍ଡପିଛା ଆୟ ଭାରତଠାରୁ ଯଥେଷ୍ଟ ଅଧିକ । ପୁନଶ୍ଚ କୌଣସି ଆର୍ଥିକ ଧକ୍କାକୁ ସହଜରେ ସମ୍ଭାଳିବାର ସାମର୍ଥ୍ୟ ସେହିଦେଶର ମୁଦ୍ରାଗୁଡ଼ିକର ରହିଛି। ମାତ୍ର ଭାରତରେ କମ୍ ମୁଣ୍ଡପିଛା ଆୟ, ସରକାରୀ ଜନକଲ୍ୟାଣକାରୀ ଯୋଜନା ଉପରେ ଲୋକଙ୍କ ନିର୍ଭରଶୀଳତା ଅତ୍ୟଧିକ ବୃଦ୍ଧି ପାଇଥିବାରୁ ଋଣ ବଢ଼ିଲେ ଏହାର ସିଧାସଳଖ ପ୍ରଭାବ ଦେଶବାସୀଙ୍କ ଉପରେ ପଡ଼ିବାର ଆଶଙ୍କା ରହିଛି।

## ମାଓଡମ୍ପରୁ ୧୮ ଲକ୍ଷର ଅସ୍ତ୍ରଶସ୍ତ୍ର, ସୁନା ଜବତ

ମାଲକାନଗିରି, ୧୨।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ମାଓବାଦୀ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନାକୁ ଆଧାର କରି ବାରସୁର ଥାନା ଅନ୍ତର୍ଗତ ତୋଡ଼ମା ଜଙ୍ଗଲରେ ଚାଲିଥିବା ତଲାସୀ ଅଭିଯାନ ସମୟରେ ଏକାଧିକ ଗୁପ୍ତ ଡମ୍ପ ଠାବ କରାଯାଇଛି। ଅଭିଯାନରେ ପ୍ରାୟ ୧୧୬ ଗ୍ରାମ ସୁନା ବିସ୍କୁଟ, ନଗଦ ୨ ଲକ୍ଷ ଟଙ୍କା, ଏକ ଇନ୍‌ସାସ ରାଇଫଲ, ବହୁ ମାଗାଜିନ, ଏକେ-୪୭ ଓ ଏସଏଲଆର ଗୁଳି, ୧୨ ବୋର ବନ୍ଧୁକ, ବିଜିଏଲ ଲଞ୍ଚର, ଟିଫିନ ବୋମା, ପାଇପ ବୋମା, ତୀର ବୋମା, ଗ୍ରେନେଡ, ମୋର୍ଟାର, ଜିଲେଟିନ, ଡେଟୋନେଟର, ରିଭଲଭର ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ପୁଲିସ କହିଛି, ଏହି ଅଭିଯାନ ମାଓବାଦୀ ସଂଗଠନର ଅସ୍ତ୍ର ଓ ବିସ୍ଫୋରକ ଯୋଗାଣ ବ୍ୟବସ୍ଥାକୁ ବଡ଼ ଝଟକା ଦେଇଛି। ଅଞ୍ଚଳରେ ଅନ୍ୟ ସମ୍ଭାବ୍ୟ ଡମ୍ପ ଠାବ ପାଇଁ ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ ଜାରି ରହିଛି।


**OFFICE OF THE NOTIFIED AREA COUNCIL, ATHMALLIK**

13001/1154/2627

**No. 2636, Dated: 10/07/2026**

**e-Procurement**

**Bid Identification No. Alkn-02/2026-27**

Bid documents consisting of the work, estimated cost, cost of tender paper, EMD, time of completion, class of contractors, and the terms and conditions of the contract along with other necessary documents can be seen on the Government website: www.tendersorissa.gov.in

**Name of the Works:** Electrical Works

**No. of Works :** 01 No.

**Estimated Cost:** Rs. 5,26,282/-

**Date & Time of Availability of Bid Documents in the Portal:** From **10:00 A.M. on 13.07.2026** to **5:00 P.M. on 21.07.2026**

**Last Date of Receive of Bid through Online:** On or before **21.07.2026 up to 5:00 P.M.**

**Submission of Original Documents (DD/EMD/Affidavit):** On **23.07.2026 up to 11:00 A.M.**

**Date of Opening of Bid:** At **11:00 A.M. on 23.07.2026**

**Executive Officer**
**N.A.C. Athmallik**

OIPR-13001/13161/1/26-27/0002



GOVERNMENT OF ODISHA 34001/470/2627

**OFFICE OF THE SUPERINTENDING ENGINEER GANJAM (R&B) DIVISION NO. I, BERHAMPUR**

**Phone/Fax:** (0680) 2233683

**E-mail:** sernb1.ganjam@yahoo.com

**e-Procurement Notice**

Bid Identification No.: **SE R&B Divn. No. I Bam. 14/2026-27**

**Letter No.:** 6691, **Date:** 10.07.2026

**Name of Work:** E.I. Works

**No. of Works:** 18 (Eighteen) Nos.

**Estimated Cost:** Approximately **Rs. 4.20 Lakh to Rs. 49.97 Lakh**

**Period of Completion:** Two to Twenty Four Calendar Months

**Date & Time of Availability of Bid Documents in the Portal:** From **10:00 Hours on 17.07.2026** to **16:00 Hours on 26.07.2026**

**Last Date & Time for Receipt of Bids in the Portal:** Up to **16:00 Hours on 26.07.2026**

**Name & Address of the Officer Inviting Bid: Superintending Engineer**
Ganjam (R&B) Division No. I, Berhampur

Further details can be seen from the e-Procurement portal: https://tendersodisha.gov.in

**Superintending Engineer**
Ganjam (R&B) Division No. I, Berhampur

OIPR-34001/34109/1/26-27/0013

ବିବାଦ ଘେରରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗର ଭୂମିକା

# ୩ ମାସ ପରେ ବି ହେଉନି କଲ୍ଲୋଳ ସମୀକ୍ଷା ବୈଠକ

ଜଗତସିଂହପୁର,୧୨।୭ (ସମିସ)

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬" ସରିବାର ୩ ମାସ ବିତିଗଲାଣି। ହେଲେ ମହୋତ୍ସବ ପାଳନ ବେଳେ ଦେଖା ଦେଇଥିବା ଅବ୍ୟବସ୍ଥା ଏବଂ ଭୁଲତ୍ରୁଟିର ସମୀକ୍ଷା ପାଇଁ କାହିଁକି ବୈଠକ ଡକାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ସେପଟେ କିନ୍ତୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପାଲଟିଛି ନିଦାବିଷ୍ଟ।

ଗତ ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୬'। ଜିଲ୍ଲା ମହୋତ୍ସବ ଆୟୋଜନରେ ହୋଇଥିବା ଆୟବ୍ୟୟ ସାର୍ବଜନୀନ କରିବାରେ ସଂସ୍କୃତି ବିଭାଗର ପଛଘୁଞ୍ଚାକୁ ସାଧାରଣରେ ନାପସନ୍ଦ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ଜିଲ୍ଲା ମହୋତ୍ସବ ପରେ ମଧ୍ୟ ଉତ୍ସବର ଆୟବ୍ୟୟ ସାର୍ବଜନୀନ କରାଯାଇନଥିଲା। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ସେହିବର୍ଷ ଜୁଲାଇ ୧୮ ତାରିଖରେ ଜିଲ୍ଲା ମହୋତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ ଜିଲ୍ଲାପାଳ ବିଧାୟକଙ୍କ ଚିଠିକୁ ଗୁରୁତ୍ୱ ଦେଲେନାହିଁ କିମ୍ବା ବୈଠକ ଡାକିଲେ ନାହିଁ। ପୁଣିଥରେ ୨୦୨୬ ଫେବୃଆରୀ ୨୦ ତାରିଖରେ କ୍ଷୋଭବ୍ୟକ୍ତ କରିବା ସହିତ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲ୍ଲାପାଳଙ୍କୁ ବିଧାୟକ ଶ୍ରୀ ଦାସ ଚିଠି ଲେଖିଥିଲେ। ହେଲେ ଜିଲ୍ଲାପାଳ କିମ୍ବା ଜିଲ୍ଲା ସଂସ୍କୃତି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ।

**ଗତବର୍ଷ ବିଧାୟକଙ୍କ ଦୁଇଥର ଚିଠି ପରେ ମଧ୍ୟ ହୋଇନଥିଲା**

ବାରମ୍ବାର ଏଭଳି ହେଉଥିବାରୁ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ଡକାଯାଉ ନଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗ ସତ୍ୟ କି ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସେପଟେ ଗତବର୍ଷ ଭଳି ଜିଲ୍ଲା ସଂସ୍କୃତି ବିଭାଗ ବିନା ସମୀକ୍ଷାରେ ଉତ୍ସବର ଆୟ ବ୍ୟୟ ବିବରଣୀ ନୋଟିସ୍ ବୋର୍ଡରେ ଝୁଲାଇ ଦେଇ କାମ ସାରିଦେବ ନା ଚଳିତବର୍ଷ ସମୀକ୍ଷା ବୈଠକ ଆୟୋଜନ କରିବ ତାହା ସ୍ପଷ୍ଟ ହୋଇନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍-କମିଟିର ନିଷ୍ପତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବା ବେଳେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଏହାକୁ ନଜରରେ ରଖି ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି। ଜିଲ୍ଲାର ନିର୍ବାଚିତ ଲୋକ ପ୍ରତିନିଧି ତଥା ସାଂସଦ ଓ ବିଧାୟକ ମାନଙ୍କ ନୀରବତା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ବିଭାଗର ସ୍ୱେଚ୍ଛାଚାରିତା ପାଇଁ ଖୋରାକ ଯୋଗାଉଛି ବୋଲି ସାଧାରଣରେ ଅଭିଯୋଗ କରାଯାଉଛି। ତେଣୁ ଲୋକ ପ୍ରତିନିଧି ମାନେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି।

■ କୋଲକତାରୁ ପାରାଦୀପକୁ ଛେଳିଚାଲାଣ

## ବସ୍ ଡିକିରୁ ୩୭ ଛେଳି ଉଦ୍ଧାର



ପାରାଦୀପ,୧୨।୭ (ସମିସ): କଲିକତାରୁ ପାରାଦୀପ ଲମ୍ବିଛି ବେଆଇନ ଚୋରା ଛେଳି ରାକେଟ। ଏନେଇ ଆଜି ପାରାଦୀପ ଲକ୍ ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଏହି ରାକେଟକୁ କାବୁ କରିବାରେ ସଫଳ ହୋଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରାଦୀପ ଏଏସ୍‌ପି, ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏଏସଆଇ ଶ୍ରୀକାନ୍ତ ସାହୁ ଏବଂ ଅନ୍ୟ ପୁଲିସ କର୍ମଚାରୀ ଏକ ସ୍ୱତନ୍ତ୍ର ପୁଲିସ ଟିମ ହଳଦିଆ ରଙ୍ଗର ବସ୍ ଉପରେ

**ବସ୍ ଜବତ; ୩ ଗିରଫ**

ଚଢ଼ଉ କରି ଯାଞ୍ଚ କରିଥିଲେ। ନୀଳମାଧବ ନାମକ ବସ୍ ଡିକିରୁ ୩୭ଟି ଛେଳିକୁ ଉଦ୍ଧାର କରିଛି ଟିମ୍। ପଶ୍ଚିମବଙ୍ଗରୁ ପାରାଦୀପକୁ ଏହି ଛେଳି ଚାଲାଣ ହେଉଥିଲା। ତେବେ ଚାଲାଣ ହେଉଥିବା ନୀଳମାଧବ ବସ୍ ସମେତ ପଶ୍ଚିମବଙ୍ଗର ଡ୍ରାଇଭର ରାଧାକାନ୍ତ ଗିରି (୪୩), ମେଦିନିପୁରର ହେଲପର ସୁଜିତ ମାଇତି (୫୨) ଓ କଣ୍ଡକ୍ଟର ମେଦିନିପୁରର ରତନ ପଟ୍ଟନାୟକ(୫୧)କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଦୀର୍ଘ ଦିନ ଧରି କଲିକତାରୁ ପାରାଦୀପ ଆସୁଥିବା ରାତି ବସ୍ ଗୁଡିକରେ ବ୍ୟାପକ ଛେଳି ଚୋରା ଚାଲାଣ ହେଉଥିବା ଘଟଣା ଏବେ ସ୍ପଷ୍ଟ ହୋଇଛି। ପାଖାପାଖି ୪ରୁ ୫ଟି ପାସେଞ୍ଜର ବସ୍‌ରେ ପ୍ରତି ସପ୍ତାହର ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ଏହି ଚାଲାଣ ହେଉଥିବା ବେଳେ ବସ୍ ଗୁଡ଼ିକ ବୁଧବାର, ଶୁକ୍ରବାର ଓ ରବିବାର ଆମିଷ ବାରି ଦିନ ଭୋରରୁ ବସ୍ ପାରାଦୀପରେ ପହଞ୍ଚିଥାଏ। ଗୋଟିଏ ଗୋଟିଏ ବସ୍‌ର ଡିକିରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଛେଳି ଆସିଥାଏ। ଏହି ଛେଳି ଗୁଡିକ କେନ୍ଦ୍ରାପଡ଼ାଠାରୁ ପାରାଦୀପର ପିପିଏଲ ଛକ, ଗଡ଼ ଛକ, ଚୂନ ଛକରେ ଅର୍ଡର ଅନୁସାରେ କଢ଼ା ହୋଇଥାଏ। କୌଣସି ସୂତ୍ରରୁ ଲକ୍ ଥାନା ପୁଲିସ ଖବର ପାଇ ଚୂନ ଛକ ନିକଟରେ ନୀଳମାଧବ ବସ୍‌କୁ ଯାଞ୍ଚ କରିବା ପରେ ବସ୍‌ରେ ଛେଳି ଥିବା ସ୍ପଷ୍ଟ ହୋଇଥିଲା। ପୁଲିସ ବସ୍ ସମେତ ଡ୍ରାଇଭର, ହେଲପର ଓ କଣ୍ଡକ୍ଟରଙ୍କୁ ଲକ୍ ଥାନାକୁ ଆଣି ଛେଳି କେଉଁଠୁ ଆସିଛି, କିଏ ଏହି ଚୋରା ଚାଲାଣରେ ସାମିଲ ରହିଛି ଏବଂ ଏହାର ମାଷ୍ଟର ମାଇଣ୍ଡ କିଏ, ଏ ସବୁର ତଦନ୍ତ ଆରମ୍ଭ କରିଛି।

## ବିଜେଡି ନେତ୍ରୀଙ୍କ ମାତୃ ବିୟୋଗ




ବାଲିକୁଦା,୧୨।୭ (ସମିସ): ବାଲିକୁଦା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ବର୍ତ୍ତମାନର ରାଜ୍ୟ ବିଜେଡି ମହିଳା ନେତ୍ରୀ ବବିତା ସ୍ୱାଇଁଙ୍କ ମା' ଛାୟାଲତା ସ୍ୱାଇଁଙ୍କର ୮୨ ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘ ଚାରି ବର୍ଷ ଧରି ଅସୁସ୍ଥ ଥିବା ବେଳେ ପାରାଦୀପରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ଝିଅ ତଥା ପାରାଦୀପ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷା ଛବିଲତା ରାଉତ ଉପସ୍ଥିତ ଥିଲେ। ପରେ ମରଶରୀରକୁ ବାଲିକୁଦା ବ୍ଲକର ଓଷକଣା ଗ୍ରାମସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ଆତ୍ମୀୟସ୍ୱଜନ, ଶୁଭେଚ୍ଛୁ ଓ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ତାପସ ସ୍ୱାଇଁ ମୁଖାଗ୍ନି ପ୍ରଦାନ କରିଥିବା ବେଳେ କନିଷ୍ଠ ପୁତ୍ର ମାନସ ସ୍ୱାଇଁ, ପୁତୁରା ହିମାଂଶୁ, ରିତାଂଶୁ ଓ ତରୁଣଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ବିଧାୟକ ଶାରଦା ପ୍ରସନ୍ନ ଜେନା, ସାଂସଦ ବିଭୁ ପ୍ରସାଦ ତରାଇ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଡା. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ମହନୀ ଚରଣ ରାଉତ, ସରପଞ୍ଚ ତରୁଣ କୁମାର ମହାନ୍ତି, ଜଗତସିଂହପୁର ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ସ୍ୱାଇଁ, ପ୍ରିୟମ୍ବଦା ପଳାଉର, ପୂର୍ବତନ ସମିତିସଭ୍ୟ ରାଜେନ୍ଦ୍ର ପ୍ରସାଦ ମିଶ୍ର, ସମାଜସେବୀ ମୁନା ସ୍ୱାଇଁ, ଅଲେଖ ଚରଣ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ ଓ ପଞ୍ଚାୟତ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଜରାଶ୍ରମରେ ପ୍ରତିଷ୍ଠାତା ସଦସ୍ୟଙ୍କ ସ୍ମୃତିସଭା

ଜଗତସିଂହପୁର,୧୨।୭ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ତର୍ତ୍ତଙ୍ଗ ସ୍ଥିତ ତ୍ରିନାଥ ଜରା ସେବାଶ୍ରମର ପ୍ରତିଷ୍ଠାତା ସଦସ୍ୟ ମେନୁଚରଣ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେବାଶ୍ରମର ପ୍ରମୁଖ ତତ୍ତ୍ୱାବଧାରକ ନିରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସ୍ଥାୟୀ ସଭାପତି କୈଳାସ ଚନ୍ଦ୍ର ମୁଦୁଲି, ଆଜୀବନ ସଦସ୍ୟ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଦୁଃଖିଶ୍ୟାମ ସ୍ୱାଇଁ, ରାଜ କିଶୋର ମହାନ୍ତି, ଅଦ୍ୱୈତ ଚରଣ ସ୍ୱାଇଁ ଏବଂ ସୁକାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସେବାଶ୍ରମ ପ୍ରତିଷ୍ଠା ଏବଂ ପରିଚାଳନା ପାଇଁ ରହିଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କର ପରଲୋକ ତ୍ରିନାଥ ଜରା ସେବାଶ୍ରମ ପାଇଁ ଏକ ଅପୂରଣୀୟକ୍ଷତି ବୋଲି ସଭାରେ ମତପ୍ରକାଶ କରାଯାଇଥିଲା। ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ସଦସ୍ୟ ଏବଂ ଆଶ୍ରମର ଅନ୍ତେବାସୀ ସ୍ୱର୍ଗତ ଆତ୍ମାର ସଦଗତି ନିମିତ୍ତ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ କୁମାର ମଲ୍ଲିକ, ଦୟାନିଧି ସାହୁ, ଗିରିଜା ମହାପାତ୍ର, ଯୁଧିଷ୍ଠିର ସାହୁ ଏବଂ ଭାସ୍କର ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମେନୁ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




## ଦେବୀ ନଦୀରୁ ବୃଦ୍ଧଙ୍କ ଶବ ଉଦ୍ଧାର



ବାଲିକୁଦା,୧୨।୭ (ସମିସ): ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ଧନୁହରବେଲାରୀ ଗ୍ରାମ ନିକଟରେ ଥିବା ଦେବୀ ନଦୀ କୂଳରୁ ୭୧ ବର୍ଷୀୟ କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ନୋଦା ଗ୍ରାମର ନୀଳମଣି ଦାସଙ୍କ ଶବ ଉଦ୍ଧାର ହୋଇଛି। ଉଦ୍ଧାର ପରେ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲକୁ ପୁଲିସ ପଠାଇଛି। ସୂଚନା ଅନୁଯାୟୀ ଗତ ୬ ତାରିଖ ସୋମବାର ମଧ୍ୟାହ୍ନ ସମୟରେ କନ୍ଦଳ ନଦୀରେ ଗାଧୋଉଥିବା ସମୟରେ ଅସାବଧାନତା ବଶତଃ ନଦୀର ସ୍ରୋତରେ ଭାସି ଯାଇଥିଲେ। ସେହିଦିନ ଠାରୁ ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ଶେଷରେ ଆଜି ପାଇବାରେ ସକ୍ଷମ ହୋଇଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ପୁତ୍ର ଦେବାଶିଷ ଦାସ, ପୁତୁରା ଅକ୍ଷୟ ମହାନ୍ତି ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲିକୁଦା,୧୨।୭ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ରାହାଣ ଗ୍ରାମର ଜଣେ ଯୁକ୍ତ-୩ ଶେଷ ବର୍ଷର ଛାତ୍ରୀଙ୍କ ଅଚାନକ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଛାତ୍ରୀ ଆଶା ଦାସ (୨୦), ପିତା କୁମର ଦାସ। ସେ ଢିଅସାହି ମହିଳା ଡିଗ୍ରୀ କଲେଜରେ ଯୁକ୍ତ-୩ ଶେଷ ବର୍ଷରେ ଅଧ୍ୟୟନ କରୁଥିଲେ। ପରିବାର ସୂତ୍ରରୁ ପ୍ରକାଶ ଯେ, ରବିବାର ସକାଳେ ତାଙ୍କର ହଠାତ୍ ଜ୍ୱର ଆସିବା ସହ ଥରେ ପତଳା ଝାଡ଼ା ହୋଇଥିଲା। ଏହାପରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରିବାର ସଦସ୍ୟଙ୍କ କହିବା ଅନୁସାରେ, ହସ୍ପିଟାଲକୁ ଯିବା ବାଟରେ ଆମ୍ବୁଲାନ୍ସ ଭିତରେ ତାଙ୍କର ରକ୍ତବାନ୍ତି ହୋଇଥିଲା। ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମେଡିକାଲ ପକ୍ଷରୁ ବାଲିକୁଦା ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ପୁଲିସ ପକ୍ଷରୁ ସୂଚନା ମିଳିଛି ଯେ, ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।



## ମହାନଦୀ ବନ୍ଧ ସୁରକ୍ଷା ପ୍ରତି ସୃଷ୍ଟି ହେଉଛି ବିପଦ

ରଘୁନାଥପୁର,୧୨।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ତହସିଲ ଅନ୍ତର୍ଗତ ମହାନଦୀ ଦକ୍ଷିଣ ଜଳସମ୍ପଦ ବିଭାଗ ଅଧୀନରେ ଥିବା ତାରପୁର ପଞ୍ଚାୟତର ବେଲବଣ ଠାରୁ ଖଣ୍ଡତରୀ ପର୍ଯ୍ୟନ୍ତ ଖରାଦିନେ ମହାନଦୀ ପଠା ତାଡ଼ି ବାଲି ଓ ମାଟି ମାଫିଆ ମାନେ ବିକ୍ରି କରୁଥିବା ବେଳେ ପ୍ରଶାସନ ଚୁପ ରହିଥିଲା। ନଦୀରେ ପାଣି ଆସିବା ପୂର୍ବରୁ ନଦୀ ବନ୍ଧର ଦୁର୍ବଳ ସ୍ଥାନ ମାନଙ୍କରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ମରାମତି କାର୍ଯ୍ୟ। ବାହାରୁ ମାଟି ଆଣି ବନ୍ଧର ଦୁର୍ବଳ ସ୍ଥାନରେ ପକାଇବା ପାଇଁ ନିୟମ ରହିଥିବା ବେଳେ ଠିକାଦାର ଓ ଜଳସେଚନ ବିଭାଗର ଅଧିକାରୀମାନଙ୍କ ମଧୁଚନ୍ଦ୍ରିକାରେ ତାରପୁର ବେଲବଣ ଠାରେ ଠିକାଦାର ନଦୀବନ୍ଧ ଗୋଡ଼ାରୁ ମେସିନ ଜରିଆରେ ମାଟି ଖୋଳି ଦୁର୍ବଳ ନଦୀବନ୍ଧରେ ପକାଇଛନ୍ତି। ଫଳରେ ଦୁର୍ବଳ ନଦୀ ବନ୍ଧର ସୁରକ୍ଷା ନେଇ ଉଠିଛି ପ୍ରଶ୍ନ। ବନ୍ଧ ତଳୁ ମାଟି ନେବା ଦ୍ୱାରା ବନ୍ଧ ଦୁର୍ବଳ ହେବା ସହ ନଦୀରେ ଅଧିକ ବନ୍ୟାଜଳ ପ୍ରବାହିତ ହେଲେ ଏହି ସ୍ଥାନରେ ଘଳିଆ ପଡି ଘାଇ ହେବାର ଆଶଙ୍କା ସୃଷ୍ଟି ହେଉଛି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ ହୋଇଛି। ତାରପୁର ବେଲାବଣ ଠାରୁ ଜଇପୁର ଦସୁଆଦଣ୍ଡା ପର୍ଯ୍ୟନ୍ତ ଥିବା ନଦୀବନ୍ଧ ୭୦ ପ୍ରତିଶତ ବାଲିରେ ନିର୍ମିତ ଏଡିବି ସହାୟତାରେ ତାଳଦଣ୍ଡା କେନାଲର ଉନ୍ନତି କରଣ ଚାଲିଥିବା ବେଳେ ତତକାଳୀନ ନିର୍ବାହୀ ଯନ୍ତ୍ରୀ ଏ ସମ୍ପର୍କରେ ପ୍ରକାଶ କରୁଥିଲେ। ଏହାଛଡା ନଦୀରେ ଅଧିକ ବନ୍ୟା ଜଳ ପ୍ରବାହିତ ହେଲେ ଏହାର ପାର୍ଶ୍ୱବର୍ତ୍ତୀ ତାରପୁର, ଅଚ୍ଛୁତପୁର, ଗୋକୁଳପୁର, ହରିଶପୁର ଓ ଖଣ୍ଡତରୀ ଗ୍ରାମ ମହାନଦୀ ବକ୍ଷରେ ଲୀନ ହେଇଯିବାର ଆଶଙ୍କା ରହିଛି। ତୁରନ୍ତ ଖୋଳାଯାଇଥିବା ସ୍ଥାନରେ ବାହାରୁ ମାଟି ଆଣି ପକାଇ ବନ୍ଧକୁ ମଜବୁତ କରିବା ପାଇଁ ଗ୍ରାମବାସୀ ଜଳସମ୍ପଦ ବିଭାଗ ଓ ଜିଲ୍ଲାପାଳଙ୍କୁ ସ୍ଥିତି ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଠିକାଦାରଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣ ମାନେ ନିବେଦନ କରିଛନ୍ତି।



## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମା' ସାରଳା ଶାଖାର ବୈଠକ




ଜଗତସିଂହପୁର,୧୨।୭ (ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚର୍ଚ୍ଚିକା ବଜାର ସ୍ଥିତ ମା' ଚର୍ଚ୍ଚିକା ମନ୍ଦିର ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମା' ସାରଳା ଶାଖା ପକ୍ଷରୁ ଏକ ବୈଠକ ପରିଷଦର ସଭାପତି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପରିଷଦର ଉପସଭାପତି ବିଜୟ କୁମାର ପତି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଉପସଭାପତି ଡ. ବିଜୟ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପଣ୍ଡିତ ଡ. ରବୀନ୍ଦ୍ର ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ।

ଆସନ୍ତା ଅଗଷ୍ଟ ୮/୯ ଦୁଇ ଦିନ ଧରି ଶ୍ରୀକ୍ଷେତ୍ର ପୁରୀଠାରେ ହେବାକୁ ଥିବା ପରିଷଦର କେନ୍ଦ୍ରୀୟ ଅଧିବେଶନରେ ଯୋଗ ଦେବା ସହ ଜିଲ୍ଲାର ୮ଟି ବ୍ଲକ ଅନ୍ତର୍ଗତ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଣାଅଜଣା, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା' ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ। ସେହିପରି ୨୬ ତାରିଖ ଦିନ ଜଗତସିଂହପୁରସ୍ଥ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଭାଗର ପ୍ରଥମ ଛାତ୍ରଛାତ୍ରୀଙ୍କୁ +୨ ଓ +୩ ଭେଦରେ ୬ ଜଣ ସେମାନଙ୍କ ଅଭିଭାବକଙ୍କ ଜରିଆରେ ପୁରୀ ଯାଇ ସେଠାରେ ସମ୍ବର୍ଦ୍ଧିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବିଭିନ୍ନ ବ୍ଲକର ସଂଯୋଜକ ଏବଂ ସଦସ୍ୟଗଣ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପନ୍ନ କରିବାକୁ ବଚନବଦ୍ଧ ହୋଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ତିଳୋତ୍ତମା ଦାଶ, ମନୋରମା ଦାଶ, ଶିଶିର କୁମାର ତ୍ରିପାଠୀ, ଗୀତିକବି ଉମାକାନ୍ତ ନାୟକ, ଆଶିଷ ପରିଜା, ସୁଦାମ ସାମନ୍ତରାୟ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ରମେଶ ଚନ୍ଦ୍ର ବହିରା, ରଂଜିତ କୁମାର ଦାସ ଏବଂ ସବ୍ୟସାଚୀ ତ୍ରିପାଠୀ ମୂଲ୍ୟବାନ ମତାମତ ଦେଇଥିଲେ। ଶେଷରେ ଶିକ୍ଷାବିତ୍ ବିଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଗଡ଼ ଜିଲ୍ଲା ପରମ୍ପରା ଅନୁଷ୍ଠାନକୁ ପାରାଦୀପରେ ସମ୍ବର୍ଦ୍ଧନା



ପାରାଦୀପ,୧୨।୭ (ସମିସ): ନୟାଗଡ଼ ଜିଲ୍ଲାର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ସଙ୍ଗଠନ "ପରମ୍ପରା'ର କର୍ମକର୍ତ୍ତା ଓ ସଭ୍ୟସଭ୍ୟାଙ୍କର ପାରାଦୀପ ବନ୍ଦର ପରିଭ୍ରମଣ ଅବସରରେ ପାରାଦୀପଗଡ଼ର ସାହିତ୍ୟ ଅନୁଷ୍ଠାନ "ଟିକିଟିକି ତାରା' ସୌଜନ୍ୟରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରସିଦ୍ଧ ମାଳିକା କ୍ଷେତ୍ର ଉଦୟବଟ ଧାମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଦେଇ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭାବରେ ପରମ୍ପରାର ସଭାପତି ଡ. ସୁକାନ୍ତି ମହାନ୍ତି, ସମ୍ମାନିତ ଅତିଥି ଭାବରେ ନିର୍ମଳ ଚନ୍ଦ୍ର ସୁରଜୟ, ବରିଷ୍ଠ ସାମ୍ବାଦିକ ଚିତ୍ତ ସ୍ୱାଇଁ, ଉଦୟବଟ ଧାମ ପରିଚାଳନା ଟ୍ରଷ୍ଟ ସଭାପତି ମିହିର ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟିକିଟିକି ତାରା ସଭାପତି ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦିକା ମିନର୍ଭା ସ୍ୱାଇଁ। ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ ସୌଭାଗ୍ୟ ମଞ୍ଜରୀ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ମହାପାତ୍ର, ରବି ନାରାୟଣ ପାତ୍ର, ପ୍ରତାପ କୁମାର ସାହୁ, ନିଳିମା ନନ୍ଦ, ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ପ୍ରମିତା ରାଣୀ ଜେନା, ସ୍ନିଗ୍ଧାରାଣୀ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଉର୍ମିଳା ମହାନ୍ତି, ଗୋଲାପ ରାଣୀ ସାହୁ, ପ୍ରେମଲତା ବାରିକ, ଉର୍ମିଳା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। କବିତା ସଂଯୋଜନା କରିଥିଲେ ପ୍ରଶାନ୍ତ କୁମାର ରାଉତ ଏବଂ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନେତାଜୀ ସ୍ପୋର୍ଟ୍ସ କ୍ଲବର ବୃକ୍ଷରୋପଣ



ପାରାଦୀପ,୧୨।୭ (ସମିସ): ପରିବେଶ ସନ୍ତୁଳନ ରକ୍ଷା ଏବଂ ସବୁଜ ଗ୍ରାମ ଗଠନ ଉଦ୍ଦେଶ୍ୟରେ ନେତାଜୀ ସ୍ପୋର୍ଟ୍ସ କ୍ଲବ, ଭୁତମୁଣ୍ଡାଇ ପକ୍ଷରୁ ଆଜି ଏକ ବୃହତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ଯୁବ ସଦସ୍ୟମାନେ ଗାଁର ବିଦ୍ୟାଳୟ ପରିସର, ଗ୍ରାମ୍ୟ ରାସ୍ତା ଦୁଇ ପାଶ୍ୱର୍ରେ ଏବଂ ସାର୍ବଜନୀନ ସ୍ଥାନରେ ମୋଟ ୮୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ନିମ୍ବ, ବରଗଛ, ଅଶ୍ୱତ୍ଥ, କୃଷ୍ଣଚୂଡ଼ା ପ୍ରଭୃତି ବିଭିନ୍ନ ପ୍ରଜାତିର ଚାରା ଏଥିରେ ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱନାଥ ବେହେରା (ପପୁ), ସୁନୀଲ କୁମାର ରାଣା, ଶୁଭ୍ରଜିତ ସ୍ୱାଇଁ, ସୁବ୍ରତ ମହାନ୍ତି, ସୁଶାନ୍ତ ଖଟେଇ, ପ୍ରକାଶ ସ୍ୱାଇଁ, ବିବେକ ସେଠୀ, ବାଦଲ ସ୍ୱାଇଁ, ମନୋରଞ୍ଜନ ବେହେରା, ଟିକୁନ ସେଠୀ, ରଜତ ସାମଲ, ମାନସ ଚୌଧୁରୀ, ସୁଶାନ୍ତ ସ୍ୱାଇଁ, ପ୍ରକାଶ ସାହୁ, ତୋଫାନ ପ୍ରଧାନ ପ୍ରମୁଖ ସକ୍ରିୟ ଭାବେ ଭାଗ ନେଇଥିଲେ।

## ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ



ବାଲିକୁଦା,୧୨।୭ (ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଅନ୍ତର୍ଗତ ଦଶବାଟିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ କଣ୍ଠମଣୀ ଜେନାଙ୍କର ୮୮ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ଜେନା ଦଶବାଟିଆ ବଜାରର ପ୍ରଥମ କପଡ଼ା ବ୍ୟବସାୟୀ ଭାବେ ପରିଚିତ ଥିଲେ। ସେ ଅଞ୍ଚଳରେ ଜଣେ ସମ୍ମାନିତ ବ୍ୟକ୍ତି ଭାବେ ପରିଚିତ ହୋଇଥିଲେ। ତାଙ୍କ ପରଲୋକ ପରେ ଶବାଧାରକୁ ଦଶବାଟିଆ ବଜାର ପରିକ୍ରମା କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ପ୍ରଶାନ୍ତ କୁମାର ଜେନା ମୁଖାଗ୍ନି ପ୍ରଦାନ କରିଥିବା ବେଳେ କନିଷ୍ଠ ପୁତ୍ର ସୁଶାନ୍ତ କୁମାର ଜେନାଙ୍କ ସମେତ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ବହୁ ବ୍ୟବସାୟୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। କଣ୍ଠମଣୀ ଜେନାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଦଶବାଟିଆ ବଜାର କମିଟି ପକ୍ଷରୁ ଗୋଟିଏ ଓଳି ବଜାର ବନ୍ଦ ରଖାଯାଇଥିଲା।

## ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବୈଠକ

ରଘୁନାଥପୁର,୧୨।୭ (ସମିସ)




ଜଗତସିଂହପୁର ଜିଲ୍ଲା ଓଷ୍ଟା ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲାସ୍ତରୀୟ ବୈଠକ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟପ୍ରକାଶ ଶିକ୍ଷାନିକେତନ, ରାମଚନ୍ଦ୍ରପୁର ଠାରେ ଜିଲ୍ଲା ଓଷ୍ଟା ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମିଳିତ ମଞ୍ଚର ରାଜ୍ୟ ସଭାପତି ସୁକାନ୍ତ କୁମାର ବେହେରା ମୁଖ୍ୟଅତିଥି, ଜିଲ୍ଲା ଓଷ୍ଟାର ଉପଦେଷ୍ଟା ନିକୁଞ୍ଜ କିଶୋର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଓଷ୍ଟା ସଂପାଦକ ତଥା ଆବାହକ ନାରାୟଣ ଚନ୍ଦ୍ର ବାରିକ ଆଜିର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ରାଜ୍ୟ ଓଷ୍ଟାର ଅନ୍ୟତମ ସଂପାଦକ ମାଣିକେଶ୍ୱର ସ୍ୱାଇଁ, ପ୍ରଣବ କୁମାର ଜେନା, ସ୍ମୃତି ରଞ୍ଜନ ପରିଜା, ରମାକାନ୍ତ ମହାପାତ୍ର ଓ ମଧୁସୁଦନ ଦେ, ଅଲଓଷ୍ଟାର ରାଜ୍ୟ ନେତୃତ୍ୱ ସୁଦର୍ଶନ ସ୍ୱାଇଁ, ସଚିଦାନନ୍ଦ ପରିଡ଼ା, ଜୟପ୍ରକାଶ ପଣ୍ଡା, ୬୬୨ କଲେଜ ସଂଘର ମନୋରଞ୍ଜନ ମହାରଣା, ମାଦ୍ରାସା ସଂଘର ସେକ ଅବଦୁଲ ସୋଫିଆନା, ସଂସ୍କୃତ ସଂଘର ପ୍ରଦୀପ ଆଚାର୍ଯ୍ୟ, କ୍ରୀଡ଼ା ସଂଘ ରଶ୍ମିକାନ୍ତ ଦାସ ଯୋଗ ଦେଇଥିଲେ ୧୯୯୪ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ପେନସନ, ୨୮୦୦ ଗ୍ରେଡ ପେ'ରେ ଥିବା ଅସଂଗତି ଇତ୍ୟାଦି ଦାବି ପୂରଣ ପାଇଁ ଆଗାମୀ ଅଗଷ୍ଟ ୧୭ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ଐତିହାସିକ ମହାସମାବେଶକୁ ସଫଳ କରିବା ପାଇଁ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହା ପୂର୍ବରୁ ଅଗଷ୍ଟ ୯ ତାରିଖରୁ ପୁରୀରୁ ଏକ ବିଶାଳ ପଦଯାତ୍ରା ଭୁବନେଶ୍ୱର ପର୍ଯ୍ୟନ୍ତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ରଘୁନାଥପୁର ବ୍ଲକ ଓଷ୍ଟା ସଂପାଦକ ତଥା ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଂଜନ କୁମାର ମିଶ୍ର। ଆଜିର ବୈଠକରେ ଅବସର ପ୍ରାପ୍ତ ଶିକ୍ଷକ ସଂଘର ଅଭୟ କୁମାର ପ୍ରଧାନ, ପ୍ରତାପ ପରିଜା, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ସାହୁ, ବ୍ଲକ ସଂପାଦକ ନିହାର ରଞ୍ଜନ ନାୟକ, ବିନୋଦ ବିହାରୀ ମୁଦୁଲି, ଅଜିତ କୁମାର ଲେଙ୍କା, ମନ୍ଦରଧର ସ୍ୱାଇଁ, କାମିନୀ ପଟ୍ଟନାୟକ, କନକଲତା ରାଉତ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଧରଣୀଧର ଜେନା, ସୁବାସ ଚନ୍ଦ୍ର ନାୟକ, ସୁଧୀର କୁମାର ନାୟକ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ବିଜୟ ଖଣ୍ଡୁଆଳ, ଦୀପକ ସାମନ୍ତରାୟ, ନୀରୋଦ କୁମାର ଜେନା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନବସତିରେ ନୂଆ ମଦ ଦୋକାନ



ଖଜୁରିଆକଟା,୧୨।୭(ସମିସ): ହିନ୍ଦୋଳ ଉପଖଣ୍ଡ ରସୋଳ ଅଞ୍ଚଳର ଜନବସତିରେ ନୂଆ ମଦ ଦୋକାନ ଖୋଲିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନିୟମ ଅନୁଯାୟୀ ରାସ୍ତା ପାର୍ଶ୍ୱ, ଜନବସତି, ଶିକ୍ଷା ଓ ଧର୍ମାନୁଷ୍ଠାନର ୫୦୦ ମିଟର ଭିତରେ ମଦ ଦୋକାନ ଖୋଲାଯାଇ ପାରିବ ନାହିଁ। ତେବେ ଏଠାରେ ଏହି ନିୟମର ଖୋଲା ଉଲ୍ଲଂଘନ କରାଯାଇଛି। ରାସୋଳ ପଞ୍ଚାୟତ ପୁରୁଣା କଟକ-ସମ୍ବଲପୁର ରାସ୍ତାର ନାଉକିଆରୀ ଓ ତେଲିଭୂଇଁ ମଧ୍ୟସ୍ଥଳ ଜନବସତି ତଥା ସ୍କୁଲ ନିକଟରେ ଖୋଲିଛି ଲାଇସେନ୍ସପ୍ରାପ୍ତ ମଦ ଦୋକାନ। ଫଳରେ ମଦ୍ୟପମାନେ ଏଠାରେ ରାସ୍ତା ଜାମ୍ କରିବା ସହ ଗଣ୍ଡଗୋଳ କରୁଛନ୍ତି। ପଥଚାରୀ, ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର କରୁଛନ୍ତି। ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଦୁର୍ଘଟଣା ଘଟିବା ସହ ଅପ୍ରୀତିକର ପରିସ୍ଥିତି ମଧ ଉପୁଜିବା ଆଶଙ୍କା ରହିଛି। ଏ ସବୁ ସମସ୍ୟାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ସୁରକ୍ଷିତ ସ୍ଥାନକୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଅଞ୍ଚଳରେ ଅସନ୍ତୋଷ**

## ଭୁବନରୁ ପୁରୀକୁ ପଦଯାତ୍ରା



ଭୁବନ,୧୨।୭(ସମିସ): ଭୁବନ ଏନ୍‌ଏସିର ଶତାଧିକ ଭକ୍ତ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରଠାରୁ ପୁରୀକୁ ପଦଯାତ୍ରାରେ ବାହାରିଛନ୍ତି। ଏହି ପରମ୍ପରା ଦୀର୍ଘ ୪୪ବର୍ଷ ଧରି ଚାଲୁ ରହିଛି। ଭୁବନ ୱାର୍ଡ ନମ୍ବର ୧ର ଜଗନ୍ନାଥ ଭକ୍ତ ସ୍ୱର୍ଗତ ଦୁର୍ଯ୍ୟୋଧନ ମହାନ୍ତିଙ୍କ ନେତୃତ୍ୱରେ ପଦଯାତ୍ରା ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରା ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଦୀର୍ଘ ୫ ଦିନ ଚାଲିଚାଲି ଯିବା ପରେ ଶ୍ରଦ୍ଧାଳୁମାନେ ପୁରୀରେ ପହଞ୍ଚି ରଥଯାତ୍ରାରେ ସାମିଲ ହେବେ ବୋଲି ଜଣାଯାଇଛି।

## ଅବସରପ୍ରାପ୍ତ ପୁଲିସ ଅଧିକାରୀ ସଂଘର ବୈଠକ



ଢେଙ୍କାନାଳ,୧୨।୭(ସମିସ): ଅବସରପ୍ରାପ୍ତ ପୁଲିସ ଅଧିକାରୀ କଲ୍ୟାଣ ସଂଘର ବୈଠକ ଶ୍ୟାମାଚରଣପୁର "ଶେୟାର' ଏନଜିଓ ହଲରେ ସଂଘ ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ମିଶ୍ର, ଅବସରପ୍ରାପ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ, ସମ୍ପାଦକ ବ୍ରହ୍ମାନନ୍ଦ ନାୟକ ସମେତ ପ୍ରାୟ ୪୦ ସଭ୍ୟ ଯୋଗଦେଇଥିଲେ। ସଙ୍ଘର ଆମ୍ବୁଜ କୁମାର ବିଶ୍ୱାଳଙ୍କ ଆକସ୍ମିକ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ସଙ୍ଘର ବିଭିନ୍ନ ସମସ୍ୟା ସମ୍ପର୍କରେ ସଦସ୍ୟମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା। ଅନୁପସ୍ଥିତ ଥିବା ସଭ୍ୟମାନେ ଆସନ୍ତା ଅଧିବେଶନରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ସଂଘର ସ୍ଥାୟୀ ଘର ନ ଥିବାରୁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏ ନେଇ ଅନୁରୋଧ କରିବା ନିମନ୍ତେ ସ୍ଥିରୀକୃତ ହୋଇଛି।

## ପରଜଙ୍ଗ କଂଗ୍ରେସର କର୍ମୀ ସମ୍ମିଳନୀ

ପରଜଙ୍ଗ,୧୨।୭(ସମିସ): ପରଜଙ୍ଗ ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ ରବିବାର ସତ୍ୟ ପାଲେସ୍ ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ରଞ୍ଜିତ୍ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିସିସି ରାଜ୍ୟ ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ବିଭୁଦତ୍ତ ଭଞ୍ଜ, ଓବିସି ସେଲ ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଦୟାସାଗର ଦାସ, ପୂର୍ବତନ ବ୍ଲକ ସଭାପତି ବିଜୟ କୁମାର ରାଉତରାୟଙ୍କ ସମେତ ଶତାଧିକ କର୍ମୀ ଏହି ଯୋଗଦେଇଥିଲେ। ଆଗାମୀ ଦିନରେ ଦଳକୁ ବିଜୟୀ କରିବାକୁ ହେଲେ ୱାର୍ଡ ସ୍ତରରୁ ଜିଲ୍ଲା ପରିଷଦ ଜୋନ୍ ପର୍ଯ୍ୟନ୍ତ ସଂଗଠନକୁ ଦୃଢ଼ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତି ବ୍ଲକର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିବା ସହ କର୍ମୀମାନଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ।



### ପିଲାଙ୍କ ଜୀବନ ସହ ଖେଳୁଛନ୍ତି ଅଭିଭାବକ

# ୧୫ବର୍ଷରୁ କମ୍ ଛାତ୍ରଛାତ୍ରୀ ଚଳାଉଛନ୍ତି ଗାଡ଼ି

ଢେଙ୍କାନାଳ,୧୨।୭(ସମିସ):

ଢେଙ୍କାନାଳ ସହରରେ ନିଜ ପିଲାଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଖୋଦ୍ ସେମାନଙ୍କ ଅଭିଭାବକ। ନିଜ ଆଭିଜାତ୍ୟ ଓ ବଡ଼ଲୋକପଣିଆ ପ୍ରଦର୍ଶନ ନାଁମରେ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ବାଇକ୍ ଚାବି ଧରେଇ ଦେଇ ସେମାନଙ୍କ ଜୀବନକୁ ବାଜିରେ ଲଗାଉଛନ୍ତି। ଏ ଦିଗରେ ଅଭିଭାବକମାନେ କେବେ ସଚେତନ ହେବେ ଓ ପ୍ରଶାସନ କେବେ ଚେତିବ ବୋଲି ସାଧାରଣରେ ଆଲୋଚନା ହେଉଛି।

ବନମାଳୀପ୍ରସାଦ ମଙ୍ଗଳପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସାଢ଼େ ଗୋଟାଏ ସମୟରେ ସ୍କୁଲ ଛୁଟି ହେଉଥିବା ବେଳେ ଗେଟ୍ ସାମ୍ନାରେ ଢେଙ୍କାନାଳ-ଭାପୁରକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରବଳ ଭିଡ଼ ରହୁଛି। ସ୍କୁଲ ଛୁଟି ସମୟରେ ପିଲାମାନଙ୍କୁ ଅଭିଭାବକମାନେ ସୁରକ୍ଷିତ ଭାବେ ଘରକୁ ନେବା ପାଇଁ ଅପେକ୍ଷା କରିଥାନ୍ତି। ପିଲାମାନେ ଖୁସିରେ ନିଜ ଅଭିଭାବକଙ୍କ ସହ ଘରକୁ ମଧ ଯାଉଛନ୍ତି। କିନ୍ତୁ ସେହିଠାରେ କିଛି ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ପିଲାମାନଙ୍କୁ ସାମାଜିକ ଦାୟିତ୍ୱ ସମ୍ପନ୍ନ କରିବା, ସରକାରଙ୍କ ନିୟମକୁ ସମ୍ମାନ ଦେବାକୁ ସଚେତନ କରିବା ବଦଳରେ ସେମାନଙ୍କୁ ମରଣ ମୁହଁକୁ ଠେଲି କେତେଜଣ ଅଭିଭାବକ ନିଜ ଆଭିଜାତ୍ୟ ପ୍ରଦର୍ଶନ କରୁଛନ୍ତି। ଆଜି ବିଦ୍ୟାଳୟ ଛୁଟି ପରେ ଦୁଇ ନାବାଳିକା ଛାତ୍ରୀ ଗୋଟିଏ ବ୍ୟାଟେରୀ ଚାଳିତ ସ୍କୁଟି ଆଉ ଗୋଟିଏ ପେଟ୍ରୋଲ ଚାଳିତ ସ୍କୁଟିରେ ବିନା ହେଲମେଟରେ ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା। ସରକାରଙ୍କ ନିୟମ ଅନୁସାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ। ଏପରିକି କୌଣସି ନାବାଳକ ଅବା ନାବାଳିକା ଗାଡ଼ି ଚଲାଉଥିଲେ ଗାଡ଼ିର ମାଲିକଙ୍କୁ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିୟମ ରହିଛି। ତେବେ ସରକାରଙ୍କ ନିୟମକୁ ଭ୍ରୁକ୍ଷେପ ନ କରି କୋମଳମତି ଛାତ୍ରଛାତ୍ରୀଙ୍କୁ ଗାଡ଼ି ଦେଇ ଅଭିଭାବକମାନେ ସେମାନଙ୍କ ଜୀବନ ସହ ଖେଳୁଛନ୍ତି। ଏହି ରାସ୍ତାରେ ବହୁ ଛୋଟ ବଡ଼ ଚାରିଚକିଆ ଯାନ ଚଳାଚଳ କରୁଥିବା ବେଳେ ଯଦି କୌଣସି ଅଘଟଣ ଘଟେ ଅର୍ଥାତ୍ ଚକ ତଳେ କୌଣସି ପିଲାର ଜୀବନ ଚାଲିଯାଏ ତେବେ କିଏ ଦାୟୀ ହେବ ବୋଲି ପ୍ରଶ୍ନ ଉଠିଛି। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଅଭିଭାବକଙ୍କଠାରୁ ଆରମ୍ଭ କରି ସ୍କୁଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ସଚେତନ ତଥା ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। କେବଳ କେନ୍ଦ୍ରୀୟ ବିଦ୍ୟାଳୟ ନୁହଁ, ବହୁ ଘରୋଇ ବିଦ୍ୟାଳୟ ଏବଂ ସହରରେ ଗଢ଼ି ଉଠିଥିବା କୋଚିଂ ସେଣ୍ଟରଗୁଡ଼ିକୁ ମଧ ଶହ ଶହ ଛାତ୍ରଛାତ୍ରୀ ଗାଡ଼ି ଧରି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ପୁଲିସ, ପରିବହନ ଓ ଟ୍ରାଫିକ ବିଭାଗ ନିଦାବିଷ୍ଟୁ ସାଜିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

ଢେଙ୍କାନାଳ,୧୨।୭(ସମିସ): ସାମାଜିକ ସେବା ଦିବସ ଉପଲକ୍ଷେ ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ୱଚ୍ଛ ଭାରତ, ଚାରାରୋପଣ, ସଚେତନତା ଶିବିର, ଆତ୍ମରକ୍ଷା କୌଶଳ, ପାଠ୍ୟ ଉପକରଣ ବଣ୍ଟନ ଇତ୍ୟାଦି ସହ ଶନିବାର ଢେଙ୍କାନାଳ ରକ୍ତକେନ୍ଦ୍ର ପରିସରରେ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମହାଦେବ ବାହିନୀର ମିଳିତ ସହଯୋଗରେ ଫାଉଣ୍ଡେସନର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ଜନ୍ମଦିନ ତଥା ସେବା ଦିବସ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସାହୁ ତାଙ୍କ ଜୀବନର ୪୭ତମ ରକ୍ତଦାନ କରିଥିବା ବେଳେ ମୋଟ ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଅନୁଷ୍ଠାନର ଶୁଭେଚ୍ଛୁ ବିରଞ୍ଚି ନାରାୟଣ ପାଣି, ରୋଟାରିଆନ ରାଜକିଶୋର ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭାରାଣୀ ପାତ୍ର, ମନୋରଞ୍ଜନ ଜେନା, ରଞ୍ଜନ କୁମାର ନାୟକ, ବଦ୍ରିନାରାୟଣ ବେହେରା, ବଳରାମ ବେହେରା, ଶକ୍ତି ବାହିନୀ ସଦସ୍ୟା ମୋନାଲିସା ସାହୁ, ମୋହିନୀ ମୋନାଲିସା, ମହାଦେବ ବାହିନୀର ସତ୍ୟଜିତ ଦଳେଇ, ଶକ୍ତି ସୌରଭ ବେହେରା ପ୍ରମୁଖ ସାମିଲ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାତାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଚାରା ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତ କେନ୍ଦ୍ର କର୍ମଚାରୀଙ୍କ ସମେତ, ଗୁରୁଦେବଜୀ ଫାଉଣ୍ଡେସନର, ରେଡ୍ ଡୋନର କ୍ଲବ ସଂଯୋଜକ ଲିଟୁ ଦେହୁରୀ, ଶକ୍ତି ବାହିନୀର ଆରାଧନା ଦାଶ, ଫାଉଣ୍ଡେସନର ରବୀନ୍ଦ୍ର ପରିଡ଼ା, ସୁଜିତ ଦେବତା, ପ୍ରତାପ ନାଏକ, ନାରାୟଣ ନାୟକ, ସନ୍ଦିପ କର, ଜୀବନଜ୍ୟୋତି ନାୟକ ପ୍ରମୁଖ ସହଯୋଗ କରିଥିଲେ।



## ଗଁଦିଆ ବ୍ଲକରେ ଏକାଧିକ ପ୍ରକଳ୍ପ ଲୋକାର୍ପିତ





ଗଁଦିଆ,୧୨।୭(ସମିସ): ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଅଧୀନରେ ଗଁଦିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ସମ୍ପୂର୍ଣ୍ଣ ହୋଇଥିବା ଏକାଧିକ ବିକାଶମୂଳକ ପ୍ରକଳ୍ପର ରବିବାର ଶୁଭ ଲୋକାର୍ପଣ ଅନୁଷ୍ଠିତ ହୋଇଛି। ମାନ୍ୟବର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଭିନ୍ନ ସ୍ଥାନ ପରିଦର୍ଶନ କରି ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ କରିଥିଲେ। ଯୋରନ୍ଦା ପଞ୍ଚାୟତର କାଙ୍କଲୁଣ୍ଡା ଗାନ୍ଧୀ ଛକଠାରେ ୫.୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ କେନ୍ଦ୍ର, ସନ୍ଧପୁର ପଞ୍ଚାୟତରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପଞ୍ଚାୟତ ସୁବିଧା କେନ୍ଦ୍ର, ପୋରୁହଖୋଜର ଅଷ୍ଟପ୍ରହରୀ ମଣ୍ଡପ, ସହଦେବ ବିଦ୍ୟାପୀଠର ଅତିରିକ୍ତ ଶ୍ରେଣୀଗୃହ ଏବଂ ସନ୍ଧପୁରର ସୁଭଦ୍ରା ଶକ୍ତି ଭବନର ଶୁଭ ଲୋକାର୍ପଣ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ସ୍ଥାନୀୟ ମଣ୍ଡଳ ସଭାପତି, ପୂର୍ବତନ ବ୍ଲକ ସଭାପତି ପ୍ରଦୀପ କୁମାର ଦାସ, ବରିଷ୍ଠ ନେତା ଲଳିତ କୁମାର ଦାସଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ, କର୍ମୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ। ଉପସ୍ଥିତ ବକ୍ତାମାନେ ଗ୍ରାମାଞ୍ଚଳରେ ଭିତିଭୂମି ବିକାଶ ଓ ଜନସୁବିଧା ବୃଦ୍ଧି ଦିଗରେ ଏହି ପ୍ରକଳ୍ପଗୁଡ଼ିକ ମାଇଲଖୁଣ୍ଟ ହେବ ବୋଲି ମତ ପ୍ରକାଶ କରିଥିଲେ।

## ହାତୀ ଆକ୍ରମଣରେ ମାଛ ବ୍ୟବସାୟୀ ଗୁରୁତର



ହିନ୍ଦୋଳ,୧୨।୭(ସମିସ): ଢେଙ୍କାନାଳ ବନଖଣ୍ଡ ସାତମାଇଲ ନିକଟରେ ରବିବାର ପୂର୍ବାହ୍ନରେ ହାତୀ ଆକ୍ରମଣରେ ଜଣେ ମାଛ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ହାତୀ ତାଙ୍କୁ ଗୋଡ଼େଇ ଗୋଡ଼େଇ ଅକ୍ରମଣ କରିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତି ଜଣକ ହେଲେ ନିକଟସ୍ଥ ମାଧପୁର ଅଞ୍ଚଳର ରାମଚନ୍ଦ୍ର ଖଟୁଆ।

ସାତମାଇଲ ନିକଟରେ ରବିବାର ହାଟ ଥିବାରୁ ରାମଚନ୍ଦ୍ର ସକାଳେ ମାଛ ବ୍ୟବସାୟ କରିବା ସେଠାକୁ ଆସୁଥିଲେ। ସାତମାଇଲ ଛକ ନିକଟରେ ହଠାତ ଏକ ବଡ଼ ହାତୀ ଓ ତା'ର ଛୁଆ ରାସ୍ତା ଉପରକୁ ଆସିଯାଇଥିଲେ। ମାଆ ହାତୀ ରାମଚନ୍ଦ୍ରଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏହି ସମୟରେ ଏକ ଗାଡ଼ି ଆସିଯିବାରୁ ଗାଡ଼ିର ଶବ୍ଦ ଶୁଣି ହାତୀ ଦୁଇଟି ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲେ। ହାଟକୁ ଆସୁଥିବା କିଛି ବ୍ୟବସାୟୀ ଆମ୍ବୁଲାନ୍ସକୁ ଫୋନ କରି ରାମଚନ୍ଦ୍ରଙ୍କୁ ନିକଟସ୍ଥ ଖଜୁରିଆକଟା ଡାକ୍ତରଖାନା ନେଇଥିଲେ। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନୁଗୋଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ହାତୀ ଯୋଗୁଁ ଏବେ ସାତମାଇଲ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲୋକଙ୍କ ସୁରକ୍ଷା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଶ୍ୱ ଜନସଂଖ୍ୟା ଦିବସରେ ସଚେତନତା



ଢେଙ୍କାନାଳ,୧୨।୭(ସମିସ): ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଛି। ଚଳିତ ବର୍ଷର ବିଷୟବସ୍ତୁ "ଆଜି ଏବଂ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷାର ସାକାର ରୂପାୟନ' ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ କେନ୍ଦ୍ରର ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍‌ଏମ୍ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜନସଂଖ୍ୟା ବୃଦ୍ଧି, ସମ୍ବଳର ସୁଚିନ୍ତିତ ବ୍ୟବହାର ଏବଂ ସଚେତନ ନାଗରିକ ଭାବେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସହକାରୀ ଲିଗାଲଏଡ୍ ଡିଫେନ୍ସ କାଉନସେଲର ବିଭୁପ୍ରସାଦ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନସଂଖ୍ୟା ବୃଦ୍ଧିର ସାମାଜିକ, ଆର୍ଥିକ ଓ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ପରେ ଆୟୋଜିତ ଓପନ୍ ହାଉସ୍ କୁଇଜ୍ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଭାଗନେଇ ଜନସଂଖ୍ୟା, ସ୍ୱାସ୍ଥ୍ୟ, ପରିବେଶ ଓ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଜ୍ଞାନ କେନ୍ଦ୍ରର ଶିକ୍ଷା ସହାୟକ ଶଙ୍କର ଗୁରୁଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନୁଗୋଳ-ସୁକିନ୍ଦା ରେଳପଥରେ ଯାତ୍ରୀ ଟ୍ରେନ୍ ଚଳାଚଳ ପ୍ରକ୍ରିୟା ଜାରି

ଭୁବନ,୧୨।୭(ସମିସ): ଅନୁଗୋଳ-ସୁକିନ୍ଦା ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ପ୍ରସଙ୍ଗରେ ରେଳ ରାଜ୍ୟମନ୍ତ୍ରୀ ରବନୀତ ସିଂହ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ପତ୍ରଲେଖି ସୂଚନା ଦେଇଛନ୍ତି। ପତ୍ରରେ ଉଲ୍ଲେଖ ରହିଛି ଯେ ସାଂସଦ ପାଣି ୨୦୨୫ ଡିସେମ୍ବର ୧୦ରେ ଲୋକସଭାର ନିୟମ ୩୭୭ ଅଧୀନରେ ଅନୁଗୋଳରୁ ସୁକିନ୍ଦା ରେଳପଥ ମାଧ୍ୟମରେ ହାୱଡ଼ା-ସମ୍ବଲପୁର ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ କରିବା ଦାବି ଉଠାଇଥିଲେ। ଏହି ପ୍ରସଙ୍ଗରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଯାଞ୍ଚ କରାଯାଇଛି। ବର୍ତ୍ତମାନ ଅନୁଗୋଳ-ସୁକିନ୍ଦା ରେଳପଥରେ ମାଲବାହୀ ଟ୍ରେନ୍ ଚଳାଚଳ କରୁଛି। ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ କରିବା ସମ୍ପର୍କରେ ଯାତାୟାତର ଚାହିଦା, ରେଳ ରେକ୍‌ର ଉପଲବ୍ଧତା, ରେଳ ସୁରକ୍ଷା ଆୟୁକ୍ତଙ୍କ ଅନୁମୋଦନ ସହ ସମସ୍ତ ଆବଶ୍ୟକ ସୁରକ୍ଷା ଓ ବୈଧାନିକ ପ୍ରକ୍ରିୟା ପୂରଣ ହେବା ପରେ ନିଷ୍ପତ୍ତି ନିଆଯିବ। ଏହି ପତ୍ର ଆସିବା ପରେ ଅନୁଗୋଳ-ସୁକିନ୍ଦା ରେଳପଥରେ ଭବିଷ୍ୟତରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହେବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ସହିଦ ବାଜି ରାଉତଙ୍କ ଜନ୍ମ ଶତବର୍ଷିକୀ ଅବଧି ମଧ୍ୟରେ ଏହି ରେଳ ଚଳାଚଳର ବ୍ୟବସ୍ଥା କରାଯାଉଥିବା ସାଂସଦ ପାଣି କହିଛନ୍ତି।

## ବିପୁଳ ଶାଗୁଆନ କାଠ ଜବତ

ହିନ୍ଦୋଳ/ଖଜୁରିଆକଟା,୧୨।୭(ସମିସ): ହିନ୍ଦୋଳ ବନବିଭାଗ ଚଢ଼ଉ କରି ବିପୁଳ ପରିମାଣର ଶାଗୁଆନ କାଠ ଜବତ କରିଛି। ହିନ୍ଦୋଳ ବନାଞ୍ଚଳ ବିମ୍ବୋରୀ ସେକ୍ସନର ଏକ ସ୍ଥାନରେ ଶାଗୁଆନ କାଠ ଚୋରାଚାଲାଣ ପାଇଁ ମାଫିଆମାନେ ଯୋଜନା କରୁଥିବା ସୂଚନା ପାଇ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ସଦଳେବଳ ଅତର୍କିତ ଚଢ଼ଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ସେଠାରୁ ଏକ ପିକଅପ ଭ୍ୟାନ ସହ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ବନ ବିଭାଗ ତଦନ୍ତ ଜାରି ରଖିଛି। ଖୁବଶୀଘ୍ର ଏଥିରେ ସମ୍ପୃକ୍ତ ମାଫିଆମାନଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।



### ଘୋର ଅବ୍ୟବସ୍ଥାରେ ରାଶିପାଳ ଉଚ୍ଚ ବିଦ୍ୟାଳୟ

# ମାତ୍ର ୨ ଶିକ୍ଷକଙ୍କ ଦ୍ୱାରା ଚାଲିଛି ଶିକ୍ଷାଦାନ

ହିନ୍ଦୋଳ,୧୨।୭(ସମିସ):

ଶିକ୍ଷାର ବିକାଶ ପାଇଁ ସରକାର ଯୋଜନା ପରେ ପ୍ରଣୟନ କରୁଛନ୍ତି। ଏ ନେଇ ବାର୍ଷିକ କୋଟିକୋଟି ଟଙ୍କା ବ୍ୟୟ ମଧ କରୁଛନ୍ତି। ହେଲେ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକ ଅବହେଳାର ଶିକାର ହେଉଛନ୍ତି। କେଉଁଠି ଶିକ୍ଷକ ନାହାନ୍ତି ତ କେଉଁଠି ବିଦ୍ୟାଳୟ ଗୃହ ନାହିଁ। ଆଉ କେଉଁଠି ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ ମଧ ଠିକ ଭାବେ ଶିକ୍ଷାଦାନ ହେଉନାହିଁ। ଏହାର ଯାଞ୍ଚ କରିବା ପାଇଁ ମଧ ବିଭାଗରେ ଅଧିକାରୀ ନାହାନ୍ତି। ଫଳରେ ଛାତ୍ରଛାତ୍ରୀମାନେ ସରକାରୀ ବିଦ୍ୟାଳୟରୁ ମୁହଁ ମୋଡୁଥିବା ଦେଖିବାକୁ ମିଳୁଛି। ଉପଖଣ୍ଡର ବିଦ୍ୟାଳୟଗୁଡ଼ିକରେ ଏବେ ଠିକାଦାର ପୋଷଣ ପାଇଁ କେବଳ ରଙ୍ଗ ମରାଯାଇ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କରାଯାଉଛି। ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳୁଛି।

ଉପଖଣ୍ଡରେ ୧୧ଟି ନୋଡାଲ ଉଚ୍ଚ ବିଦ୍ୟାଳୟ, ୪୧ଟି ଉଚ୍ଚ ବିଦ୍ୟାଳୟ ରହିଛି। ହେଲେ ୬୦ ପ୍ରତିଶତ ବିଦ୍ୟାଳୟ କେବଳ ଜଣେ କିମ୍ବା ୨ ଜଣ ଶିକ୍ଷକରେ ଚାଲିଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କୁ ସଚେତନ କରିବା ପାଇଁ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ହେଲେ ଶିକ୍ଷା ବିଭାଗ ସତେଯେମିତ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଯାଇଛି। ଏଭଳି ଏକ ସମ୍ବେଦନଶୀଳ ସାମ୍ନାକୁ ଆସିଛି ହିନ୍ଦୋଳ ଏନଏସି ଅନ୍ତର୍ଗତ ରାଜମୋହନପୁରସ୍ଥିତ ରାଶିପାଳ ଉଚ୍ଚ ବିଦ୍ୟାଳୟରୁ। ଏହି ବିଦ୍ୟାଳୟ ୨୦ ବର୍ଷ ପୁରୁଣା ହୋଇଥିବା ବେଳେ ବର୍ଷେ ହେଲା ବିଦ୍ୟାଳୟରେ ମାତ୍ର ୨ ଶିକ୍ଷକ ଅଛନ୍ତି। ପୂର୍ବରୁ ବିଦ୍ୟାଳୟରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିଲେ। ଶିକ୍ଷକ ଅଭାବ ହେତୁ ଏବେ ମାତ୍ର ୧୦୦ ପିଲା ପାଠପଢୁଛନ୍ତି। ବିଦ୍ୟାଳୟ ଘୋର ଅବବ୍ୟସ୍ଥାରେ ଚାଲୁଥିବାରୁ ଚଳିତବର୍ଷ ଅଭିବାବକମାନେ ନବମ ଶ୍ରେଣୀରେ ନିଜ ପିଲାଙ୍କ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କଲେନାହିଁ।



**● ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନାହାନ୍ତି ଅଧିକାରୀ**
**● ଭୁଶୁଡ଼ିବାକୁ ବସିଲାଣି ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା**

ବିଦ୍ୟାଳୟରେ ରାଜମୋହନପୁର, କଣ୍ଟାପାଳ, ସାରସିଙ୍ଗ, ତଣ୍ଡିଚିରା ଅଞ୍ଚଳର ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ତେବେ ଆଜକୁ ୪ ବର୍ଷ ହେବ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି। ବିଦ୍ୟାଳୟରୁ ବିଜ୍ଞାନ ଶିକ୍ଷକଙ୍କୁ ୨ ବର୍ଷ ହେଲା ଶିକ୍ଷା ବିଭାଗ ଅନ୍ୟତ୍ର ଡେପୁଟେସନରେ ପଠାଇ ଦେଇଛି। ଶିକ୍ଷକ ଜଣକ ରାଶିପାଳ ବିଦ୍ୟାଳୟ ନାମରେ ଦରମା ପାଉଛନ୍ତି ହେଲେ କାର୍ଯ୍ୟ କରୁଛନ୍ତି ଅନ୍ୟ ବିଦ୍ୟାଳୟରେ।

କେବଳ ଶିକ୍ଷକ ଅଭାବ ସମସ୍ୟା ନୁହେଁ, ଏବେ ବିଦ୍ୟାଳୟରେ କିରାଣି, ଖେଳ ଶିକ୍ଷକ, ହିନ୍ଦୀ ଶିକ୍ଷକ, ସଂସ୍କୃତ ଶିକ୍ଷକ, ବିଜ୍ଞାନ ଶିକ୍ଷକ ପଦ ଖାଲି ପଡ଼ିଛି। କେବଳ ୨ ଜଣ ଆର୍ଟ୍ସ ଶିକ୍ଷକରେ ବିଦ୍ୟାଳୟରେ ଶିକ୍ଷାଦାନ ଚାଲିଛି। ୨ ଶିକ୍ଷକରେ ଶିକ୍ଷାଦାନ କିପରି ହେବ ସେ ନେଇ ଅଭିବାବକମାନେ ଚିନ୍ତାରେ ପଡ଼ିଥିବା ବେଳେ କିଛିଦିନ ପୂର୍ବରୁ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ନାଁରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ କାର୍ଯ୍ୟ କରାଯାଇଛି। ବିଦ୍ୟାଳୟଟି ନାନା ଅସୁବିଧାରେ ଚାଲିଥିବା ବେଳେ ଶିକ୍ଷକ ନିଯୁକ୍ତି ପରିବର୍ତ୍ତେ ସୌନ୍ଦର୍ଯ୍ୟକରଣ ନାଁରେ କେବଳ ରଙ୍ଗମାରି ସରକାରୀ ଟଙ୍କା ତୋଷରପାତ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଅଞ୍ଚଳବାସୀ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାପାଳ, ଗଣଶିକ୍ଷା ମନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ମଧ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମି ସଜାଡ଼ିବା ସହ ଆବଶ୍ୟକ ମୁତାବକ ଶିକ୍ଷକ ଯୋଗାଇ ଦେବାକୁ ଦୃଢ଼ ଦାବି ହେଉଛି।

### ପୁଣି ଶିକ୍ଷା ବିଭାଗରୁ ଆସିଲା ଦୟନୀୟ ଦୃଶ୍ୟ

# ବିଦ୍ୟାଳୟରେ ଶିକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳି କଲେ ଅଭିଭାବକ

ପୁରୀ/ସାକ୍ଷୀଗୋପାଳ,୧୨।୭ (ସମିସ): ପିଲାଙ୍କ ପାଠ୍ୟପୁସ୍ତକରେ ମାଳମାଳ ଭୁଲ୍‌କୁ ନେଇ ଜାତୀୟସ୍ତରରେ ବଦନାମ୍ ମୁଣ୍ଡାଇଛି ଓଡ଼ିଶା। ଏଭଳି ଅକ୍ଷମଣୀୟ ତ୍ରୁଟିରୁ ମୁକୁଳିବା ପାଇଁ ସରକାର ନାନା ଫନ୍ଦି ଫିକର କାଢୁଥିଲେ ବି ସଫଳ ହେଉନାହାନ୍ତି। ଏପରିକି, ଏହି ଭୁଲ୍ ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରି ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚକୁ ଦେଇଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରୁଥିବାବେଳେ ଶିକ୍ଷା ବିଭାଗରୁ ପୁଣି ଆସିଛି ଏକ ବିକଳ ଚିତ୍ର। ବିଦ୍ୟାଳୟ ଭିତରେ ପୁଣି ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠ ଭିତରେ ପଶି ଜଣେ ଅଭିଭାବକ କ୍ରୀଡ଼ା ଶିକ୍ଷକଙ୍କୁ ଯେଉଁଭଳି ଭାଷାରେ ଗାଳିଗୁଲଜ କରୁଛନ୍ତି ତାହା ଗଣଶିକ୍ଷା ବିଭାଗର ଅସହାୟତାକୁ ପଦାରେ ପକାଇ ଦେଇଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ସେହି ପ୍ରକୋଷ୍ଠରେ ଏକାଧିକ ଶିକ୍ଷୟିତ୍ରୀ ଥିବାବେଳେ ସମ୍ପୃକ୍ତ ଅଭିଭାବକ କେବଳ ଗାମୁଛା ପିନ୍ଧି ଖୋଲା ଦେହରେ ଯେଉଁଭଳି ଭାଷା ପ୍ରୟୋଗ କରୁଛନ୍ତି ତାହା ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଏମିତି ଲଜ୍ଜାଜନକ ଘଟଣା ଘଟିଛି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପୁଣ୍ୟଭୂମି ସତ୍ୟବାଦୀ ମାଟିରେ। ସତ୍ୟବାଦୀ ବ୍ଲକ୍ ଶୁକଳସ୍ଥିତ ତୃତୀୟାଦେବ ବିଦ୍ୟାନିକେତନର ଏହି ଅଭାବନୀୟ ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି।

ସୂଚନା ମୁତାବକ, ଶନିବାର ତୃତୀୟା ଦେବ ବିଦ୍ୟାନିକେତନକୁ ସମ୍ପୃକ୍ତ ଅଭିଭାବକ ତାଙ୍କ ପୁଅକୁ ମାଡ଼ ମରାଯାଇଥିବା ଅଭିଯୋଗ ନେଇ ଆସିଥିଲେ। ସେ କେବଳ ଏକ ଗାମୁଛା ପିନ୍ଧି ସ୍କୁଲ ଭିତରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେହି ବିଦ୍ୟାଳୟର ପ୍ରଧାନଶିକ୍ଷକ ନାହାନ୍ତି। ଅନ୍ୟ ଜଣେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଭିଡିଓରୁ ଯାହା ଜଣାପଡୁଛି, ସମ୍ପୃକ୍ତ ଅଭିଭାବକ ଜଣକ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠକୁ ଯାଇ ଜଣେ ଶିକ୍ଷକଙ୍କୁ ତାଗିଦ୍ କରୁଛନ୍ତି। ତୁ ତା' ରେ ରା କରି 'ମୋ ପୁଅ ଦେହରେ କାହିଁକି ହାତ ଦେଲୁ, ତୋ ନାଁ କ'ଣ କହ, ମୋବାଇଲ୍ ନମ୍ବର ଦେ' ବୋଲି ଜୋର୍ ଜବରଦସ୍ତ କରୁଛନ୍ତି। ଶିକ୍ଷକ ଜଣକ କିଛି କହୁ ନ ଥିବାବେଳେ ଅଭିଭାବକ ଜଣକ ଆରମ୍ଭ କରିଦେଉଛନ୍ତି ଅଶ୍ଳୀଳ ଭାଷା। ଏପରିକି ନାଁ ନ କହିଲେ ମାଡ଼ ମାରିବାକୁ ଧମକ ଦେଉଛନ୍ତି। ସଭ୍ୟ ସମାଜ ଶୁଣି ନ ପାରିବା ଭଳି ଭାଷାରେ ଗାଳିଗୁଲଜ କରୁଛନ୍ତି। ସେଠାରେ ଉପସ୍ଥିତ ଶିକ୍ଷୟିତ୍ରୀ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିବାବେଳେ ସେ କିନ୍ତୁ ଶୁଣିବାକୁ ନାରାଜ। ସେମିତି ଅତ୍ୟନ୍ତ କଦର୍ଯ୍ୟ ଭାଷାରେ ଗାଳିମନ୍ଦ କରିଥିଲେ। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଦୀପକ କୁମାର ପାଢ଼ୀଙ୍କୁ ପଚାରିବାରୁ, ସତ୍ୟବାଦୀ ବ୍ଲକ୍ ଶୁକଳସ୍ଥିତ ତୃତୀୟାଦେବ ବିଦ୍ୟାନିକେତନର ପ୍ରଧାନଶିକ୍ଷକ ଏବେ କେହି ନାହାନ୍ତି। ବୀରହରେକୃଷ୍ଣପୁରର ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଛନ୍ତି। ରବିବାର ଚାର୍ଜରେ ଥିବା ପ୍ରଧାନଶିକ୍ଷକ ତାଙ୍କୁ ଫୋନ୍ ଯୋଗେ ଘଟଣା ବିଷୟରେ ଅବଗତ କରାଇଥିଲେ। ଯେହେତୁ ଜଣେ ବାହାର ଲୋକ ସ୍କୁଲ ଭିତରେ ପଶି ଶିକ୍ଷକଙ୍କୁ ଏଭଳି ଗାଳିମନ୍ଦ କରିଛନ୍ତି ଏଥିପାଇଁ ପ୍ରଥମେ ଥାନାରେ ଅଭିଯୋଗ କରିବାକୁ ତାଙ୍କୁ କହିଛି। ପୁଲିସ ତଦନ୍ତ କରିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅଭିଭାବକ ଜଣକ ତାଙ୍କ ପିଲାଙ୍କୁ ମାଡ଼ ମରାଯାଇଥିବା ନେଇ ଯେଉଁ ଅଭିଯୋଗ କରିଛନ୍ତି ସେମିତି କିଛି ନୁହେଁ। ପିଲା ରେଗୁଲାର ପ୍ରାର୍ଥନା କ୍ଲାସ୍‌ରେ ରହୁ ନ ଥିବାରୁ ତାକୁ ଛିଡ଼ା ହେବା ପାଇଁ କୁହାଯାଇଥିଲା ବୋଲି ମୋ ପାଖରେ ଯାହା ଖବର ଅଛି। ତଥାପି ପୁଲିସ ତଦନ୍ତ କଲେ ସତ୍ୟାସତ୍ୟ କ'ଣ ଜଣାପଡ଼ିବ ବୋଲି କହିଛନ୍ତି ଡିଇଓ ଶ୍ରୀ ପାଢ଼ୀ।

### ରାମମନ୍ଦିର ଚାନ୍ଦା ଚୋରି ଘଟଣାରେ ବର୍ଷିଲା କଂଗ୍ରେସ

# ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି

ଭୁବନେଶ୍ୱର,୧୨।୭ (ସମିସ): ନିକଟରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟା ଗସ୍ତ କରିଥିଲେ। ହେଲେ ସେ ରାମମନ୍ଦିର ଚାନ୍ଦା ଚୋରି ବାବଦରେ କିଛି କହିନାହାନ୍ତି। ରାଜ୍ୟ ଦ୍ୱାରା ଗଠିତ ଏସଆଇଟି ରିପୋର୍ଟରେ ଅନେକ ତ୍ରୁଟି ରହିଛି, ତଥାପି ସେହି ସବୁ ତଥ୍ୟ ବାବଦରେ କୌଣସି ସ୍ପଷ୍ଟୀକରଣ କିମ୍ବା କୈଫିୟତ ଦିଆଯାଇ ନାହିଁ ବୋଲି ଉଲ୍ଲେଖ କରି ବିଜେପି ସରକାର ଉପରେ ବର୍ଷିଛି କଂଗ୍ରେସ। ରବିବାର ରାମମନ୍ଦିର ପାଣ୍ଠି ହେରଫେର ପ୍ରସଙ୍ଗକୁ ନେଇ କଂଗ୍ରେସ ଭାବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପଶ୍ଚିମବଙ୍ଗ କଂଗ୍ରେସ ମିଡ଼ିଆ ବିଭାଗ ଅଧ୍ୟକ୍ଷା ମିତା ଚକ୍ରବର୍ତ୍ତୀ, ପିସିସି ମିଡିଆ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ବିଜେପି ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି।

ସୁଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ଟ୍ରଷ୍ଟ ଗଠନ କରାଯାଇଥିଲା, ତେବେ ଏହି ଦୁର୍ନୀତି ପାଇଁ କିଏ ଦାୟିତ୍ୱ ନେବ? ଯଦି ସବୁକିଛି ନିୟମାନୁସାରେ ଠିକ୍ ଥିଲା, ତେବେ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ଇସ୍ତଫାପତ୍ର




କାହିଁକି ଗ୍ରହଣ କରାଗଲା? ଯଦି କୌଣସି ଅନିୟମିତତା ହୋଇନାହିଁ, ତେବେ ସରକାର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ତଦନ୍ତ ପାଇଁ କାହିଁକି ଭୟ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମଙ୍କ ନାମରେ କୋଟି କୋଟି ଲୋକଙ୍କ ବିଶ୍ୱାସକୁ ଲୁଟ୍ କରିଥିବା ବ୍ୟକ୍ତିମାନଙ୍କୁ ସୁରକ୍ଷା ଦିଆଯିବା ଉଚିତ ନୁହେଁ। ରାମ ମନ୍ଦିର ଏସଆଇଟି ରିପୋର୍ଟରେ ମନ୍ଦିର ପରିଚାଳନା କରୁଥିବା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଓ ଟ୍ରଷ୍ଟର ବ୍ୟାଙ୍କର ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ହୋଇଥିବା ଗୁରୁତର ତ୍ରୁଟିକୁ ଦର୍ଶାଇଛି। ଏସଆଇଟି ଏଭଳି ୭୦ଟି ଘଟଣା ଠାବ କରିଛି, ଯେଉଁଠାରେ ଟଙ୍କା ଗଣତି କରୁଥିବା କର୍ମଚାରୀମାନେ ନିଜ ପୋଷାକ, ପକେଟ୍ ଏବଂ ଜୋତା ଭିତରେ ନୋଟ୍ ବିଡ଼ା ଏବଂ ଖୁଚୁରା ଟଙ୍କା ଲୁଚାଉଥିଲେ, କାରଣ ଏହାକୁ ରୋକିବା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇନଥିଲା। ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କ ଗିରଫଦାରୀ କରାଯାଉ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

# କାଠଫାଳିଆରେ ପିଟି ସ୍ତ୍ରୀର ଜୀବନ ନେଲା ସ୍ୱାମୀ

ନୀଳଗିରି,୧୨।୭,(ସମିସ): ନୀଳଗିରି ଅଞ୍ଚଳରେ ଗୋଟିଏ ପାରିବାରିକ କଳହରୁ ଜଣେ ମହିଳାଙ୍କୁ ପିଟି ପିଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ପ୍ରତାପପୁର ଗ୍ରାମର ରବି ସିଂ (୪୨) ଓ ତାଙ୍କ ସ୍ତ୍ରୀ ସୁମତୀ ସିଂ (୩୮) ମଧ୍ୟରେ କୌଣସି ବିଷୟକୁ ନେଇ ଶନିବାର ସନ୍ଧ୍ୟା ସମୟରେ ପାରିବାରିକ କଳହ ହେବା ସହ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ହେବା



ହୋଇଥିଲା ବେଳେ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ରେମୁଣା ମେଡିକାଲ ସ୍ଥାନାନ୍ତର କରିଥିଲେ। ତେବେ ରାତିରେ ରେମୁଣା ମେଡିକାଲ ଯାଉଥିବା ରାସ୍ତାରେ ସୁମତୀଙ୍କ ମୃତ୍ୟୁ ହେବାରୁ ପରିବାର ଲୋକେ ଘରକୁ ନେଇଆସିଥିଲେ। ରବିବାର ସକାଳେ ନୀଳଗିରି ଥାନାରେ ମୃତକଙ୍କ ଭାଇ ରାଉଳ ଗୋଚ୍ଛାୟତ

ସହ ରବି ସିଂ ତଙ୍କର ସ୍ତ୍ରୀ ସୁମତୀ ସିଂଙ୍କ ମୁଣ୍ଡକୁ କାଠଫାଳିଆରେ ପିଟି ଦେଇଥିଲା। ସୁମତୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏଥିରେ ପ୍ରବଳ ରକ୍ତସ୍ରାବ ହେବାରୁ ଗୁରୁତର ଭିଣୋଇ ରବି ସିଂ ଙ୍କ ନାମରେ ହତ୍ୟା ଅଭିଯୋଗ କରିଥିଲେ। ଏ ନେଇ ନୀଳଗିରି ପୁଲିସ ପକ୍ଷରୁ ୩୦୬/୨୬ ନଂ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।

# ବଦଳି ପରେ ଗାଦି ଛାଡୁନାହାନ୍ତି ଜଙ୍ଗଲ ବାବୁ

ଭୁବନେଶ୍ୱର,୧୨।୭ (ସମିସ): ବନ ବିଭାଗର ବଦଳି ଆଦେଶ କାର୍ଯ୍ୟକାରୀ କରିବାରେ କୌଣସି ପ୍ରକାରର ହସ୍ତକ୍ଷେପ କିମ୍ବା ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ଏନେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ (ହଓଏଫ୍‌ଏଫ୍)ଙ୍କ ପକ୍ଷରୁ ସମସ୍ତ ଆର୍‌ସିସିଏଫ୍ ଓ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଗତ ୩ ଜୁଲାଇରେ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସମ୍ପ୍ରତି ବଦଳି ଆଦେଶ ପରେ କେତେକ କର୍ମଚାରୀ ବାହ୍ୟ ମାଧ୍ୟମ ଓ ଅନଧିକୃତ ଉପାୟରେ ବଦଳି ପ୍ରକ୍ରିୟାକୁ ପ୍ରଭାବିତ, ପରିବର୍ତ୍ତନ କିମ୍ବା ବିଳମ୍ବ କରିବାକୁ ଉଦ୍ୟମ କରୁଥିବା ନଜରକୁ ଆସିଛି। ବିଭାଗ ସ୍ପଷ୍ଟ କରିଛି ଯେ, ବଦଳି ପ୍ରଶାସନିକ ଆବଶ୍ୟକତା, ସଂଗଠନର ଦକ୍ଷତା ଓ ଜନସେବାର ସ୍ୱାର୍ଥରେ କରାଯାଏ। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଦେଶ ଜାରି ହେବା ପରେ ତାହାକୁ ତୁରନ୍ତ ଏବଂ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବାକୁ ପଡ଼ିବ।

ନିର୍ଦ୍ଦେଶ ଅନୁଯାୟୀ, କୌଣସି କର୍ମଚାରୀ ଯଦି ରାଜନେତା, ଜନପ୍ରତିନିଧି, ବାହ୍ୟ ସଂଗଠନ କିମ୍ବା ଅନ୍ୟ କୌଣସି ଅନଧିକୃତ ବ୍ୟକ୍ତିଙ୍କ ସହଯୋଗରେ ବଦଳି ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି, ତାହାକୁ ଗୁରୁତର ବେନିୟମ କାର୍ଯ୍ୟ ଭାବେ


**ପ୍ରଭାବିତ କରିବାକୁ ଉଦ୍ୟମ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଚେତାବନୀ**

ବିବେଚନା କରାଯିବ। ଏପରି ଘଟଣାରେ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି ଓ ପ୍ରଚଳିତ ସେବା ନିୟମ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚିଠିରେ ଚେତାବନୀ ଦିଆଯାଇଛି। ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ଏପରି ଘଟଣା ଘଟିଲେ ତୁରନ୍ତ ପିସିସିଏଫ୍ କାର୍ଯ୍ୟାଳୟକୁ ଅବଗତ କରିବାକୁ କୁହାଯାଇଛି। ସେହିପରି ବଦଳି ଆଦେଶ କାର୍ଯ୍ୟକାରୀ କରିବାରେ ଅଯଥା ବିଳମ୍ବ ହେଲେ ସମ୍ପୃକ୍ତ ନିୟନ୍ତ୍ରଣକାରୀ ଅଧିକାରୀଙ୍କୁ ଦାୟୀ କରାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ସୂଚନ ଥାଉ କି ଗତ ୧୫ ଜୁନ୍‌ରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏସିଏଫ୍ ଓ ରେଞ୍ଜରମାନଙ୍କ ଏକ ବଡ଼ ଅଦଳ ବଦଳ କରାଯାଇଥିଲା। ମାତ୍ର ଏହି ନିର୍ଦ୍ଦେଶନାମାକୁ ପ୍ରାୟ ମାସେ ହେବାକୁ ବସିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ପାଖାପାଖି ୭୦ ପ୍ରତିଶତ ରେଞ୍ଜର ଓ ଏସିଏଫ୍ ନିଜ ଷ୍ଟେସନ୍ ଛାଡ଼ି ନାହାନ୍ତି। କେତେକ ସ୍ଥାନରେ ଡିଏଫ୍‌ଓମାନେ ସେମାନଙ୍କୁ ରିଲିଭ୍ କରୁ ନ ଥିବା ବେଳେ ଅନ୍ୟ କେତେକ ସ୍ଥାନରେ ନିଜସ୍ୱ ଆଗ୍ରହ ଦୃଷ୍ଟିରୁ ଏହି ଅଧିକାରୀ ମାନେ ସ୍ଥାନ ଛାଡୁ ନ ଥିବା ଚର୍ଚ୍ଚା ହେଉଛି।

## ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ବିଶ୍ୱାଳଙ୍କ ପରଲୋକ

ବାରିପଦା, ୧୨।୭ (ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ବିଶ୍ୱାଳଙ୍କ ପରଲୋକ ଘଟିଛି। ଶନିବାର ରାତି ପ୍ରାୟ ୮ଟା ସମୟରେ ୧୦୨ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରବିବାର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ମରଶରୀରକୁ ସମ୍ମାନସୂଚକ ଭାବେ ଜାତୀୟ ତ୍ରିରଙ୍ଗା ପତାକାରେ ଆବୃତ୍ତ କରାଯିବା ପରେ ଶେଷକୃତ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବାଞ୍ଛାନିଧି ବିଶ୍ୱାଳଙ୍କ ଜନ୍ମ ୧୯୨୪ ନଭେମ୍ବର ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ଼ ଗ୍ରାମରେ ହୋଇଥିଲା। ଦୀର୍ଘଦିନ ଧରି ସେ ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରର ୧୧ ନମ୍ବର ୱାର୍ଡସ୍ଥ ତାଙ୍କ ପୁଅଙ୍କ ବାସଭବନରେ ରହୁଥିଲେ। ୧୯୩୮ରେ ମାତ୍ର



୧୪ ବର୍ଷ ବୟସରେ ପ୍ରଜାମେଳିରେ ଜଣେ ଚାରିଣୀଆ ସଦସ୍ୟ ଭାବେ ଯୋଗ ଦେଇ 'ବାନର ସେନା'ର ଜଣେ ସକ୍ରିୟ କର୍ମକର୍ତ୍ତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେତେବେଳେ ସେ ଇଂରେଜମାନଙ୍କୁ ଖଜଣା ନ ଦେବା ପାଇଁ ଗୀତ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରୁଥିଲେ। ଏହାର ନାରା ଥିଲା 'କର ଖଜଣା ଦେବନାହିଁ, ଇଂରେଜ ଶାସନ ରଖିବା ନାହିଁ'। ଏଥିପାଇଁ ୧୯୪୨ରେ ୧୮ ବର୍ଷ ବୟସରେ ତତ୍କାଳୀନ ନୀଳଗିରି ରାଜା ଗୋରାମାନଙ୍କ ପ୍ରବଚନାରେ ଆସି ବାଞ୍ଛାନିଧିଙ୍କୁ ବନ୍ଦୀ ବନାଇଥିଲେ।

### ରକ୍ତେଶ୍ୱରୀ ଦ୍ୱୀପରୁ ଉଦ୍ଧାର ହେଲା ନିଖୋଜ ଟ୍ରଲର୍

# ଜଣଙ୍କ ମୃତଦେହ ଉଦ୍ଧାର; ୧୫ଜଣଙ୍କ ପତ୍ତା ମିଳୁନି

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୨।୭ (ସମିସ): ପଶ୍ଚିମବଙ୍ଗ ଶଙ୍କରପୁରରୁ ନିଖୋଜ ଟ୍ରଲର ଆଜି ପଶ୍ଚିମବଙ୍ଗର ବକଖାଲି ୧୬ କିଲୋମିଟର ଦୂର ରକ୍ତେଶ୍ୱରୀ ଦ୍ୱୀପରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ତେବେ ସେଥିରେ ଥିବା ୧୬ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୧୫ ଜଣ ନିଖୋଜ ଥିବାବେଳେ ଜଣଙ୍କର ମୃତଦେହ ଉକ୍ତ ଟ୍ରଲର ଭିତରୁ ଉଦ୍ଧାର ହୋଇଛି। ସୂଚନାଯୋଗ୍ୟ ଯେ ଜୁଲାଇ ୨ ତାରିଖରୁ ୧୬ ଜଣ ମତ୍ସ୍ୟଜୀବୀଙ୍କୁ ନେଇ ଇଲିସି ଧରିବା ପାଇଁ ସମୁଦ୍ରକୁ ମା' କାଳୀ ନାମକ ଟ୍ରଲର୍ ବାହାରିଥିଲା। ୧୬ ଜଣଙ୍କ ମଧ୍ୟରେ ବାଲେଶ୍ୱର ଭୋଗରାଇ ଉଲୁଡ଼ା ଗ୍ରାମର ଗୋଟିଏ ପରିବାରର ୩ ଭାଇ ଏଥିରେ ଥିଲେ। ଆଜି ଟ୍ରଲରଟି ଉଦ୍ଧାର ହେବା ପରେ ସେଥିରୁ ଜଣଙ୍କ ମୃତଦେହ ମିଳିଥିବାବେଳେ ୧୫ ଜଣ ନିଖୋଜ ଅଛନ୍ତି।

ସୂଚନା ଅନୁଯାୟୀ ଚଳିତ ମାସ ୨ ତାରିଖରେ ଏହି ଟ୍ରଲର ମାଛ ଧରିବା ପାଇଁ ୧୬ ଜଣଙ୍କୁ ନେଇ ସମୁଦ୍ରକୁ ଯାଇଥିଲା। ମାତ୍ର ଯିବାର ଦୁଇଦିନ ପରେ ଉକ୍ତ ଟ୍ରଲର୍



ସହିତ ସମସ୍ତ ପ୍ରକାରର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ଶଙ୍କରପୁର ମତ୍ସ୍ୟଜୀବୀ ସଂଘର ସମ୍ପାଦକ ସ୍ୱଦେଶ ରଞ୍ଜନ ନାୟକ ଖୋଜାଖୋଜି କରିବା ପାଇଁ ବଙ୍ଗ ପ୍ରଶାସନକୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ଗତକାଲି ସମୁଦ୍ର ମଝିରେ ଥିବା କାକଦ୍ୱୀପଠାରେ ଏକ ଟ୍ରଲରର ଭଗ୍ନାଂଶ ଲାଗିଥିବା ନେଇ ଖବର ମିଳିଥିଲା। ମାତ୍ର ତାହା ମା' କାଳୀ ଟ୍ରଲର୍‌ର କି ନୁହେଁ ତାହା ଚିହ୍ନଟ ହୋଇପାରି ନଥିଲା। ତେବେ ଆଜି ପୁଣି ରକ୍ତେଶ୍ୱରୀ ଦ୍ୱୀପରେ ଆଉ ଏକ ଟ୍ରଲର୍ ଲାଗିଥିବା ନେଇ ଖବର ପହଞ୍ଚିବା ପରେ ତାହା ମା' କାଳୀ ଟ୍ରଲର୍‌ର ବୋଲି ଜଣାପଡ଼ିଛି। ଟ୍ରଲର୍‌ଟିକୁ ଟାଣି ଟାଣି ଆଣିବା ପରେ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଟ୍ରଲରରେ ଥିବା ବେଳେ ଅନ୍ୟମାନଙ୍କ ପତ୍ତା ଏ ପର୍ଯ୍ୟନ୍ତ ମିଳିନାହିଁ। କେତେଜଣଙ୍କ ମୃତଦେହ ଟ୍ରଲର ଭିତରେ ରହିଛି ବା ଅନ୍ୟମାନେ କେଉଁଠି ଅଛନ୍ତି, ତାକୁ ନେଇ ପଶ୍ଚିମବଙ୍ଗ ପୁଲିସ ତଦନ୍ତ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ନାଚିନ୍ଦା ପଞ୍ଚାୟତ ଅଧୀନ ଉଲୁଡା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଗାଁର ନିଖୋଜ ମତ୍ସ୍ୟଜୀବୀଙ୍କ ପରିବାର ସଦସ୍ୟମାନେ ଦିନରାତି ଚିନ୍ତାରେ ସମୟ କାଟୁଥିବା ବେଳେ ଏ ଖବର ଶୁଣି ସମଗ୍ର ଗାଁ ସ୍ତବ୍ଧ ହୋଇଯାଇଛି।

## ଜିଲ୍ଲା ପରିଷଦ ସଭ୍ୟଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

ବସ୍ତା ବ୍ଲକ୍/ରାଜଘାଟ,୧୨।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ କୁଣ୍ଡପୁର ଗ୍ରାମରେ ୧୪ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବୁଗୁଡ଼ିଙ୍କ ସ୍ୱାମୀ ସଞ୍ଜୟ କୁମାର ବିଗୁଡ଼ିଙ୍କୁ ସଂଘବଦ୍ଧ ଆକ୍ରମଣ ସହିତ ତାଙ୍କ ଠାରୁ ନଗଦ ୨୦ ହଜାର ଟଙ୍କା ଓ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ସଞ୍ଜୟ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବ୍ରାହ୍ମଣଦା ଗ୍ରାମର ସଞ୍ଜୟ ବୁଗୁଡ଼ି (୪୬) ମଙ୍ଗଳବାର ସକାଳେ କୁଣ୍ଡପୁର ଗ୍ରାମରେ ମୃତ୍ୟୁ ବରଣ କରିଥିବା ଜନୈକ ବ୍ୟକ୍ତିଙ୍କ ଘରକୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ଦେବା ପାଇଁ କାଗଜପତ୍ର ଆଣିବାକୁ ଯାଇଥିଲେ। ଏହି ସମୟରେ ସେହି



ଗ୍ରାମର ଭଗବାନ ବେହେରାଙ୍କ ପୁଅ ବିଜୟ କୁମାର ବେହେରା ଓ ତାଙ୍କ ସ୍ତ୍ରୀ ସହିତ ହଠାତ୍ ୧୫ରୁ ଉର୍ଦ୍ଧ୍ୱ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ସହିତ ତାଙ୍କ ନିକଟରେ ଥିବା ୨୦ ହଜାର ନଗଦ ଟଙ୍କା ଓ ସୁନା ଚେନ୍‌କୁ ନେଇ ପଳାଇ ଥିଲେ। ଖବର ପାଇ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ବୁଗୁଡ଼ି ଓ ତାଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଆକ୍ରମଣକାରୀ ସେମାନଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ସଞ୍ଜୟ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁତର ସଞ୍ଜୟଙ୍କୁ ପ୍ରଥମେ ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଛାତି ଓ ଅନ୍ୟ ସ୍ଥାନରେ ଯନ୍ତ୍ରଣା ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆକ୍ରମଣକାରୀଙ୍କ ପକ୍ଷରୁ ବସ୍ତା ଥାନାରେ ପାଲଟା ଅଭିଯୋଗ ହୋଇଛି। ଟଙ୍କା ନେଣଦେଣକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ବସ୍ତା ବ୍ଲକ୍ ବିଜେଡି ସଭାପତି ମହାଦେବ ଦାସଙ୍କ ସମେତ ଅନ୍ୟ ବିଜେଡି ନେତା ହସ୍ପିଟାଲରେ ପହଞ୍ଚି ସଞ୍ଜୟଙ୍କୁ ଭେଟିବା ସହିତ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିବା ଜଣାପଡ଼ିଛି। ବସ୍ତା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପରୀକ୍ଷାର୍ଥୀ ବେଶରେ ପରୀକ୍ଷା ଦେଉଛନ୍ତି ଶିକ୍ଷକ!

ଭୁବନେଶ୍ୱର, ୧୨।୭ (ସମିସ): ପେଶାରେ ଜଣେ ସରକାରୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ। ନିଯୁକ୍ତି ଆଶାୟୀ ପିଲାଙ୍କ ପାଇଁ ଏକାଧିକ ପୁସ୍ତକ ଲେଖିଛନ୍ତି। ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲି ଶିକ୍ଷାଦାନ ମଧ୍ୟ କରୁଛନ୍ତି। ମାତ୍ର ଚଳିତବର୍ଷ ସେ ପୁଣିଥରେ ବିଇଡି ପରୀକ୍ଷା ଦେଇଛନ୍ତି। କୋଚିଂ ଦେଉଥିବା କିଛି ପିଲାଙ୍କୁ ପରୀକ୍ଷା ହଲ୍‌ରେ ସହଯୋଗ କରିବା ପାଇଁ ବିଇଡି ପରୀକ୍ଷା ଦେଇଛନ୍ତି। ପୁରୀର ଏସ୍‌ସିଏସ୍ କଲେଜରେ ତାଙ୍କର ପରୀକ୍ଷା କେନ୍ଦ୍ର ହୋଇଥିଲା। ସେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାରୁ ପୂର୍ବରୁ ବିଇଡି ଯୋଗ୍ୟତା ହାସଲ କରିଛନ୍ତି। ପୁଣିଥରେ ବିଇଡି କରିବାର କୌଣସି ସମ୍ଭାବନା ନଥିବା ସତ୍ତ୍ୱେ ସେ କାହିଁକି ପ୍ରବେଶିକା ପରୀକ୍ଷା ଦେଲେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**■ କୋଚିଂ ଦେଉଥିବା ପିଲାଙ୍କୁ ସହଯୋଗ କରିଥିବା ଅଭିଯୋଗ**
**■ ପ୍ରବେଶିକା ପରୀକ୍ଷା ଦେବାରେ କୌଣସି ପ୍ରତିବନ୍ଧକ ନାହିଁ: ଶିକ୍ଷକ**

ନିଜେ ପରୀକ୍ଷାର୍ଥୀ ବେଶରେ ପରୀକ୍ଷା ଦେଉଥିବା ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଛି। ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାମନାରାୟଣ ଦ୍ୱିବେଦୀଙ୍କ ବିରୋଧରେ ଏପରି ସାଂଘାତିକ ଅଭିଯୋଗ ଆସିବା ପରେ ସେ ବିବାଦୀୟ ହୋଇପଡ଼ିଛନ୍ତି।


ସୂଚନା ଅନୁଯାୟୀ, ସମ୍ପୃକ୍ତ ଶିକ୍ଷକ ଜଣକ ଚଳିତ ବର୍ଷ ପାଇଁ ଗତ ଜୁନ୍ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଶିକ୍ଷାଶାସ୍ତ୍ରୀ ପ୍ରବେଶିକା ପରୀକ୍ଷା (ଏସ୍‌ଏସ୍‌ଇଟି) ବା ସଂସ୍କୃତ ଅପରପକ୍ଷରେ ସମ୍ପୃକ୍ତ ଶିକ୍ଷକ ଟିଜିଟି, ଏଲ୍‌ଟିଆର୍ ଓ ଓଏସ୍‌ଟିଇଟି ଓ ବିଇଡି ପରୀକ୍ଷା ଦେଉଥିବା ପିଲାଙ୍କ ପାଇଁ ଏକାଧିକ ପୁସ୍ତକ ଲେଖିଛନ୍ତି। ଏପରିକି ଏକ ୟୁଟ୍ୟୁବ ଚ୍ୟାନେଲ୍ ଖୋଲି ପିଲାଙ୍କୁ କୋଚିଂ ଦେଉଛନ୍ତି। କିଛି ପରୀକ୍ଷାର୍ଥୀଙ୍କ ଅଭିଯୋଗ ଅନୁଯାୟୀ, କୋଚିଂ କରୁଥିବା କିଛି ପିଲାଙ୍କୁ ପରୀକ୍ଷା ହଲ୍‌ରେ ସହଯୋଗ କରିବା ପାଇଁ ସମ୍ପୃକ୍ତ ଶିକ୍ଷକ ପ୍ରବେଶିକା ପରୀକ୍ଷା ଦେବାକୁ ପରୀକ୍ଷାର୍ଥୀ ବେଶରେ ଯାଇଥିଲେ। ପରୀକ୍ଷା ପାଇଁ ସମାନ ସମୟରେ ଆବେଦନ କଲେ ପାଖାପାଖି ରୋଲ ନମ୍ବର ସହିତ ପରୀକ୍ଷାରେ ହଲ୍‌ରେ ମଧ୍ୟ ନିକଟରେ ପଡ଼ିବାର ସମ୍ଭାବନା ରହିଥାଏ। ସେହିପରି ପରୀକ୍ଷା ମଲ୍ଟିପୁଲ୍ ଚଏସ୍ ହୋଇଥିବାରୁ ପାଟି ନ ଖୋଲି ମଧ୍ୟ ନିକଟ ପରୀକ୍ଷାର୍ଥୀଙ୍କୁ ସବୁ ଦେଖାଇବାର ସମ୍ଭାବନା ରହିଛି। ଏଣୁ କୋଚିଂ କରୁଥିବା କିଛି ପିଲାଙ୍କୁ ପରୀକ୍ଷା ହଲ୍‌ରେ ସହଯୋଗ କରିବା ପାଇଁ ସମ୍ପୃକ୍ତ ଶିକ୍ଷକ ପରୀକ୍ଷାର୍ଥୀ ସାଜିଥିବା ବହୁ ପରୀକ୍ଷାର୍ଥୀ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପ୍ରବେଶିକା ପରୀକ୍ଷାର ସ୍ୱଚ୍ଛତା ପ୍ରତି ଏହା ଏକ ବିରାଟ ପ୍ରଶ୍ନବାଚୀ ଏବଂ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରି ତଦନ୍ତ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ଅପରପକ୍ଷରେ ଅଭିଯୋଗ ଆସିଥିବା ଶିକ୍ଷକ ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ସେ ବିଇଡି ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ବହି ଲେଖିବା ସହ ୟୁଟ୍ୟୁବ୍‌ରେ କୋଚିଂ ମଧ୍ୟ ଦେଉଛନ୍ତି। ପାଠ ସହ ଟଚ୍ ରଖିବା ପାଇଁ ମଝିରେ ମଝିରେ ପରୀକ୍ଷା ଦିଅନ୍ତି। ଏପରିକି ଜଣେ ଶିକ୍ଷକ ବିଇଡି ପ୍ରବେଶିକା ପରୀକ୍ଷା ଦେବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

### ଦୁର୍ଦ୍ଦିନରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣପଦକ ଜିତିଥିବା ସଟ୍‌ପୁଟ୍‌ରାଣୀ ଓ ପରିବାର

# ୪ ମାସ ହେଲା ମିଳୁନି କ୍ରୀଡ଼ାବିତ୍ ଭତ୍ତା

■ ବାରିପଦା, ୧୨।୭ (ସମିସ): ଓଡ଼ିଶାର ବହୁ ପୂର୍ବତନ ସଫଳ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନେ ଦିନେ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଆଜି ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଯୁବାବସ୍ଥାରେ ରାଜ୍ୟର ନାୟକ/ନାୟିକା ଭାବେ ପରିଚିତ ଏହି ବରିଷ୍ଠ ଖେଳାଳି ବର୍ଦ୍ଧକ୍ୟରେ ମୌଳିକ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ। ସରକାରୀ ସହାୟତାର ଅଭାବ ଓ କ୍ରୀଡ଼ାବିତ୍ ଭତ୍ତା ସଠିକ୍ ଭାବେ ମିଳୁ ନ ଥିବାରୁ ସେମାନେ ଉପେକ୍ଷିତ ହୋଇପଡ଼ିଛନ୍ତି। ଏହି ଖେଳାଳିମାନଙ୍କୁ କ୍ରୀଡ଼ାରେ ଅସାଧାରଣ ଅବଦାନ ପାଇଁ ସ୍ୱର୍ଣ୍ଣପଦକ ଦିଆଯାଇଥିବାବେଳେ ତାହା ଏବେ ଘରର ଶୋଭାବୃଦ୍ଧି କରୁଛି ସତ, କିନ୍ତୁ ପରିଣତ ବୟସରେ ନିଜର ରୋଜଗାର ନ ଥିବାରୁ ମୂଲ୍ୟହୀନ ହୋଇପଡିଛି। ଏହା ସଟପୁଟ୍ ତାରକା ସୁଚେତା ଆଚାର୍ଯ୍ୟଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ତାଙ୍କୁ ୪ ମାସ ହେଲା କ୍ରୀଡ଼ାବିତ୍ ଭତ୍ତା ମିଳି ନ ଥିବାରୁ ତାଙ୍କ ପରିବାରର ଦୁର୍ଦ୍ଦିନରେ ଦିନ କଟୁଛି। ତାଙ୍କ ଭଳି ମୟୂରଭଞ୍ଜର ୩୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍‌ଙ୍କ ସମାନ ଅବସ୍ଥାରେ ଦିନ କାଟୁଛନ୍ତି।

ବାରିପଦାରେ ରହୁଥିବା ସୁଚେତା ଆଚାର୍ଯ୍ୟ ଦିନେ ସଟପୁଟରାଣୀ ଭାବେ ପରିଚିତି ଥିଲେ। ରାଜ୍ୟ ପାଇଁ ଖେଳି ସେ ସ୍ୱର୍ଣ୍ଣପଦକ ମଧ୍ୟ ପାଇଥିଲେ। ତାଙ୍କର ପରିଣତ ବୟସରେ ସହାୟତା ସ୍ୱରୂପ ପୂର୍ବ ସରକାର ମାସକୁ ୩ ହଜାର ଟଙ୍କା ଭତ୍ତାରାଶି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରୁଥିଲେ। ମାତ୍ର ଗତ ୪ ମାସ ହେବ ଭତ୍ତାଟଙ୍କା ମିଳିନି। ଏଥିପାଇଁ ସୁଚେତାଙ୍କ ଘରେ ଚୁଲି ଜଳୁନି। ଓଳିଏ ଖାଇଲେ



**ମୟୂରଭଞ୍ଜର ୩୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍‌ଙ୍କ ସମାନ ଅବସ୍ଥା**

ଅନ୍ୟ ଓଳି ଉପବାସରେ। କେବଳ ସୁଚେତା ନୁହଁନ୍ତି, ସଫଳ ଆଥଲେଟ୍ ସ୍ୱର୍ଗତ ରମାନନ୍ଦ ଆଚାର୍ଯ୍ୟଙ୍କ ଅନ୍ତେ ତାଙ୍କ ପତ୍ନୀ ସୁରେଶ୍ୱରୀ ମଧ୍ୟ ୪ ମାସ ଧରି ଭତ୍ତା ଟଙ୍କା ପାଇନାହାନ୍ତି। ଏଭଳି ମୟୂରଭଞ୍ଜ ଜିଲ୍ଲାର ୩୦ରୁ ଅଧିକ ପୁରାତନ କ୍ରୀଡାବିତ୍ ଓ ତାଙ୍କ ପରିବାର ୪ ମାସ ଧରି ଭତ୍ତାରାଶି ପାଉନାହାନ୍ତି। ରାଜ୍ୟ କ୍ରୀଡା ମନ୍ତ୍ରଣାଳୟକୁ ଯାଇ କେତେଜଣ ସଚିବଙ୍କୁ ଗୁହାରି କରିବା ପରେ ମଧ୍ୟ ନିରାଶରେ ଅଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଏହି କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ପ୍ରତିନିଧିତ୍ୱ କରି ଲୋକଙ୍କ ହୃଦୟ ଜିତିଥିଲେ। କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କ୍ରୀଡ଼ା ମନ୍ତ୍ରଣାଳୟ ଏହି ଅବସରପ୍ରାପ୍ତ ତାରକାମାନଙ୍କ କଲ୍ୟାଣ ପ୍ରତି ଧ୍ୟାନ ଦେଉନାହିଁ। ଅନେକ ଖେଳାଳି ଆର୍ଥିକ ସଙ୍କଟରେ ପଡ଼ି ଦୈନନ୍ଦିନ ଖର୍ଚ୍ଚ ଚଳାଇବାରେ ଅସମର୍ଥ ହୋଇପଡ଼ିଛନ୍ତି।

ଅନ୍ୟ ରାଜ୍ୟଗୁଡ଼ିକ ଯେପରି ଅବସରପ୍ରାପ୍ତ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନ ଦେଇ ମାସକୁ ୧୫ରୁ ୧୬ ହଜାର ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି, ଓଡ଼ିଶାରେ କେବଳ ୩ ହଜାର ଟଙ୍କା ରହିବା ଓ ସଠିକ ସମୟରେ ନ ମିଳିବା ଦୁର୍ଭାଗ୍ୟର ବିଷୟ। ଆଜିର ମହଙ୍ଗା ସମୟରେ ଚାରି ମାସ ଧରି ଏହି ଭତ୍ତାରାଶି ପ୍ରଦାନ କରା ନ ଯିବା ଫଳରେ ଖାଦ୍ୟ, ଔଷଧ, ପିଲାଙ୍କ ଶିକ୍ଷା ଓ ଘର ଭଡ଼ା ପାଇଁ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ଉପେକ୍ଷା ରାଜ୍ୟର କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁକଙ୍କୁ ହତାଶ କରିଛି। ଅବସରପ୍ରାପ୍ତ ଖେଳାଳିମାନେ ଚାକିରି କିମ୍ବା ସ୍ଥିର ଆୟର ସୁଯୋଗ ପାଇବାରେ ଅସମର୍ଥ ହେଉଛନ୍ତି। ସମ୍ମାନ ଓ ମର୍ଯ୍ୟାଦା ହରାଉଛନ୍ତି। ଏହା ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ ହେବାରୁ ନିରୁତ୍ସାହିତ କରୁଛି। ସରକାର ଯଦି ନିଜ ପୂର୍ବତନ କ୍ରୀଡ଼ା ନାୟକ/ନାୟିକାଙ୍କୁ ସହାୟତା ନ ଦିଅନ୍ତି, ତେବେ ନୂଆ ଖେଳାଳିମାନେ ସ୍ୱପ୍ନ ଦେଖିବେ କିପରି? କ୍ରୀଡ଼ାପ୍ରେମୀ, କ୍ରୀଡ଼ା ସଂଘ ଓ ପୂର୍ବତନ ଖେଳାଳିମାନେ ଏବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି। ବକେୟା ଭତ୍ତାରାଶି ପ୍ରଦାନ, ରାଶି ପରିମାଣ ବୃଦ୍ଧି, ଚାକିରି ସୁଯୋଗ ଓ କଲ୍ୟାଣ ଯୋଜନା ପ୍ରଣୟନ କରିବାକୁ ସେମାନେ ସରକାରଙ୍କୁ ଅନୁରୋଧ କରୁଛନ୍ତି। ଓଡ଼ିଶାରେ ବିଭିନ୍ନ କ୍ରୀଡ଼ାରେ ଗୌରବ ଆଣିଥିବା ଖେଳାଳିମାନଙ୍କୁ ଉପେକ୍ଷା କରିବା ଉଚିତ୍ ନୁହେଁ। ଏହା କେବଳ ଏକ ନୀତିଗତ ପ୍ରଶ୍ନ ନୁହେଁ, ସମ୍ମାନ, କୃତଜ୍ଞତା ଓ ନ୍ୟାୟର ପ୍ରଶ୍ନ। ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ନେଇ ଏହି ଭୁଲିଯାଇଥିବା ହିରୋମାନଙ୍କ ମର୍ଯ୍ୟାଦା ଫେରସ୍ତ କରନ୍ତୁ ଓ ଓଡ଼ିଶାର କ୍ରୀଡ଼ା ଚେତନାକୁ ବଞ୍ଚାଇ ରଖନ୍ତୁ। ତେବେ ପରବର୍ତ୍ତୀ ପିଢ଼ି ସେମାନଙ୍କ ପଦାଙ୍କ ଅନୁସରଣ କରି ଆହୁରି ଗୌରବ ଆଣିପାରିବେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିଛି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**କର୍କଟ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦାନ ଧର୍ମ କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଧୈର୍ଯ୍ୟ ରଖି କାମ କରନ୍ତୁ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମୀନ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ଯୋଜନା ମୁତାବକ କାମ କରିବେ। କୌଣସି କଥାକୁ ନେଇ ବିଚଳିତ ହୋଇପାରନ୍ତି।

## ଆଜିର ଇତିହାସ

- ୧୮୮୨- ରୁଷିଆରେ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବାରୁ ୨୦୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୪୫- ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଆକ୍ଟ ବ୍ରିଟିଶ ପାର୍ଲାମେଣ୍ଟରେ ଗୃହୀତ ହେଲା।
- ୧୯୭୪- ଆଜିର ଦିନରେ ଭାରତ ତା'ର ପ୍ରଥମ କ୍ରିକେଟ୍ ଦିନିକିଆ ମ୍ୟାଚ୍ ଆରମ୍ଭ କରିଥିଲା।
- ୧୯୭୭- ଦେଶରେ ଜାରି ହୋଇଥିବା ଜରୁରିକାଳୀନ ପରିସ୍ଥିତି ଯୋଗୁଁ ଭାରତ ସରକାର ଭାରତ ରତ୍ନ, ପଦ୍ମ ପୁରସ୍କାର ଆଦି ବନ୍ଦ କରି ଦେଇଥିଲେ।

ଆଜି ଆସିଥିଲେ



# କର୍ମବୀର ଗୌରୀଶଙ୍କର ରାୟ


ଊନବିଂଶ ଶତାବ୍ଦୀରେ ଓଡ଼ିଆ ନବଜାଗରଣର ଅନ୍ୟତମ ପ୍ରମୁଖ ପୁରୋଧା ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଓଡ଼ିଆ ଭାଷା ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅତୁଳନୀୟ ଅବଦାନ ରହିଛି। ତାଙ୍କର ନିଷ୍ଠାପର କାର୍ଯ୍ୟଶୈଳୀ ପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଥିଲା। ସେ ଓଡ଼ିଆ ସାମ୍ବାଦିକତାର ଜନକ ଭାବେ ମଧ୍ୟ ପରିଚିତ । ସେ ଓଡ଼ିଶାର ପ୍ରଥମ ଖବରକାଗଜ- 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ସେତେବେଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱାଧୀନତା ଆନ୍ଦୋଳନକୁ ସହଯୋଗ କରିବା ଦିଗରେ ନିଖୁଣ ଭୂମିକା ନିଭେଇ ଥିଲା 'ଉତ୍କଳ ଦୀପିକା' । ଆଉ ଏହାର ମଙ୍ଗୁଆଳ ସାଜିଥିଲେ ଗୌରୀ ଶଙ୍କର। ୧୮୩୮ ମସିହା ଆଜିର ଦିନରେ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କଟକରେ ହାଇସ୍କୁଲ ଏବଂ ପରେ ଉଚ୍ଚଶିକ୍ଷା ପାଇଁ ହୁଗୁଳି ଯାଇଥିଲେ। ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିଲେ। ମାସକୁ ୨୦ ଟଙ୍କା ବେତନ ପାଉଥିଲେ। ଶିକ୍ଷକତା ଛାଡ଼ି କଟକ କମିସନରଙ୍କ କାର୍ଯ୍ୟାଳୟରେ କିରାଣି ଚାକିରି କରିଥିଲେ। ଗୌରୀଶଙ୍କର ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ 'କଟକ ପ୍ରିଣ୍ଟିଂ କମ୍ପାନି' ଗଢିଥିଲେ। ୪ ଅଗଷ୍ଟ, ୧୮୬୬ରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା। ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ପ୍ରାୟ ୫୨ ବର୍ଷ ଧରି ଏହାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ ଦୀପିକା ଯେଉଁ ବର୍ଷ ଆରମ୍ଭ ହୋଇଥିଲା ସେହି ବର୍ଷ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷରେ ୧୦ ଲକ୍ଷ ଲୋକ ଅନାହାରରେ ମରି ଯାଇଥିଲେ । ଦୁର୍ଭିକ୍ଷ ଓ ପରବର୍ତ୍ତୀ ଭୟାବହତା ବିଷୟରେ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ନିୟମିତ ଭାବେ ଲେଖା ପ୍ରକାଶ କରି ଇଂରେଜ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସରକାରୀ ଚାକିରି କରିଥିଲେ ମଧ୍ୟ ସରକାରଙ୍କ ବିରୋଧରେ ଏଥିରେ ସ୍ୱର ଉତ୍ତୋଳନ କରିବାକୁ ସେ ପଛାଉ ନ ଥିଲେ। ବଙ୍ଗୀୟ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଜୀବନରେ ଗୌରୀଶଙ୍କର ଥିଲେ ଉଦାରବାଦୀ। ୧୯୧୫ ମସିହାରେ ବାର୍ଦ୍ଧକ୍ୟ ଜନିତ କାରଣରୁ ଗୌରୀ ଶଙ୍କର ଉତ୍କଳ ଦୀପିକାର ସଂପାଦନାରୁ ଅବ୍ୟାହତି ନେଇଥିଲେ। ଏହାର ଦୁଇ ବର୍ଷ ପରେ ୧୯୧୭ ମସିହା ମାର୍ଚ୍ଚ ୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।



# ଦୋକାନରେ ନାହାନ୍ତି ଦୋକାନୀ

ଆଜିର ସମୟରେ ବିନା ଦୋକାନୀରେ ଦୋକାନ ଚଳାଇବା ଆଦୌ ସମ୍ଭବ ନୁହେଁ। କାରଣ ଚୋରି ହେବାର ଭୟ ଯଥେଷ୍ଟ ଅଧିକ ଥାଏ। ତେବେ ନାଗାଲାଣ୍ଡରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଥାଏ। ଏଠାରେ ଦୋକାନୀ ନ ଥିଲେ ବି ଦୋକାନ ପରିଚାଳିତ ହୋଇଥାଏ। କହିବାକୁ ଗଲେ ବିଶ୍ୱାସ ଓ ଭରସାରେ ହିଁ ଦୋକାନ ଚାଲେ। ତେଣୁ ଏଠାରେ ଏହି ଦୃଶ୍ୟକୁ ଦେଖି ଲାଗେ ସତେ ଯେପରି ଏହି ସ୍ଥାନରେ ରାମରାଜ୍ୟ ଚାଲିଛି। ଏଠାକାର ଲୋକ ଏତେ ସଚ୍ଚୋଟ ଯେ, ଦୋକାନରେ ଦୋକାନୀ ରହିବା ଦରକାର ପଡ଼େ ନାହିଁ। ନାଗାଲାଣ୍ଡ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏଠାରେ ଅନେକ ଦୋକାନ ଅଛି। ଦୋକାନରେ ଜିନିଷ ମହଜୁଦ ଥିବାବେଳେ ଦୋକାନୀ ନ ଥାନ୍ତି। ସେହିପରି ଲୋକେ ନିଜର ଆବଶ୍ୟକ ଜିନିଷ କିଣି ସ୍କାନର୍ ଦ୍ୱାରା ଟଙ୍କା ପଇଠ କରି ନଚେତ୍ ବାକ୍ସରେ ଟଙ୍କା ରଖି ଚାଲିଯାଆନ୍ତି। ଏଠାକାର ଏହି ସଚ୍ଚୋଟତା ପୂରା ଦେଶ ଲାଗି ଉଦାହରଣ ସୃଷ୍ଟି କରିଛି। ପର୍ଯ୍ୟଟକ ଏଠାରେ ଏଭଳି ବ୍ୟବସ୍ଥାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି। ଏଠାରେ ଏମିତି ଅନେକ ଦୋକାନ ଅଛି, ଯାହା ଦିନ ତମାମ ଖୋଲା ରହିଥାଏ। ଗ୍ରାହକ ନିଜେ ଦୋକାନରେ ପଶି ନିଜ ପସନ୍ଦର ଜିନିଷ ବାଛନ୍ତି। ଏହାପରେ ଟଙ୍କାକୁ କ୍ୟାସ୍‌ବାକ୍ସରେ ରଖି ଦିଅନ୍ତି ନଚେତ୍ ଅନଲାଇନ୍‌ରେ ପେଁଠ କରିଥାନ୍ତି। ସେହିଭଳି ଦୋକାନୀ ଜଣକ ଦିନଯାକ ନିଜ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି, ସନ୍ଧ୍ୟାରେ ଟଙ୍କାପଇସା ଗଣାଗଣି କରି ସବୁକିଛି ଠିକ୍ ଅଛି କି ନାହିଁ ଦେଖିଥାନ୍ତି। କେବଳ ସେତିକି ନୁହେଁ, ଏଠାରେ ଚୋରି ମାମଲା ଖୁବ୍ କମ୍। ଏଠାକାର ଜନଜାତି ନିଜର ପରମ୍ପରା, ସାମାଜିକ ଜୀବନ ଓ ସଚ୍ଚୋଟତା ଲାଗି ପରିଚିତ। ଏଠାକାର ଲୋକେ ପରସ୍ପରକୁ ଭଲଭାବେ ଜାଣିଥାନ୍ତି। ଏଠାରେ ସାମାଜିକ ମୂଲ୍ୟବୋଧ ଏତେ ଦୃଢ଼ ଯେ ଲୋକେ କୌଣସି ଅପରାଧ କରିବା ପୂର୍ବରୁ ଦୁଇଥର ଚିନ୍ତା କରନ୍ତି। ଏ ଦୃଷ୍ଟିରୁ ଏଠାରେ ଅପରାଧ ହାର ମଧ୍ୟ ବହୁତ କମ୍। ପର୍ଯ୍ୟଟକଙ୍କ ମତରେ, ଏଠାରେ କେବଳ ଦୋକାନ ନୁହେଁ, ଅନ୍ୟ ସେବାରେ ବି ଭରସା ଦେଖିବାକୁ ମିଳେ। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# 'କିଙ୍ଗ୍' ୪୫୦ କୋଟିର ବାଜି



ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍ ଏବେ ତାଙ୍କର ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏବେ ଏହା ତାଙ୍କ କ୍ୟାରିୟରର ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି ବୋଲି ଜଣାପଡ଼ିଛି। ଏହି ଫିଲ୍ମ କେବଳ ଷ୍ଟାରକାଷ୍ଟ ଏବଂ ଆକ୍ସନ୍ ପାଇଁ ନୁହେଁ, ବରଂ ଅଧିକ ବଜେଟ୍ ପାଇଁ ମଧ୍ୟ ଏବେ ଚର୍ଚ୍ଚାରେ ଅଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'କିଙ୍ଗ୍'ର ବଜେଟ୍ ଏବେ ୪୫୦ କୋଟି ଟଙ୍କାରେ ପହଞ୍ଚି ସାରିଛି। ଅବଶ୍ୟ ଏହି ଅର୍ଥରେ ଫିଲ୍ମର ପ୍ରିଣ୍ଟ, ପ୍ରମୋସନ୍ ଏବଂ ଶାହାରୁଖ୍‌ଙ୍କ ଫିସ୍ ସାମିଲ ନାହିଁ। ତେବେ ଫିଲ୍ମଟି ରିଲିଜ୍ ହେବା ପର୍ଯ୍ୟନ୍ତ ଏହାର ବଜେଟ୍ ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଫିଲ୍ମର ସୁଟିଂ ମେ, ୨୦୨୫ ରେ ଆରମ୍ଭ ହୋଇଥିଲା ଏବଂ ଅଗଷ୍ଟ ୨୦୨୬ ସୁଦ୍ଧା ଏହାକୁ ଶେଷ କରାଯିବା ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୧୫୦ ଦିନ ଧରି ବିଶ୍ୱର ବିଭିନ୍ନ ସ୍ଥାନରେ ଏହାର ସୁଟିଂ କରାଯାଇଛି । ଫିଲ୍ମର ଆକ୍ସନ୍ ସିନ୍‌ଗୁଡ଼ିକର ସୁଟ୍ ପାଇଁ ଆନ୍ତର୍ଜାତୀୟ ଷ୍ଟଣ୍ଟ ଟିମ୍‌ଗୁଡ଼ିକୁ ସାମିଲ କରାଯାଇଛି । ସେହିପରି ହାଇ-ଏଣ୍ଡ ଭିଏଫ୍ଏକ୍ସ କାମ ଶାହାରୁଖ୍‌ଙ୍କ କମ୍ପାନି 'ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ' କରୁଛି। ଫିଲ୍ମ ନିର୍ମାତା ଦର୍ଶକଙ୍କୁ 'କିଙ୍ଗ୍' ମାଧ୍ୟମରେ ବଡ଼ ପରଦାରେ ଏମିତି ଏକ ଆକ୍ସନ୍ ଅଭିଜ୍ଞତା ଦେବାକୁ ଚାହୁଁଛନ୍ତି, ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିବ । ଶାହାରୁଖ୍‌ଙ୍କ ପୂର୍ବ ଫିଲ୍ମ 'ଜୱାନ'ର ବଜେଟ୍ ୪୦୦ କୋଟି ଥିବାବେଳେ 'ପଠାନ୍' ୩୫୦ କୋଟିରେ ପ୍ରସ୍ତୁତ ହୋଇଥିଲା। 'କିଙ୍ଗ୍' ଏହି ଦୁଇଟି ଫିଲ୍ମର ରେକର୍ଡକୁ କାଟି ସବୁଠୁ ହାଇ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଆଲିଆ ଭଟ୍ଟଙ୍କ ସ୍ପାଇ ୟୁନିଭର୍ସ ଫିଲ୍ମ 'ଆଲ୍‌ଫା'ର ବଜେଟ୍ ପାଖାପାଖି ୧୦୦-୧୨୦ କୋଟି ଟଙ୍କା ରହିଛି। 'କିଙ୍ଗ୍'ର ବଜେଟ୍‌ରେ ପ୍ରାୟ ତିନୋଟି 'ଆଲ୍‌ଫା' ଭଳି ଫିଲ୍ମ ତିଆରି କରାଯାଇପାରିବ। ଏହି ତୁଳନାରୁ ହିଁ ଜଣାପଡୁଛି ଯେ, ଫିଲ୍ମଟି କେତେ ବଡ଼ ସ୍କେଲ୍‌ରେ ନିର୍ମାଣ ହେଉଛି। ଯଦି ସବୁକିଛି ଯୋଜନା ମୁତାବକ ଚାଲେ, ତେବେ 'କିଙ୍ଗ୍'କେବଳ ଶାହାରୁଖ୍‌ଙ୍କ କ୍ୟାରିୟର ପାଇଁ ନୁହେଁ, ବରଂ ହିନ୍ଦୀ ସିନେମାର ସବୁଠାରୁ ବଡ଼ ବଜେଟ୍‌ର ଫିଲ୍ମ ଭାବେ ନିଜ ସ୍ଥାନ ପକ୍କା କରିପାରେ।

## ସ୍ୱସ୍ତି

# ପବିତ୍ର ରଥଯାତ୍ରା



**ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପାଳିତ ହୁଏ ରଥଯାତ୍ରା। ଏହାକୁ 'ଘୋଷଯାତ୍ରା', 'ଶ୍ରୀଗୁଣ୍ଡିଚା ଯାତ୍ରା', 'ପତିତପାବନ ଯାତ୍ରା', 'ଆଡପମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା' ବୋଲି ମଧ୍ୟ କୁହାଯାଏ। ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ। ସେହିପରି ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ। ଏହା ପୁରୀ ବ୍ୟତୀତ ବିଭିନ୍ନ ସ୍ଥାନରେ ପାଳିତ ହେଉଛି।**

ଜଗତର ନାଥ ଜଗନ୍ନାଥ ବର୍ଷକୁ ଥରେ ବଡ଼ ଭାଇ ବଳଭଦ୍ର ଏବଂ ସାନ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ମାଉସୀ ମା' ଘରକୁ ବୁଲି ଯାଆନ୍ତି। ରତ୍ନବେଦୀ ଛାଡ଼ି ଶ୍ରୀଗୁଣ୍ଡିଚା ଯାତ୍ରା କରନ୍ତି। ଏହି ଦିନ ଘଣ୍ଟ, ଶଙ୍ଖ ବାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୁଏ। ଶ୍ରୀମନ୍ଦିରରୁ ପହଣ୍ଡି ହୋଇ ତିନି ରଥରେ ତିନିଠାକୁର ବିଜେ କରନ୍ତି। ତିନି ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚେ ଏବଂ ଏଠାରେ ସେମାନେ ନଅଦିନ ରହନ୍ତି। ତେବେ କାହିଁ କେଉଁ ଅନାଦି କାଳରୁ ରଥଯାତ୍ରା ପାଳିତ ହୋଇ ଆସୁଥିଲେ ହେଁ ଏହା ପଛରେ ପୌରାଣିକ କାହାଣୀ ବି ଅଛି।

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଖରେ ବିଶ୍ୱକର୍ମା ଏକ ସର୍ତ୍ତ ରଖିଥିଲେ। ମୂର୍ତ୍ତି ନିର୍ମାଣ ସମୟରେ ବିଶ୍ୱକର୍ମା ଏକାନ୍ତରେ ରହିବେ। ଯଦି ମୂର୍ତ୍ତି ନିର୍ମାଣ ପୂର୍ବରୁ କେହି ନିର୍ମାଣ କକ୍ଷର ଦ୍ୱାର ଖୋଲନ୍ତି, ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅଧାରେ ରହିବ। ବିଶ୍ୱକର୍ମାଙ୍କର ଏହି ସର୍ତ୍ତକୁ ରାଜା ସ୍ୱୀକାର କଲେ। ବିଶ୍ୱକର୍ମା ଗୁଣ୍ଡିଚା ସ୍ଥାନରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କାମ କଲେ। ତେବେ ସମୟ ଅତିବାହିତ ହେବା ସହ ନିର୍ମାଣ କକ୍ଷର ଦ୍ୱାର ନ ଖୋଲିବାରୁ ରାଜା ଚିନ୍ତାରେ ପଡ଼ିଲେ। ସେଇଠୁ ଅନିଚ୍ଛା ସତ୍ତ୍ୱେ ବି ରାଜା ବାଧ୍ୟ ହୋଇ ନିର୍ମାଣ କକ୍ଷର ଦ୍ୱାର ଖୋଲିଲେ। ହେଲେ ସେତେବେଳେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ସେଠାରେ ରାଜାଙ୍କୁ ଦେଖି ବିଶ୍ୱକର୍ମା ଅନ୍ତର୍ଦ୍ଧାନ ହୋଇ ଗଲେ। ଏତିକି ବେଳେ ଆକାଶବାଣୀ ହେଲା ଯେ, ଭଗବାନ ଏହି ରୂପରେ ସ୍ଥାପିତ ହେବେ। ଏହାସହ ବର୍ଷକୁ ଥରେ ଠାକୁର ନିଜ ଜନ୍ମଭୂମିକୁ ଯିବେ। ଏହାପରେ ଇନ୍ଦ୍ରଦ୍ୟୁମ୍ନ ଏକ ବିଶାଳ ଭବ୍ୟ ମନ୍ଦିର ତିଆରି କରି ତିନି ମୂର୍ତ୍ତିକୁ ସେଠାରେ ସ୍ଥାପନା କରିଥିଲେ। ଏହାସହ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଜିଉଙ୍କୁ ନିଜ ଜନ୍ମଭୂମିକୁ ନେବା ପାଇଁ ବ୍ୟବସ୍ଥା କଲେ। ସେବେଠାରୁ ଏହି ପରମ୍ପରା ରଥଯାତ୍ରା ନାମରେ ପାଳିତ ହୋଇ ଆସୁଛି। ଏଥର ରଥଯାତ୍ରା ଜୁଲାଇ ୧୬ ତାରିଖରେ ପାଳନ କରାଯିବ।

# କେବେ କରିବେ ସତ୍ୟନାରାୟଣ ପୂଜା

**ସତ୍ୟନାରାୟଣ ପୂଜା କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ। ଘରେ ସୁଖ, ଶାନ୍ତି ଓ ସକାରାତ୍ମକ ଶକ୍ତିର ମାଧ୍ୟମ ଭାବେ ଗ୍ରହଣ କରାଯାଏ। କେବେ ଏହି ପୂଜା ଆୟୋଜନ କରିବା ଭଲ, ଜାଣିବା ସେ ସମ୍ପର୍କରେ।**

- ପୂର୍ଣ୍ଣିମା, ଏକାଦଶୀ ଦିନରେ ସତ୍ୟନାରାୟଣ ପୂଜା କରିବାକୁ ଶୁଭ ବୋଲି କୁହାଯାଏ।
- ପିଲାଙ୍କ ଜନ୍ମଦିନରେ ସତ୍ୟନାରାୟଣ ପୂଜା କରିବା ଉଚିତ। ଏହା ମାଧ୍ୟମରେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଏ।
- ନୂଆ ଘର, ଦୋକାନ, ବ୍ୟବସାୟ ପ୍ରାରମ୍ଭରେ ଏହି ପୂଜା କରିବା ଶୁଭ।
- ବିବାହ ପରେ ଏହି ପୂଜା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ।
- କୌଣସି ଇଚ୍ଛା ପୂରଣ ହେବା ପରେ ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ପୂର୍ବକ ଏହି ପୂଜ କରିବା ଅତ୍ୟନ୍ତ ଶୁଭ।
- ବିବାହ ବାର୍ଷିକୀ ଅବସରରେ ସତ୍ୟ ନାରାୟଣ ପୂଜା କରିବା ଲାଭକାରୀ।
- ଘରେ ସୁଖ, ଶାନ୍ତି ଏବଂ ସକରାତ୍ମକ ଉର୍ଜା ପାଇଁ ମଝିରେ ମଝିରେ ସତ୍ୟନାରାୟଣ ପୂଜା କରିବା ଦରକାର।



# କେଉଁ ବର୍ଜିତ କାମ କରିବା ମନା

**କିଛି କାମ ଏଭଳି ଅଛି, ଯାହାକୁ ଲୋକମାନେ ନିଜ ଅଜାଣତରେ କରି ବସନ୍ତି। ଫଳରେ ଘରର ଶାନ୍ତି ପ୍ରଭାବିତ ହୋଇଥାଏ। ଭଗବାନ ଗଣେଶ ଏବଂ ମହାଦେବଙ୍କ କୃପା ପାଇବା ଲାଗି କିଛି କାମ କରିବାକୁ ବାରଣ କରାଯାଇଛି।**

- ଭଗବାନ ଗଣେଶଙ୍କୁ ତୁଳସୀ ଚଢ଼ାନ୍ତୁ ନାହିଁ।
- ଏକାଭଳି ଦୁଇଟି ଶଙ୍ଖ ରଖନ୍ତୁ ନାହିଁ।
- ଘର ଭିତରେ ଶିବଲିଙ୍ଗ ରଖନ୍ତୁ ନାହିଁ।
- ଘରେ ଖଣ୍ଡିତ ମୂର୍ତ୍ତି ପୂଜା କରିବା ଭଲ ନୁହେଁ।
- ଦୀପରୁ ଆଉ ଏକ ଦୀପ ଜଳାନ୍ତୁ ନାହିଁ।
- ମନ୍ଦିରରୁ ଫେରିବା ବେଳେ ଘଣ୍ଟି ବଜାଇବା ଅନୁଚିତ।


# ତମ୍ବା ମୁଦି ଧାରଣର ଲାଭ

**ହିନ୍ଦୁ ଧର୍ମରେ ସୁନା, ରୂପା ଏବଂ ତମ୍ବା ଏହି ତିନି ଧାତୁକୁ ପବିତ୍ର ବୋଲି ବିବେଚନା କରାଯାଏ। ତେଣୁ ପୂଜା-ପାଠରେ ଏହି ଧାତୁର ଉପଯୋଗ ସବୁଠୁ ଅଧିକ କରାଯାଏ। ସେହିପରି ଜ୍ୟୋତିଷରେ ନବ ଗ୍ରହ କଥା କୁହାଯାଇଥିବା ବେଳେ ସମସ୍ତ ଗ୍ରହର ଧାତୁ ବି ଅଲଗା ଅଲଗା। ଗ୍ରହର ରାଜା ସୂର୍ଯ୍ୟ ହୋଇଥିବା ବେଳେ ସୂର୍ଯ୍ୟଙ୍କ ଧାତୁ ତମ୍ବା। ତେବେ ତମ୍ବା ମୁଦି ପିନ୍ଧିବାର ଲାଭ ସମ୍ପର୍କରେ ଜାଣିବା।**

- ତମ୍ବା ମୁଦି ଅନାମିକା ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହା ଦ୍ୱାରା ଜାତକରେ ସୂର୍ଯ୍ୟଙ୍କ ଦୋଷର ପ୍ରଭାବ କମ୍ ହୁଏ।
- ଏହି ମୁଦି ଧାରଣ ଦ୍ୱାରା ମଙ୍ଗଳର ଅଶୁଭ ପ୍ରଭାବ କମ୍ ହୋଇପାରେ।
- ତମ୍ବା ମୁଦି ପ୍ରଭାବ ଯୋଗୁଁ ସୂର୍ଯ୍ୟଙ୍କ ବଳ ବଢ଼େ। ସୂର୍ଯ୍ୟ ଦେବଙ୍କ କୃପା ଦ୍ୱାରା ପରିବାର ଏବଂ ସମାଜରେ ମାନ-ସମ୍ମାନ ମିଳେ।
- ଏହି ମୁଦି ଲଗାତାର ଶରୀର ସଂସ୍ପର୍ଶରେ ରହିଥାଏ। ଫଳରେ ତମ୍ବାର ଔଷଧୀୟ ଗୁଣ ଶରୀରକୁ ମିଳେ। ଏହା ଦ୍ୱାରା ରକ୍ତ ପରିଷ୍କାର ହୁଏ।
- ତମ୍ବା ମୁଦି ପିନ୍ଧିଲେ ଶାରୀରିକ ଏବଂ ମାନସିକ ଚାପ କମ୍ ହୁଏ। ଏହା ସହିତ କ୍ରୋଧ ଉପରେ ନିୟନ୍ତ୍ରଣ ରହେ।
- ଉକ୍ତ ମୁଦି ରକ୍ତଚାପକୁ ନିୟନ୍ତ୍ରଣରେ ରଖେ। ସେହିପରି ଲଗାତାର ଏହା ତ୍ୱଚା ସଂସ୍ପର୍ଶରେ ରହିବା ଦ୍ୱାରା ତ୍ୱଚାର ଚମକ ବୃଦ୍ଧି ପାଏ।





## କ୍ୱାର୍ଟରଫାଇନାଲ୍‌ରୁ ନରୱେ ଓ ସ୍ୱିଜରଲାଣ୍ଡର ବିଦାୟ

# ସେମିରେ ଇଂଲଣ୍ଡ-ଆର୍ଜେଣ୍ଟିନା ଲଢ଼େଇ

ମାୟାମି/କାନ୍‌ସାସ୍ ସିଟି,୧୨।୭ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ୧୯୬୬ର ଚାମ୍ପିଅନ ଇଂଲଣ୍ଡ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ। ତୃତୀୟ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ୨-୧ ଗୋଲରେ ନରୱେକୁ ଓ ଶେଷ ତଥା ୪ର୍ଥ କ୍ୱାର୍ଟରରେ ଆର୍ଜେଣ୍ଟିନା ୩-୧ ଗୋଲରେ ସ୍ୱିଜରଲାଣ୍ଡକୁ ପରାସ୍ତ କରିଥିଲା। ପୂର୍ବରୁ ଟାଇଟଲ ଆଶାୟୀ ତଥା ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ୨୦୧୦ରେ ଚାମ୍ପିଅନ ସ୍ପେନ୍ ପ୍ରଥମ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଥିଲେ। ଏହି ବିଶ୍ୱକପ୍‌ରେ ପ୍ରଥମଥର ଫିଫା ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ୪ଟି ସ୍ଥାନରେ ଥିବା ଦଳ ଏବଂ ପୂର୍ବରୁ ଟାଇଟଲ ଜିତିଥିବା ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆର୍ଲିଙ୍ଗଟନରେ ମଙ୍ଗଳବାର ପ୍ରଥମ ଓ ଆଟଲାଣ୍ଟାରେ ବୁଧବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଉଭୟ ମୁକାବିଲା ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ସେହିଭଳି ନ୍ୟୁୟର୍କର ନ୍ୟୁଜର୍ସୀର ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ରାତି ୧୨ଟା ୩୦ରେ ଗ୍ରାଣ୍ଡଫାଇନାଲ ଅନୁଷ୍ଠିତ ହେବ। ସେହିପରି ତୃତୀୟ ଓ ଚତୁର୍ଥ ସ୍ଥାନିତ ମ୍ୟାଚ୍ ଲାଗି ସେମିଫାଇନାଲରେ ପରାଜିତ ଦୁଇ ଦଳ ମଧ୍ୟରେ ଶନିବାର ରାତି ୨ଟା ୩୦ ମିନିଟ୍‌ରେ ଲଢ଼େଇ ହେବ। ଏହି ପ୍ରତିଯୋଗିତାରେ ଇଂଲଣ୍ଡ ଚତୁର୍ଥଥର ଓ ଆର୍ଜେଣ୍ଟିନା ଷଷ୍ଠଥର ଲାଗି ସେମିଫାଇନାଲରେ ପ୍ରବେଶ କରିଛି।





## ବେଲିଂହାମ୍‌ଙ୍କ କମାଲ୍

ମାୟାମିରେ ଇଂଲଣ୍ଡ ଓ ନରୱେ ମଧ୍ୟରେ ଖେଳାଯାଇଥିବା ତୃତୀୟ କ୍ୱାର୍ଟରଫାଇନାଲ ବେଶ ଆକର୍ଷଣୀୟ ହୋଇଥିଲା। ଆରମ୍ଭରୁ ଉଭୟ ଦଳ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ। ଖେଳର ୩୬ତମ ମିନିଟ୍‌ରେ ନରୱେର ଅଧିନାୟକ ଓଡେଗାର୍ଡଙ୍କଠାରୁ ପାସ୍ ପାଇ ଯୁବ ଖେଳାଳି ଆନ୍ଦ୍ରିଆସ ଶେଲଡରୂପ ଏକ ଶକ୍ତିଶାଳୀ ସଟ୍ ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ଖାଇବା ପରେ ଇଂଲଣ୍ଡର ଆକ୍ରମଣ ଶାଣିତ ହୋଇଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ (୪୫+୨)ରେ ଗର୍ଡନଙ୍କ କ୍ରସ୍‌କୁ ଚମତ୍କାର ଭଙ୍ଗୀରେ ଜୁଡ ବେଲିଂହାମ୍ ନରୱେ ପୋଷ୍ଟକୁ ପଠାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେବାରେ ସଫଳ ନ ହେବାରୁ ଅତିରିକ୍ତ ସମୟର ସାହାଯ୍ୟ ନିଆଯାଇଥିଲା। ଅତିରିକ୍ତ ସମୟ ଆରମ୍ଭର ମାତ୍ର ତୃତୀୟ ମିନିଟ୍‌ରେ ଇଂଲଣ୍ଡର ମୋର୍ଗାନ ରୋଜର୍ସ ଏକ ସଟ୍ ପୋଷ୍ଟକୁ ମାରିଥିଲେ। ନରୱେ ଗୋଲରକ୍ଷକ ନାଇଲାଣ୍ଡଙ୍କ ହାତରେ ବଲ ବାଜି ଫେରି ଆସୁଥିବାର ସୁଯୋଗ ନେଇ ସେଠାରେ ଥିବା ବେଲିଂହାମ୍ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ବେଲିଂହାମ ଇଂଲଣ୍ଡ ପକ୍ଷରୁ ଏହି ମ୍ୟାଚ୍‌ରେ ଦ୍ୱିତୀୟ ଓ ବିଶ୍ୱକପ୍‌ରେ ଷଷ୍ଠ ଗୋଲ ସ୍କୋର କରିଥିଲେ। ଏହାପରେ ନରୱେ ମ୍ୟାଚକୁ ଫେରିବାକୁ ପ୍ରଚେଷ୍ଟା କରିଥିଲେ ମଧ୍ୟ କିନ୍ତୁ ଏଥିରେ କେହି ସଫଳ ହୋଇ ପାରି ନ ଥିଲା।

## ଆର୍ଜେଣ୍ଟିନା ୩, ସ୍ୱିଜରଲାଣ୍ଡ-୧

କାନ୍‌ସାସ୍ ସିଟିରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ସ୍ୱିଜରଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ କ୍ୱାର୍ଟର ବେଶ ଘଟଣାବହୁଳ ରହିଥିଲା। ୧୯୫୪ ପରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳୁଥିବା ସ୍ୱିଜରଲାଣ୍ଡ ଅନୁମାନଠାରୁ ଅଧିକ ଭଲ ଖେଳିଥିଲା। ଖେଳର ୧୦ ମିନିଟ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଲିଓନେଲ ମେସିଙ୍କ କର୍ଣ୍ଣର ପାସ୍‌କୁ ଆଲିଷ୍ଟର ହେଡର ଜରିଆରେ ଗୋଲ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ରିକାର୍ଡୋ ରୋଡ୍ରିଗ୍ୱେଜ୍‌ଙ୍କଠାରୁ କ୍ରସ୍ ପାସ୍ ପାଇ ଡାନ୍ ଏନ୍‌ଡୋଏ ସ୍ୱିଜରଲାଣ୍ଡ ପାଇଁ ଏହି ଗୋଲଟି ଶୁଝିଦେଇଥିଲେ। ଫଳରେ ମ୍ୟାଚ ୧-୧ ଗୋଲର ସମାନସ୍ତରକୁ ଆସିଥିଲା। ନିର୍ଦ୍ଧାରିତ ସମୟରେ ଆଉ କୌଣସି ଗୋଲ୍ ନ ହେବାରୁ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଏଥିରେ ଆର୍ଜେଣ୍ଟିନା ପକ୍ଷରୁ ଜୁଲିଆନ୍ ଆଲଭାରେଜ ଓ ଲୌଟାରୋ ମାର୍ଟିନେଜ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ୩-୧ରେ ବିଜୟୀ କରିବା ସହ ଟାଇଟଲ ଡିଫେଣ୍ଡ କରିବାକୁ ଆଉ ଏକ ସୁଯୋଗ ଦେଇଥିଲେ। ୧୧୨ତମ ମିନିଟ୍‌ରେ ଜୁଲିଆନା ଆଲଭାରେଜ ଓ ଏହାର ଆଉ ୮ ମିନିଟ୍ ପରେ ଶେଷ ହ୍ୱିସଲ ବାଜିବା ପୂର୍ବରୁ ମାର୍ଟିନେଜ୍ ତୃତୀୟ ଗୋଲଟି ଦେଇଥିଲେ।

## ୯ ମ୍ୟାଚ୍ ପରେ ମେସି ନିରାଶ

କାନ୍‌ସାସ୍ ସିଟି,୧୨।୭ (ଏଜେନ୍ସି): ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲରେ ଆର୍ଜେଣ୍ଟିନା ୩-୧ ଗୋଲରେ ସ୍ୱିଜରଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। କିନ୍ତୁ ଅଧିନାୟକ ତଥା ତାରକା ଖେଳାଳି ଲିଓନେଲ ମେସି ଏହି ମ୍ୟାଚ୍‌ରେ ଗୋଲ ଦେବାରେ ବିଫଳ ହୋଇଛନ୍ତି। ଫଳରେ କ୍ରମାଗତ ୯ଟି ମ୍ୟାଚ୍‌ରେ ଗୋଲ ଦେବା ପରେ ମେସିଙ୍କ ଗୋଲ ସ୍କୋରିଂରେ ବ୍ରେକ୍ ଲାଗିଛି। କେବଳ ମେସି ନୁହଁନ୍ତି କ୍ୱାର୍ଟରରେ ନରୱେର ସୁପରଷ୍ଟାର ଏର୍ଲିଂ ହଲାଣ୍ଡ, ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍, ରାଉଣ୍ଡ ଅଫ୍ ୧୬ରେ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଛନ୍ତି। ଚଳିତ ବିଶ୍ୱକପ୍‌ରେ ମେସି ୮ଟି, ହଲାଣ୍ଡ ୭ଟି ଓ କେନ୍ ୬ଟି ଗୋଲ ଦେଇସାରିଛନ୍ତି।

## ପ୍ରଥମ ୪ଟି ଦଳ ସେମିରେ

ଡଲାସ୍,୧୨।୭ (ଏଜେନ୍ସି): ବିଶ୍ୱକପ୍ ପୂର୍ବରୁ ଫିଫା ମାନ୍ୟତାରେ ସ୍ଥାନ ପାଇଥିବା ୪ଟି ଦଳ ପ୍ରଥମଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୯୯୨ରେ ଫିଫା ମାନ୍ୟତା ଆରମ୍ଭ ହେବା ଏହା ପ୍ରଥମଥର ସମ୍ଭବ ହୋଇଛି। ବିଶ୍ୱକପ୍ ପୂର୍ବରୁ ଫିଫା ମାନ୍ୟତାରେ ପ୍ରଥମରୁ ଚତୁର୍ଥ ସ୍ଥାନରେ ଥିବା ଆର୍ଜେଣ୍ଟିନା, ସ୍ପେନ୍, ଫ୍ରାନ୍ସ ଓ ଇଂଲଣ୍ଡ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱକପ୍ ଇତିହାସରେ ଏହାର କୌଣସି ଗୁରୁତ୍ୱ ନାହିଁ। କେବଳ ୨୦୦୨ରେ ପ୍ରଥମ ସ୍ଥାନରେ ଥିବା ବ୍ରାଜିଲ ରୋନାଲ୍ଡୋ, ନାଜରିଓ, ରିଭାଲ୍ଡୋ ଓ ରୋନାଲ୍ଡିନୋଙ୍କୁ ନେଇ ଟାଇଟଲ ଜିତିଥିଲା।

## ୱିମ୍ବଲଡନ ଟାଇଟଲ୍ ବାଜୟ ରଖିଲେ ସିନ୍ନର୍

ଲଣ୍ଡନ, ୧୨।୭ (ଏଜେନ୍ସି): ଇଟାଲୀ ତାରକା ଜାନିକ ସିନ୍ନର ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ୧୩୯ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସିନ୍ନର ୬-୭ (୭/୯), ୭-୬ (୭/୨), ୬-୩, ୬-୪ ସେଟ୍‌ରେ ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରିଥିଲେ। ଫଳରେ ସିନ୍ନର କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ସମ୍ମାନଜନକ ୱିମ୍ବଲଡନ ଟ୍ରଫି ଜିତିଛନ୍ତି। ଗତବର୍ଷ ସିନ୍ନର ଏଠାରେ କାର୍ଲୋସ ଆଲ୍‌କାରାଜଙ୍କୁ ଫାଇନାଲରେ ପରାସ୍ତ କରିଥିଲେ। ସେହିଭଳି ମୋଟ୍ ଉପରେ ଏହା ତାଙ୍କର ପଞ୍ଚମ ଗ୍ରାଣ୍ଡସ୍ଲାମ ବିଜୟ ହୋଇଛି। ଏଥର ଚାମ୍ପିଅନ ହେବା ସହ ସିନ୍ନର ୪.୮ ମିଲିୟନ ଡଲାର (ପାଖାପାଖି ୪୫.୮ କୋଟି ଟଙ୍କା) ପୁରସ୍କାର ହାସଲ କରିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ଚେକ୍ ରିପବ୍ଲିକର ଲିଣ୍ଡା ନୋସ୍କୋଭା ଚାମ୍ପିଅନ ହୋଇଥିଲେ।

## କ୍ୱାର୍ଟରଫାଇନାଲ ଅଭିଶାପ ଟଳିଲା

ମାୟାମି,୧୨।୭ (ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ହୋଇଥିଲେ ମଧ୍ୟ କ୍ୱାର୍ଟର ଫାଇନାଲକୁ ଅତିକ୍ରମ କରିବା କଷ୍ଟକର ହୋଇଥାଏ। ଚଳିତ ବିଶ୍ୱକପ୍‌କୁ ମିଶାଇଲେ ଇଂଲଣ୍ଡ ୧୧ଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ୭ଥର ପରାଜିତ ହୋଇଥିଲାବେଳେ ୪ଥର ସେମିଫାଇନାଲକୁ ଯାଇଛି। ଗତକାଲି ନରୱେ ସହ ଇଂଲଣ୍ଡ ଖେଳିଥିବା ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ନରୱେ ପ୍ରଥମ ଗୋଲ ଦେବା ପରେ ଇଂଲଣ୍ଡ ସମର୍ଥକମାନେ ଆଶଙ୍କାରେ ପଡ଼ିଯାଇଥିଲେ। କିନ୍ତୁ ଜୁଡ୍ ବେଲିଂହାମ୍‌ଙ୍କ ଡବଲ ଗୋଲ ବଳରେ ଇଂଲଣ୍ଡ କ୍ୱାର୍ଟରରେ ପରାଜୟର ଧାରା ଓ ଜୁଲାଇ ୧୧ର ଅଭିଶାପରୁ ମୁକୁଳି ନରୱେକୁ ହରାଇ ଚତୁର୍ଥଥର ସେମିଫାଇନାଲରେ ପ୍ରବେଶ କରିଛି।

## ମ୍ୟାକ୍କୁଲମ୍ ବହିଷ୍କୃତ; ‘ବାଜ୍‌ବଲ୍’ ଯୁଗର ଅନ୍ତ



ଲଣ୍ଡନ,୧୨।୭ (ଏଜେନ୍ସି): ଇଂଲଣ୍ଡ କ୍ରିକେଟରେ ପୁଣି ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଏବଂ ଅଶୋଭନୀୟ ଅଫ୍-ଫିଲ୍ଡ ଘଟଣା ଯୋଗୁଁ ଟେଷ୍ଟ ଦଳର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍କୁଲମ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି। ନିକଟରେ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସନ୍ନ୍ୟାସ ନେଇଥିଲେ। ଫଳରେ ଇଂଲଣ୍ଡର ସ୍ୱେଶାଳ ‘ବାଜ୍‌ବଲ୍’ ରଣନୀତିର ସମ୍ପୂର୍ଣ୍ଣ ଅନ୍ତ ଘଟାଇଛି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ଏହି ନିଷ୍ପତ୍ତି ପରେ ମଧ୍ୟ ମ୍ୟାକ୍କୁଲମ୍ କେବଳ ସୀମିତ ଓଭର ଦଳର କୋଚ୍ ଭାବେ ଦାୟିତ୍ୱ ତୁଲାଇବେ। ଗତ ୯ଟି ଟେଷ୍ଟ ମ୍ୟାଚ୍ ମଧ୍ୟରୁ ଇଂଲଣ୍ଡ ୭ଟିରେ ପରାଜିତ ହୋଇଛି। ଏଥିରେ ଆସେସ୍ ସିରିଜରେ ଅଷ୍ଟ୍ରେଲିଆଠାରୁ ୪-୧ ଏବଂ ଘରୋଇ ମାଟିରେ ନ୍ୟୁଜିଲାଣ୍ଡଠାରୁ ୨-୧ ସିରିଜ୍ ପରାଜୟ ସାମିଲ ରହିଛି। ଆସନ୍ତା ଅଗଷ୍ଟ ୧୯ରୁ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ତେଣୁ ଏହା ପୂର୍ବରୁ ଇଂଲଣ୍ଡ ଟେଷ୍ଟ ଦଳ ଅଧିନାୟକ ଓ ନୂଆ କୋଚ୍‌ଙ୍କ ନାମ ଘୋଷଣା ହୋଇପାରେ। ୪୪ ବର୍ଷୀୟ ମ୍ୟାକ୍କୁଲମ୍ ମେ ୨୦୨୨ରେ ପ୍ରଥମେ ଇଂଲଣ୍ଡ ଟେଷ୍ଟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାର ଦୁଇ ବର୍ଷ ପରେ, ସେ ଟେଷ୍ଟ ସହିତ ସୀମିତ ଓଭର ଫର୍ମାଟ୍‌ରେ ମଧ୍ୟ ଏହି ଗୁରୁଦାୟିତ ସମ୍ଭାଳିଥିଲେ।

## ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିଅନ



ଭୁବନେଶ୍ୱର,୧୨।୭ (ସମିସ): ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂ ୪ ୱିକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ (ଏମ୍‌ସିସି)କୁ ପରାସ୍ତ କରି ୧୬ ବର୍ଷରୁ କମ୍ ସିଦ୍ଧାନ୍ତ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏମ୍‌ସିସି ୧୨୯ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ପାରାମାଉଣ୍ଟ ୨୮.୩ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଖେଳ ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶ୍ରୀପତି ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୧୫,୦୦୦ ଏବଂ ଏମ୍‌ସିସିକୁ ଟ୍ରଫି ସହ ୧୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ଏହି ଉତ୍ସବରେ ପାରମାଉଣ୍ଟ ସ୍ପୋର୍ଟିଂର ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ ପାତ୍ର ଓ ବରିଷ୍ଠ ସଦସ୍ୟ ଡି.ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଦଳର ଶୁଭମ ପରିଡା ଫାଇନାଲର ଏବଂ ପ୍ରତିକ୍ଷୀତ ପ୍ରଧାନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଜାତୀୟ ପେଞ୍ଚକ ସିଲାଟରେ ଓଡ଼ିଶାକୁ ୭ ପଦକ

ଭୁବନେଶ୍ୱର, ୧୨।୭ (ସମିସ): ମେଘାଳୟର ଶିଲଂଠାରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିଅର ପେଞ୍ଚକ ସିଲାଟ ଚାମ୍ପିଅନସିପରେ ଓଡ଼ିଶା ଦଳ ୭ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୬ଟି କାଂସ୍ୟ ପଦକ ରହିଛି। ଏହି ସଫଳତା ଲାଗି ଓଡ଼ିଶା କ୍ରୀଡ଼ା ବିଭାଗ ସମେତ ରାଜ୍ୟ ପେଞ୍ଚକ ସିଲାଟ ସଂଘର ସଭାପତି ତାପସ ରାୟ ଚୌଧୁରୀ, ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଉପଦେଷ୍ଟା ସୁମନ ମୋଦି, ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

● ଜୁନିଅର ଏସିଆନ ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସୁପ୍ରଜିତ୍; ଗୌରୀ ପ୍ରଶିକ୍ଷକ

ଭୁବନେଶ୍ୱର, ୧୨।୭ (ସମିସ): ଚଳିତ ମାସ ୧୫ରୁ ଚୀନର ଚୁଝୋଉ ସହରରେ ଏସୀୟ ପୁରୁଷ କନିଷ୍ଠ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୧୯ତମ ସଂସ୍କରଣ





ଆରମ୍ଭ ହେବ। ଏଥିଲାଗି ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଓଡ଼ିଶାର ସୁପ୍ରଜିତ ବେହେରା ସ୍ଥାନ ପାଇଛନ୍ତି। ସେହିଭଳି ଭାରତୀୟ ଜୁନିଅର ଦଳର କୋଚ୍ ଭାବେ ଅଭିଜ୍ଞ ଗୌରୀ ଶଙ୍କର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଗତ ମେ ୧୧ରେ ଲକ୍ଷ୍ନୌରେ ଅନୁଷ୍ଠିତ ଚୟନ ଶିବିରରେ ସୁପ୍ରଜିତ ପ୍ରଭାବୀ ପ୍ରଦର୍ଶନ କରି ୩୦ ଜଣିଆ ଜାତୀୟ ଶିବିରକୁ ମନୋନୀତ ହୋଇଥିଲେ। ଏହି ଶିବିର ଜୁଲାଇ ୩ରୁ ଜାମସେଦପୁରର ଟାଟା ସ୍ପୋର୍ଟ୍ସ ପ୍ରାଙ୍ଗଣରେ ଚାଲିଥିଲା। ଯେଉଁଥିରୁ ଭାରତୀୟ ହ୍ୟାଣ୍ଡବଲ୍ ମହାସଂଘ ଚୂଡ଼ାନ୍ତ ୧୮ ଜଣିଆ ଦଳ ଘୋଷଣା କରିଛି। ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ, ପ୍ରଶାନ୍ତ ନାୟକ, ପ୍ରଣୟପାଣି ପ୍ରମୁଖ ସୁପ୍ରଜିତ ଓ ଗୌରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ଲର୍ଡ୍ସରେ ଯଷ୍ଟିକାଙ୍କ ଶତକୀୟ କୀର୍ତ୍ତିମାନ

ଲର୍ଡ୍ସ,୧୨।୭ (ଏଜେନ୍ସି)

ଯଷ୍ଟିକା ଭାଟିଆ (୧୧୩)ଙ୍କ ଦମ୍‌ଦାର ଶତକ ସହାୟତାରେ ଏଠାରେ ଚାଲିଥିବା ଏକମାତ୍ର ମହିଳା ଟେଷ୍ଟ କ୍ରିକେଟରେ ଘରୋଇ ଇଂଲଣ୍ଡ ଆଗରେ ଭାରତ ୪୫୭ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଟାର୍ଗେଟ୍‌କୁ ପିଛା

**ଐତିହାସିକ ବିଜୟ ଦ୍ୱାରରେ ଭାରତ**

କରିଥିବା ଇଂଲଣ୍ଡ ରବିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ଇନିଂସରେ ୪୦ ଓଭରରେ ୬ ୱିକେଟ ହରାଇ ୧୩୦ ରନ କରି ବିପଦରେ ପଡ଼ିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ



ହୋଇଥିବାବେଳେ ବିଜୟ ଲାଗି ଇଂଲଣ୍ଡକୁ ଆହୁରି ୩୨୭ ରନ ଓ ଭାରତକୁ ମାତ୍ର ୪ ୱିକେଟ୍ ଆବଶ୍ୟକ ହେଉଛି। ତେଣୁ ଭାରତ ଲର୍ଡ୍ସରେ ଐତିହାସିକ ବିଜୟ ଦ୍ୱାରଦେଶରେ ରହିଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ୨୮୫ ରନ୍ ଜବାବରେ ଇଂଲଣ୍ଡ ୧୭୦ ରନ୍ କରିଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼ ୫ ୱିକେଟ ନେଇଥିଲେ। ୧୧୫ ରନ୍‌ରେ ଅଗ୍ରଣୀ ହୋଇଥିବା ଭାରତ ୭ ୱିକେଟ ହରାଇ ୩୪୧ ରନ୍‌ରେ ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ଭାଟିଆ ୧୫୮ ବଲ୍‌ରେ ୧୧୩, ସ୍ମୃତି ମନ୍ଧାନା ୭୦ ଓ ରିଚା ଘୋଷ ଅପରାଜିତ ୫୨ ରନ୍ କରିଥିଲେ। ଯଷ୍ଟିକା ଏଥିସହ ଲର୍ଡ୍ସ ଗ୍ରାଉଣ୍ଡ ଇତିହାସରେ ପ୍ରଥମ ମହିଳା କ୍ରିକେଟର୍ ଭାବେ ଟେଷ୍ଟରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଇଂଲଣ୍ଡ ପକ୍ଷରୁ ସୋଫି ଇକଲେଷ୍ଟୋନ ୫ଟି ୱିକେଟ ପାଇଥିଲେ।

## ୧୬୦୫ ଦିନ ପରେ ଶୀର୍ଷ ସ୍ଥାନ ହରାଇଲା ଭାରତ

ରୋଜ୍‌ବାଉଲ,୧୨।୭ (ଏଜେନ୍ସି): ଇଂଲଣ୍ଡ ନିକଟରୁ ୫ମ ତଥା ଶେଷ ଟି-୨୦ ମୁକାବିଲାରେ ଭାରତ ୫୬ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ଭାରତ ଦୀର୍ଘ ୧୬୦୫ ଦିନ ଆଇସିସି ନଂ-୧ ମାନ୍ୟତାରେ ରହିବା ପରେ ଇଂଲଣ୍ଡ ଏହି ସ୍ଥାନ ହାସଲ କରିଛି। ଟି-୨୦ ଇତିହାସରେ ଭାରତ ପ୍ରଥମଥର ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଜିତିବାରେ ସମର୍ଥ ହୋଇନାହିଁ। ଏହା ପରେ ଜିମ୍ବାୱେ ଗସ୍ତରେ ଭାରତ ସିରିଜ୍ ସୁଇପ କଲେ ନଂ-୧ ମାନ୍ୟତାକୁ ଫେରିବାର ସମ୍ଭାବନା ରହିଛି। ଏହା ମଧ୍ୟରେ ଆଘାତ ଯୋଗୁ ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ଓ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ଦିଆଯାଇଛି। ଏମାନଙ୍କ ସ୍ଥାନରେ ପ୍ରିନ୍ସ ଯାଦବ ଓ ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS